

ମାଡ୍ରିଡ୍ ଓପନ୍ ଜିତିଲେ ସିନ୍ନର୍

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-306 •TUESDAY •05 MAY 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୩୦୬ •ମଙ୍ଗଳବାର •୦୫ ମେ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# ବିଜେପିର ବଙ୍ଗ ବିଜୟ

**ତାମିଲନାଡୁରେ ଟିଭିକେ**
**କେରଳରେ କଂଗ୍ରେସ**
**ଆସାମରେ ବିଜେପି**
**ପୁଡୁଚେରୀରେ ଏନ୍‌ଡିଏ**

| ପଶ୍ଚିମବଙ୍ଗ ୨୯୪ | |
|---|---|
| ବିଜେପି | ୨୦୬ |
| ଟିଏମ୍‌ସି | ୮୧ |
| କଂଗ୍ରେସ | ୦୨ |
| ଅନ୍ୟାନ୍ୟ | ୦୪ |

| ତାମିଲନାଡୁ ୨୩୪ | |
|---|---|
| ଟିଭିକେ | ୧୦୭ |
| ଡିଏମକେ | ୭୪ |
| ଏଡିଏମକେ | ୫୨ |
| ଅନ୍ୟାନ୍ୟ | ୦୧ |

| କେରଳ ୧୪୦ | |
|---|---|
| ୟୁଡିଏଫ୍ | ୮୯ |
| ଏଲ୍‌ଡିଏଫ୍ | ୩୫ |
| ବିଜେପି | ୦୩ |
| ଅନ୍ୟାନ୍ୟ | ୧୩ |

| ଆସାମ ୧୨୬ | |
|---|---|
| ବିଜେପି | ୧୦୨ |
| କଂଗ୍ରେସ | ୨୧ |
| ୟୁଡିଏଫ୍ | ୦୨ |
| ଅନ୍ୟାନ୍ୟ | ୦୧ |

| ପୁଡୁଚେରୀ ୩୦ | |
|---|---|
| ବିଜେପି+ | ୧୮ |
| କଂଗ୍ରେସ+ | ୦୬ |
| ଅନ୍ୟାନ୍ୟ | ୦୬ |

■ ନୂଆଦିଲ୍ଲୀ, ୪।୫(ଏଜେନ୍ସି): ପଶ୍ଚିମବଙ୍ଗରେ ଦୀର୍ଘ ୧୫ ବର୍ଷ ଧରି ଶାସନରେ ଥିବା ମମତା ବାନାର୍ଜୀଙ୍କୁ ପରାସ୍ତ କରି ଇତିହାସ ରଚିଛି ବିଜେପି। ତାମିଲନାଡୁରେ ଷ୍ଟାଲିନଙ୍କ ଡିଏମ୍‌କେ ସରକାରକୁ କ୍ଷମତାଚ୍ୟୁତ କରି ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି ନବଗଠିତ ଟିଭିକେ। ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ଅନୁଷ୍ଠିତ ବିଧାନସଭା ନିର୍ବାଚନର ଫଳାଫଳ ଆଜି ବିରୋଧୀଙ୍କ ଶିବିରରେ ଏଭଳି ତାଣ୍ଡବ ରଚାଇଛି। ଆସାମରେ ବିଜେପି ପୂର୍ବ ଅପେକ୍ଷା ଅଧିକ ଆସନ ପାଇ କ୍ଷମତା ବଜାୟ ରଖିଥିବା ବେଳେ କେରଳରେ ୧୦ ବର୍ଷ ଧରି କ୍ଷମତାରେ ଥିବା ବିଜୟନଙ୍କ ବାମ ସାମ୍ମୁଖ୍ୟ ସରକାରକୁ ଚିତ୍‌ପଟାଙ୍ଗ କରିଛି କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍। କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ବିଜେପି ମେଣ୍ଟ କ୍ଷମତା ବଜାୟ ରଖିଛି। ଆଜିର ନିର୍ବାଚନ ଫଳାଫଳ ଏବଂ ବିଶେଷକରି ପଶ୍ଚିମବଙ୍ଗ ଏବଂ ତାମିଲନାଡୁର ଫଳାଫଳ ଜାତୀୟ ରାଜନୀତିକୁ ଏକ ନୂଆ ମୋଡ଼ ଦେବାକୁ ଯାଉଛି।

ମମତା ବାନାର୍ଜୀଙ୍କ ପରାଜୟ ବିଜେପିର ସବୁଠାରୁ ବଡ଼ ସଫଳତା ରୂପେ ବିଚାର କରାଯାଉଛି। ମମତାଙ୍କୁ ହରାଇ ବିଜେପି କେବଳ ଜଣେ ଟାଣୁଆ ବିରୋଧୀ ଦଳର ନେତ୍ରୀଙ୍କୁ ହରାଇନାହିଁ; ଏହା ଆଞ୍ଚଳିକ ଦଳର ମେରୁଦଣ୍ଡକୁ ମଧ୍ୟ ଭାଙ୍ଗିଦେଇଛି।

## ହାରିଲେ ୨ ମୁଖ୍ୟମନ୍ତ୍ରୀ: ମମତା ଓ ଷ୍ଟାଲିନ୍

ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ହୋଇଥିଲେ ମଧ୍ୟ ସାରା ଦେଶର ନଜର ପଶ୍ଚିମ ବଙ୍ଗ ଉପରେ ରହିଥିଲା। ପଶ୍ଚିମବଙ୍ଗ ଜିତିବା ଲାଗି ବିଜେପି ଗତ ୧୦ ବର୍ଷ ଧରି ସଂଘର୍ଷ କରିଥିଲେ ମଧ୍ୟ ଏଥର ସ୍ୱତନ୍ତ୍ର ରଣନୀତି ସହିତ ମଇଦାନକୁ ଓହ୍ଲାଇଥିଲା। ବିଜେପି ବିରୋଧରେ ବାହାରେ ରଣହୁଙ୍କାର ଦେଉଥିଲେ ମଧ୍ୟ ମମତାଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏହାର ମୁକାବିଲା କରିବାରେ ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଥିବା ଆଜିର ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି। ପଶ୍ଚିମବଙ୍ଗରେ ଟିଏମ୍‌ସିର ଶକ୍ତିଶାଳୀ ଦୁର୍ଗ ରୂପେ ପରିଚିତ ନିର୍ବାଚନମଣ୍ଡଳୀଗୁଡ଼ିକୁ ଟାର୍ଗେଟ କରି ବିଜେପି ଯେଉଁ ରଣନୀତି ତିଆରି କରିଥିଲା, ସେଥିରେ ସଫଳ ହୋଇଛି। ନିର୍ବାଚନରେ ଟିଏମ୍‌ସିର ସେହି ଦୁର୍ଗଗୁଡ଼ିକ ଭୁଶୁଡ଼ି ପଡ଼ିଛି। ଟିଏମ୍‌ସିର ତଳିଆ କର୍ମକର୍ତ୍ତାଙ୍କ ବିରୋଧରେ ଜନଆକ୍ରୋଶ, ନିର୍ବାଚନ ପ୍ରଚାର ଅଭିଯାନରେ ସାଂପ୍ରଦାୟିକ ଭିତ୍ତିରେ ଧ୍ରୁବୀକରଣ ଏବଂ ଏସ୍‌ଆଇଆର ମମତା ସରକାର ପତନର ଅନ୍ୟତମ ପ୍ରମୁଖ କାରଣ ବୋଲି କୁହାଯାଉଛି। ମୋଦୀ ହାୱା ସତ୍ତ୍ୱେ ଗତ ନିର୍ବାଚନରେ ୨୧୫ ଆସନ ଜିତିଥିବା ମମତାଙ୍କ ଟିଏମସି ଏଥର ମାତ୍ର ୮୧ଟି ଆସନ ସହ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଟିଏମ୍‌ସିର ଏମିତି ଶୋଚନୀୟ ପରାଜୟ କେବଳ ବିରୋଧୀଙ୍କୁ ନୁହେଁ; ରାଜନୀତି ବିଶ୍ଳେଷକମାନଙ୍କୁ ମଧ୍ୟ ହତବାକ୍ କରିଦେଇଛି। ରାଜ୍ୟ ବିଧାନସଭାର ୨୯୪ ଆସନ ମଧ୍ୟରୁ ୨୦୬ ଆସନ ଦଖଲ କରି ବିଜେପି ପ୍ରଥମ ଥର ଲାଗି ସରକାର ଗଠନ କରିବାକୁ ଯାଉଛି। ଓଡ଼ିଶା ଓ ବିହାର ପରେ ପଶ୍ଚିମବଙ୍ଗ ହେଉଛି ଏମିତି ରାଜ୍ୟ ଯେଉଁଠାରେ କି ▶ପୃଷ୍ଠା-୧୧

## 'ଗଙ୍ଗୋତ୍ରୀରୁ ଗଙ୍ଗାସାଗର ଯାଏଁ ପଦ୍ମ'



**ସମୃଦ୍ଧ ଭାରତର ୩ ସ୍ତମ୍ଭ- ଅଙ୍ଗ, ବଙ୍ଗ, କଳିଙ୍ଗ**

ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀରେ ବିଜେପିର ବିଜୟ ଯାତ୍ରାକୁ ନେଇ ସାମାଜିକ ଗଣମାଧ୍ୟମରେ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଅନୁରୂପ ଭାବରେ ନୂଆଦିଲ୍ଲୀରେ ଦଳର ମୁଖ୍ୟାଳୟରେ ଦଳୀୟ କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ପ୍ରଦାନ ଅବସରରେ ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଅବିସ୍ମରଣୀୟ ବୋଲି ଅଭିହିତ କରି ଗଙ୍ଗୋତ୍ରୀରୁ ଗଙ୍ଗାସାଗର ପର୍ଯ୍ୟନ୍ତ ପଦ୍ମ ଫୁଟିଛି ଓ ଦଳର କର୍ମକର୍ତ୍ତାଙ୍କ ବର୍ଷ ବର୍ଷର କଠିନ ପରିଶ୍ରମ ସଫଳତାରେ ପରିଣତ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଅତୀତରେ ସମୃଦ୍ଧ ଭାରତର ତିନିଟି ଦୃଢ଼ ସ୍ତମ୍ଭ ଥିଲା ଅଙ୍ଗ-ବଙ୍ଗ-କଳିଙ୍ଗ । କଳିଙ୍ଗ ଭାରତ ମହାସାଗରରେ ସାମୁଦ୍ରିକ ବାଣିଜ୍ୟର ରାଜା ଥିଲା। ନାଳନ୍ଦା ଏବଂ ବିକ୍ରମଶିଳା ଭଳି ଶିକ୍ଷା କେନ୍ଦ୍ର ଅଙ୍ଗକୁ ସମୃଦ୍ଧ କରିଥିଲା ▶ପୃଷ୍ଠା-୧୧

## ହାଇୱାକୁ ପିଟିଲା ବୋଲେରୋ
# ୫ ବରଯାତ୍ରୀ ମୃତ, ୯ ଗୁରୁତର



■ କବାଟବନ୍ଧ/ବଡ଼ଚଣା, ୪।୫ (ସମିସ): ସୋମବାର ସକାଳେ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଏକ ଛାତିଥରା ଦୁର୍ଘଟଣା ଘଟି ୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୯ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ମୃତାହତ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ବୋଲି ଜଣାପଡ଼ିଛି।

**ମୁଖ୍ୟମନ୍ତ୍ରୀଙ୍କ ଶୋକ; ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା**

ସୂଚନାନୁସାରେ, ରବିବାର ବଡ଼ଚଣା ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର କିଛି ଲୋକ କେନ୍ଦୁଝର ଜିଲ୍ଲାରେ ଏକ ବିବାହ ଉତ୍ସବକୁ ବରଯାତ୍ରୀ ଭାବେ ଯାଇଥିଲେ। ସେଠାରେ କାର୍ଯ୍ୟକ୍ରମ ସାରି ଫେରୁଥିବା ବେଳେ ନିଜ ଗାଁଠାରୁ ମାତ୍ର ୨୦ କିଲୋମିଟର ପୂର୍ବରୁ ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥର ବରଡ଼ା ଛକ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ବରଯାତ୍ରୀ ନେଇ ଫେରୁଥିବା ବୋଲେରୋଟି ଏକ ହାଇୱାକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବୋଲେରୋରେ ଥିବା ୧୪ ବରଯାତ୍ରୀଙ୍କ ମଧ୍ୟରୁ ୫ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ୯ଯାତ୍ରୀ ଗୁରୁତର ▶ପୃଷ୍ଠା-୧୧


7001/19/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ରବି ଧାନ ସଂଗ୍ରହ ବର୍ଷ ୨୦୨୫-୨୦୨୬

ଚଳିତ ରବି ଋତୁ (୨୦୨୫-୨୬) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ଧାନ କ୍ରୟ କରିବେ। ଏଥିପାଇଁ ଚାଷୀମାନେ ସେମାନଙ୍କ ଟୋକନ୍ ମୁତାବକ ନିର୍ଦ୍ଧାରିତ ତାରିଖରେ ଧାନକ୍ରୟ କେନ୍ଦ୍ର ( PPC ) କୁ ଧାନ ଆଣିବାକୁ ଅନୁରୋଧ।

ଧାନ ସଂଗ୍ରହ ସମୟ - ୧ ମଇ ରୁ ୩୦ ଜୁନ୍ ୨୦୨୬



• ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହ ଇନ୍‌ପୁଟ୍ ସହାୟତା ବାବଦରେ ଚାଷୀମାନଙ୍କୁ ପ୍ରଦାନ କରାଯାଉଛି କ୍ୱିଣ୍ଟାଲ ପିଛା ୩,୧୦୦ ଟଙ୍କା
• ଧାନ ସଂଗ୍ରହର ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କୁ ମିଳିବ ପ୍ରାପ୍ୟ

ଅଧିକ ବିବରଣୀ ପାଇଁ, ଦେୟମୁକ୍ତ ହେଲ୍ପଲାଇନ୍ ନମ୍ବର ୧୯୬୭ ରେ ଯୋଗାଯୋଗ କରନ୍ତୁ।

OIPR-7001/7007/2/26-27/0001

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | ସମବାୟ ବିଭାଗ | କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର



## ପଶ୍ଚିମ ବଙ୍ଗ - ୨୯୪

| ବିଜେପି | ଟିଏମ୍‌ସି | କଂଗ୍ରେସ | ଅନ୍ୟାନ୍ୟ |
|---|---|---|---|
| ୨୦୬ | ୮୧ | ୦୨ | ୦୪ |

| ୨୦୨୧ | ମେଣ୍ଟ | ୨୦୨୬ | ଲାଭ/କ୍ଷତି |
|---|---|---|---|
| ୭୭ | ବିଜେପି | ୨୦୬ | +୧୨୯ |
| ୨୧୪ | ଟିଏମ୍‌ସି | ୮୧ | -୧୩୩ |
| ୦୦ | କଂଗ୍ରେସ | ୦୨ | +୦୨ |
| ୦୨ | ଅନ୍ୟାନ୍ୟ | ୦୪ | +୦୨ |

## ତାମିଲନାଡୁ - ୨୩୪

| ଟିଭିକେ | ଡିଏମକେ+ | ଏଡିଏମକେ + | ଅନ୍ୟାନ୍ୟ |
|---|---|---|---|
| ୧୦୭ | ୭୧ | ୫୪ | ୦୨ |

| ୨୦୨୧ | ମେଣ୍ଟ | ୨୦୨୬ | ଲାଭ/କ୍ଷତି |
|---|---|---|---|
| ୦୦ | ଟିଭିକେ | ୧୦୭ | +୧୦୭ |
| ୧୫୯ | ଡିଏମକେ | ୭୧ | -୮୮ |
| ୭୫ | ଏଡିଏମକେ | ୫୪ | -୨୧ |
| ୦୦ | ଅନ୍ୟାନ୍ୟ | ୦୨ | +୦୨ |

## କେରଳମ - ୧୪୦

| ୟୁଡିଏଫ୍ | ଏଲଡିଏଫ୍ | ବିଜେପି | ଅନ୍ୟାନ୍ୟ |
|---|---|---|---|
| ୮୫ | ୩୭ | ୦୩ | ୧୫ |

| ୨୦୨୧ | ମେଣ୍ଟ | ୨୦୨୬ | ଲାଭ/କ୍ଷତି |
|---|---|---|---|
| ୪୦ | ୟୁଡିଏଫ୍ | ୮୫ | +୪୫ |
| ୯୨ | ଏଲଡିଏଫ୍ | ୩୭ | -୫୫ |
| ୦୦ | ବିଜେପି | ୦୩ | +୦୩ |
| ୦୮ | ଅନ୍ୟାନ୍ୟ | ୧୫ | +୦୭ |

## ଆସାମ - ୧୨୬

| ବିଜେପି+ | କଂଗ୍ରେସ | ୟୁଡିଏଫ୍ | ଅନ୍ୟାନ୍ୟ |
|---|---|---|---|
| ୧୦୨ | ୧୯ | ୦୨ | ୦୩ |

| ୨୦୨୧ | ମେଣ୍ଟ | ୨୦୨୬ | ଲାଭ/କ୍ଷତି |
|---|---|---|---|
| ୭୩ | ବିଜେପି | ୧୦୨ | +୨୯ |
| ୩୧ | କଂଗ୍ରେସ | ୧୯ | -୧୨ |
| ୧୬ | ୟୁଡିଏଫ୍ | ୦୨ | -୧୪ |
| ୦୬ | ଅନ୍ୟାନ୍ୟ | ୦୩ | -୦୩ |

## ପୁଡୁଚେରୀ - ୩୦

| ବିଜେପି+ | କଂଗ୍ରେସ | ଟିଭିକେ | ଅନ୍ୟାନ୍ୟ |
|---|---|---|---|
| ୧୮ | ୦୬ | ୦୨ | ୦୪ |

| ୨୦୨୧ | ମେଣ୍ଟ | ୨୦୨୬ | ଲାଭ/କ୍ଷତି |
|---|---|---|---|
| ୧୬ | ବିଜେପି | ୧୮ | +୦୨ |
| ୦୮ | କଂଗ୍ରେସ | ୦୬ | -୦୨ |
| ୦୦ | ଟିଭିକେ | ୦୨ | +୦୨ |
| ୦୩ | ଅନ୍ୟାନ୍ୟ | ୦୪ | +୦୧ |









# ଟିଏମ୍‌ସି ଗଡ଼ ଓ ମୁସଲିମ୍ ଅଞ୍ଚଳରେ ପଶିଲା ବିଜେପି

କୋଲକାତା,୪।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଗଣତିରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ତୃଣମୂଳ କଂଗ୍ରେସର ଗଡ଼ କୁହାଯାଉଥିବା ମୁସଲିମ ବହୁଳ ଆସନଗୁଡ଼ିକରେ ବିଜେପି ବଡ଼ ବିଜୟ ଆଡ଼କୁ ଅଗ୍ରସର ହେଉଛି। ପ୍ରାୟ ୧୩୫ଟି ମୁସଲିମ ବହୁଳ ଆସନ ମଧ୍ୟରୁ ବିଜେପି ୮୦ରୁ ଅଧିକ ଆସନରେ ଆଗୁଆ ରହିଛି। ଶୁଭେନ୍ଦୁ ଅଧିକାରୀଙ୍କ ଅନୁଯାୟୀ, ମାଲଦା, ମୁର୍ଶିଦାବାଦ ଏବଂ ଉତ୍ତର ଦିନାଜପୁର ଭଳି ଅଞ୍ଚଳରେ ମୁସଲିମ ଭୋଟ୍ ବିଭାଜନ ବିଜେପିକୁ ଫାଇଦା ଦେଇଛି। ମମତା ବାନାର୍ଜୀଙ୍କ ଦଳ ଏହି ସ୍ଥାନଗୁଡ଼ିକରେ ମାତ୍ର ୫୦ଟି ଆସନରେ ସଫଳ ହୋଇଛି, ଯାହା ୨୦୨୧ ତୁଳନାରେ ବହୁତ କମ୍। ଏହି ନିର୍ବାଚନରେ ପଶ୍ଚିମବଙ୍ଗରେ ରେକର୍ଡ ସଂଖ୍ୟକ ପ୍ରାୟ ୯୨.୪୭% ମତଦାନ ହୋଇଥିଲା। ୨୦୨୧ରେ ଟିଏମ୍‌ସି ଏହି ୧୩୫ଟି ଆସନରୁ ୧୧୯ଟି ଜିତିଥିବା ବେଳେ ଏଥର ବିଜେପି ସେହି ଗଡ଼ ଦୋହଲାଇବାରେ ସଫଳ ହୋଇଛି। ପଶ୍ଚିମବଙ୍ଗ ରାଜନୀତିରେ ମୁସଲିମ ଭୋଟରଙ୍କ ସମର୍ଥନ ଏବେ ଆଉ କୌଣସି ଗୋଟିଏ ଦଳ ପାଇଁ ସୀମିତ ହୋଇ ରହିନାହିଁ। ଏହି ଫଳାଫଳ ରାଜ୍ୟରେ ଏକ ବଡ଼ ରାଜନୈତିକ ପରିବର୍ତ୍ତନର ସଙ୍କେତ ଦେଉଛି।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ବହୁମତ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଅନ୍ୟ ଛୋଟ ଦଳଗୁଡ଼ିକ ବିଶେଷ ପ୍ରଭାବ

### ଫେଲ୍ ମାରିଲେ ହୁମାୟୁନ୍ କବୀର ଓ ଓୱେସି

ପକାଇବାରେ ବିଫଳ ହୋଇଛନ୍ତି। ବିଶେଷ କରି ହୁମାୟୁନ୍ କବୀରଙ୍କ 'ଆମ୍ ଜନତା ଉନ୍ନୟନ ପାର୍ଟି' ଏବଂ ଅସାଦୁଦ୍ଦିନ ଓୱେସିଙ୍କ 'ଏଆଇଏମ୍‌ଆଇଏମ୍'ର ପ୍ରଦର୍ଶନ ଆଶାନୁରୂପ ହୋଇନାହିଁ। ଆମ୍ ଜନତା ଉନ୍ନୟନ ପାର୍ଟି (ହୁମାୟୁନ୍ କବୀର) ଦଳ ରାଜ୍ୟର ୨୯୪ଟି ଆସନ ମଧ୍ୟରୁ ୧୮୨ଟିରେ ପ୍ରାର୍ଥୀ ଦେଇଥିଲା। ତେବେ ଦଳ ମାତ୍ର ୨ଟି ଆସନରେ ଆଗୁଆ ରହିଛି। ପାର୍ଟି ମୁଖ୍ୟ ହୁମାୟୁନ୍ କବୀର ନିଜେ ରେଜିନଗର (୨୫,୭୦୨ ଭୋଟ୍ ବ୍ୟବଧାନ) ଏବଂ ନୱାଦା (୧୧,୮୨୮ ଭୋଟ୍ ବ୍ୟବଧାନ) ଆସନରେ ଆଗୁଆ ଅଛନ୍ତି। ଅନ୍ୟ ସମସ୍ତ ଆସନରେ ଦଳର ପ୍ରାର୍ଥୀମାନେ ପଛୁଆ ରହିଛନ୍ତି। ସେହିପରି ଏଆଇଏମ୍‌ଆଇଏମ୍(ଅସାଦୁଦ୍ଦିନ ଓୱେସି) ଏଥର ଏକାକୀ ନିର୍ବାଚନ ଲଢ଼ିଛି।

ହୁମାୟୁନ୍ କବୀରଙ୍କ ସହ ମେଣ୍ଟ ଭାଙ୍ଗିବା ପରେ ଓୱେସିଙ୍କ ଦଳ ଏକାକୀ ୧୨ଟି ଆସନରେ ନିର୍ବାଚନ ଲଢ଼ିଥିଲା। ଏଆଇଏମ୍‌ଆଇଏମ୍ ବର୍ତ୍ତମାନ ସୁଦ୍ଧା କୌଣସି ବି ଆସନରେ ଆଗୁଆ ନାହିଁ। ମୋଥାବାରି, ସୁଜାପୁର ଏବଂ ଆସନସୋଲ ଉତ୍ତର ଭଳି ପ୍ରମୁଖ ଆସନରେ ଦଳର ପ୍ରାର୍ଥୀମାନେ ଶୋଚନୀୟ ଭାବେ ପରାଜିତ ହେବା ପଥରେ ଅଛନ୍ତି। ପଶ୍ଚିମବଙ୍ଗରେ ଏଥର ମୁଖ୍ୟତଃ ବିଜେପି ଓ ତୃଣମୂଳ କଂଗ୍ରେସ ମଧ୍ୟରେ ସିଧାସଳଖ ଲଢେଇ ହୋଇଛି। ଯଦିଓ ଏହି ଦୁଇ ଦଳ ମୁସଲିମ ଭୋଟ୍ ବ୍ୟାଙ୍କକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଭୋଟରମାନେ ସେମାନଙ୍କୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିବା ଜଣାପଡ଼ୁଛି।

# ତାମିଲନାଡୁ ରାଜନୀତିରେ 'ବିଜୟ' ଅଭ୍ୟୁଦୟ

ଚେନ୍ନାଇ୪।୫(ଏଜେନ୍ସି): ଦାକ୍ଷିଣାତ୍ୟ ରାଜନୀତିର କ୍ରାନ୍ତିକାରୀ ଇତିହାସରେ ଏକ ନୂତନ ଅଧ୍ୟାୟ ସଂଯୋଜିତ ହେବାକୁ ଯାଉଛି। ଦୀର୍ଘ ପାଞ୍ଚ ଦଶନ୍ଧିର ପ୍ରତୀକ୍ଷା ପରେ, ରୂପେଲି ପରଦାର ମହାମାୟାକୁ ଜନସେବାର ବ୍ରତରେ ରୂପାନ୍ତରିତ କରି ସୁପରଷ୍ଟାର ବିଜୟ ଏବେ ସେଣ୍ଟ ଜର୍ଜ ଦୁର୍ଗର ଅଧୀଶ୍ୱର ହେବା ପଥରେ ଅଗ୍ରସର। ୧୯୭୭ ମସିହାରେ ମାରୁଦୁର ଗୋପାଳନ ରାମଚନ୍ଦ୍ରନ (ଏମ୍‌ଜିଆର୍)ଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସେହି ବିରଳ କୀର୍ତ୍ତିମାନକୁ ପୁନରାବୃତ୍ତି କରି ବିଜୟ ନିଜର ନବଗଠିତ 'ତାମିଲଗା ଭେଟ୍ରି କାଝାଗାମ' (ଟିଭିକେ) ମାଧ୍ୟମରେ ଏକ ନୂତନ ଯୁଗର ସୂତ୍ରପାତ କରିଛନ୍ତି।

୨୦୨୬ ବିଧାନସଭା ନିର୍ବାଚନର ପ୍ରାରମ୍ଭିକ ଗଣତି ଅନୁଯାୟୀ, ବିଜୟଙ୍କ ଦଳ ବହୁମତ ସଂଖ୍ୟା ୧୧୮ ର ନିକଟତର ହେଉଥିବା ପରିଲକ୍ଷିତ ହେଉଛି। ତାମିଲନାଡୁର ପାରମ୍ପରିକ ଦ୍ରାବିଡ଼ ରାଜନୀତିର ଦୁଇ ପ୍ରମୁଖ ସ୍ତମ୍ଭ ଡିଏମକେ ଏବଂ ଏଆଇଏଡିଏମକେ ମଧ୍ୟରେ ଏହି ତୃତୀୟ ଶକ୍ତିର ଉତ୍ଥାନ ରାଜନୈତିକ ପଣ୍ଡିତମାନଙ୍କୁ ଚକିତ କରିଛି। ୨୦୦୯ ମସିହାରୁ 'ବିଜୟ ମକ୍କାଲ ଆୟକ୍କମ' ଜରିଆରେ ଆରମ୍ଭ ହୋଇଥିବା ସମାଜସେବା ଓ ସାଂଗଠନିକ ଦକ୍ଷତା ଆଜି ନିର୍ବାଚନୀ ବୈତରଣୀ ପାର ହେବାରେ ସହାୟକ ହୋଇଛି। ବିଶେଷ କରି ଶିକ୍ଷା, ନିଯୁକ୍ତି ଏବଂ ଦୁର୍ନୀତିମୁକ୍ତ ପ୍ରଶାସନର ସଂକଳ୍ପ ଯୁବପିଢ଼ିଙ୍କୁ ବିଶେଷ ଭାବେ ଆକୃଷ୍ଟ କରିଛି। ସିନେମା ଜଗତର ଶୀର୍ଷରେ ଥାଇ ମଧ୍ୟ ଅଭିନୟ ତ୍ୟାଗ କରି ସମ୍ପୂର୍ଣ୍ଣ ରୂପେ ଜନସେବାରେ ନିଜକୁ ଉତ୍ସର୍ଗ କରିବାର ନିଷ୍ପତ୍ତି ତାଙ୍କୁ ଜନସାଧାରଣଙ୍କ ନିକଟରେ ଜଣେ ବିଶ୍ୱସନୀୟ ନେତା ଭାବେ ସ୍ଥାପିତ କରିଛି। ଗତ ବର୍ଷ କରୁରଠାରେ ଘଟିଥିବା ଦୁଃଖଦ ଦଳାଚକଟା ଘଟଣା ସମୟରେ ତାଙ୍କର ଧୈର୍ଯ୍ୟ ଓ ଦାୟିତ୍ୱବୋଧ ତାଙ୍କ ପ୍ରଶାସନିକ ପରିପକ୍ୱତାର ପ୍ରମାଣ ଦେଇଥିଲା। ବିଜୟଙ୍କ ଏହି ସଫଳତା କେବଳ ଜଣେ ଅଭିନେତାର ବିଜୟ ନୁହେଁ, ବରଂ

**୪୯ ବର୍ଷ ପରେ ପୁଣି ଇତିହାସ ରଚିବା ପଥରେ ଥାଲାପତି**

ଏହା ତାମିଲନାଡୁର ଜନମାନସରେ ପରିବର୍ତ୍ତନର ଏକ ସ୍ପଷ୍ଟ ଆହ୍ୱାନ। ଯଦି ଚୂଡ଼ାନ୍ତ ଫଳାଫଳ ତାଙ୍କ ସପକ୍ଷରେ ଯାଏ, ତେବେ ସେ ଏମ୍‌ଜିଆର୍‌ଙ୍କ ପରେ ଦ୍ୱିତୀୟ ଅଭିନେତା ଭାବେ ନିଜସ୍ୱ ଦଳ ଗଠନ କରି ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବାର ଗୌରବ ଅର୍ଜନ କରିବେ। ଏହି ଐତିହାସିକ ମୁହୂର୍ତ୍ତ ତାମିଲନାଡୁ ରାଜନୀତିର ବ୍ୟାକରଣକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବ ବୋଲି ଆଶା କରାଯାଉଛି। ଚଳଚ୍ଚିତ୍ର ଜଗତରୁ ସମ୍ପୂର୍ଣ୍ଣ ବିଦାୟ ନେଇ ସେ କେବଳ ରାଜନୀତିରେ ମନୋନିବେଶ କରିଥିଲେ, ଯାହା ଭୋଟରଙ୍କ ମନ ଜିଣିବାରେ ସଫଳ ହୋଇଛି। ବିଜୟ କେବଳ ନିଜର ଲୋକପ୍ରିୟତା ଉପରେ ନୁହେଁ, ବରଂ ଶିକ୍ଷା, ନିଯୁକ୍ତି ଏବଂ ଦୁର୍ନୀତିମୁକ୍ତ ପ୍ରଶାସନ ଉପରେ ଗୁରୁତ୍ୱ ଦେଇଥିଲେ। ୨୦୨୧ ମସିହାର ସ୍ଥାନୀୟ ସଂସ୍ଥା ନିର୍ବାଚନରେ ତାଙ୍କ ସମର୍ଥକମାନେ ଭଲ ପ୍ରଦର୍ଶନ କରିବା ଦିନଠାରୁ ହିଁ ଏହି ବିଜୟର ମୂଳଦୁଆ ପଡ଼ିଥିଲା। ଆଜିର ଏହି ଫଳାଫଳ ତାମିଲନାଡୁ ରାଜନୀତିର ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛି।

# ହିମନ୍ତଙ୍କ 'ମାମା' ମ୍ୟାଜିକ୍

ଗୌହାଟୀ,୪।୫(ଏଜେନ୍ସି): ଆସାମ ବିଧାନସଭା ନିର୍ବାଚନ ୨୦୨୬ରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱରେ ବିଜେପି ପୁଣି ଥରେ ବଡ଼ ବିଜୟ ହାସଲ କରିଛି। କଂଗ୍ରେସର ତିନି ପ୍ରମୁଖ ଆହୋମ ନେତା— ଗୌରବ ଗୋଗୋଇ, ଅଖିଳ ଗୋଗୋଇ ଏବଂ ଲୁରିନଜ୍ୟୋତି ଗୋଗୋଇଙ୍କ ମେଣ୍ଟକୁ 'ଉପର ଆସାମ'ରେ ହିମନ୍ତ ସମ୍ପୂର୍ଣ୍ଣ ଭାବେ ପରାସ୍ତ କରିଛନ୍ତି। ଆସାମରେ ହିମନ୍ତଙ୍କୁ ସ୍ନେହରେ ମାମା ଅର୍ଥାତ ମାମୁ ବୋଲି ସମ୍ବୋଧନ କରାଯାଏ। ଏଥର ମାମୁଙ୍କ ମ୍ୟାଜିକ ଅର୍ଥାତ ଯାଦୁ କାମ କରିଛି। ୩-ଜି'ର ବିଫଳତାକୁ ଆରମ୍ଭ ହୋଇଛି ଚର୍ଚ୍ଚା। ଆହୋମ ସମ୍ପ୍ରଦାୟର ଭୋଟ୍ ହାତେଇବା ପାଇଁ କଂଗ୍ରେସ ତିନିଜଣ 'ଗୋଗୋଇ' ନେତାଙ୍କୁ ମଇଦାନକୁ ଓହ୍ଲାଇଥିଲା, କିନ୍ତୁ ହିମନ୍ତଙ୍କ ବିକାଶ ଓ ହିନ୍ଦୁ ଭୋଟରଙ୍କ ଏକତ୍ରିକରଣ ଆଗରେ ଏହା ଫେଲ୍ ମାରିଲା। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ନିଜର ପାରମ୍ପରିକ ଆସନ ଜାଲୁକବାରୀରୁ ବଡ଼ ବିଜୟ ହାସଲ କରିଛନ୍ତି। ବିଜେପି ଏବେ ସୁଦ୍ଧା ୯୮ଟି ଆସନରେ ଆଗୁଆ ରହିଛି। ଉପର ଆସାମର ଅଧିକାଂଶ ଆସନ ବିଜେପି ଖାତାକୁ ଯାଇଛି। ଗୁଆହାଟୀ-ଡିବ୍ରୁଗଡ଼ ଏକ୍ସପ୍ରେସୱେ, ନୂତନ ବିଧାନସଭା ଗୃହ ଏବଂ ଶିକ୍ଷା କ୍ଷେତ୍ରରେ ଉନ୍ନତି ଯୋଗୁଁ ସ୍ଥାନୀୟ ଲୋକେ ହିମନ୍ତଙ୍କୁ 'ମାମା' ବୋଲି ସମ୍ବୋଧନ କରି ସମର୍ଥନ ଦେଇଛନ୍ତି। କଂଗ୍ରେସ ସଭାପତି ଗୌରବ ଗୋଗୋଇ ଜୋରହାଟ ଆସନରୁ ବିଜେପିର ହିତେନ୍ଦ୍ରନାଥ ଗୋସ୍ୱାମୀଙ୍କଠାରୁ ହାରିଯାଇଛନ୍ତି। ହିମନ୍ତ ବିଶ୍ୱ ଶର୍ମା କେବଳ ଆହୋମ ଭୋଟ୍ ନୁହେଁ, ବରଂ ସାରା ଆସାମରେ 'ଅନୁପ୍ରବେଶକାରୀ' ମୁଦ୍ଦା ଏବଂ ବିକାଶକୁ ନେଇ ଏକ ବଡ଼ ସଫଳତା ପାଇଛନ୍ତି।



**ଆସାମରେ ଧରାଶାୟୀ ହେଲା '୩-ଜି' ଗୋଗୋଇ ମେଣ୍ଟ**

## ଜୋରହାଟରେ ଗୌରବ ଗୋଗୋଇ ହାରିଲେ

ଗୌହାଟୀ,୪।୫(ଏଜେନ୍ସି): ଆସାମ ବିଧାନସଭା ନିର୍ବାଚନରେ କଂଗ୍ରେସ ପାଇଁ ଏକ ବଡ଼ ଧକ୍କା ଲାଗିଛି। ପ୍ରଦେଶ କଂଗ୍ରେସ ସଭାପତି ଗୌରବ ଗୋଗୋଇ ନିଜର ପ୍ରଥମ ବିଧାନସଭା ନିର୍ବାଚନରେ ପରାଜିତ ହୋଇଛନ୍ତି। ଜୋରହାଟ ଆସନରେ ବିଜେପି ପ୍ରାର୍ଥୀ ହିତେନ୍ଦ୍ରନାଥ ଗୋସ୍ୱାମୀ ତାଙ୍କୁ କଡ଼ା ମାତ୍ ଦେଇଛନ୍ତି। ବିଜେପିର ହିତେନ୍ଦ୍ରନାଥ ଗୋସ୍ୱାମୀ, ଗୌରବ ଗୋଗୋଇଙ୍କୁ ୨୩,୧୮୨ ଭୋଟ୍ ବ୍ୟବଧାନରେ ହରାଇଛନ୍ତି। ଜୋରହାଟ ଗୋଗୋଇ ପରିବାରର ପାରମ୍ପରିକ ଗଡ଼ ହୋଇଥିଲେ ମଧ୍ୟ ଗୋସ୍ୱାମୀ ସେଠାରେ ନିଜର ପତିଆରା ବଜାୟ ରଖିବାରେ ସଫଳ ହୋଇଛନ୍ତି। ଗୌରବ ଗୋଗୋଇ ପୂର୍ବରୁ ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ, କିନ୍ତୁ ବିଧାନସଭା ପାଇଁ ଏହା ତାଙ୍କର ପ୍ରଥମ ନିର୍ବାଚନ ଥିଲା। ଆସାମରେ ବିଜେପିର ବଡ଼ ସଫଳତା ମଧ୍ୟରେ ଏହି ବିଜୟ ଦଳୀୟ କର୍ମୀଙ୍କୁ ଅଧିକ ଉତ୍ସାହିତ କରିଛି।

# ନିଜ ଗଡ଼ରେ ହାରିଲେ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍

ଚେନ୍ନାଇ,୪।୫(ଏଜେନ୍ସି): ତାମିଲନାଡୁ ରାଜନୀତିରେ ଆଜି ଏକ ବଡ଼ ଧରଣର 'ଭୂକମ୍ପ' ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ତଥା ଡିଏମକେ ମୁଖ୍ୟ ଏମ.କେ. ଷ୍ଟାଲିନ ନିଜର ଶକ୍ତିଶାଳୀ ଆସନ କୋଲାଥୁରରେ ପରାଜିତ ହୋଇଛନ୍ତି। ଅଭିନେତା ବିଜୟଙ୍କ ଦଳ ଟିଭିକେର ପ୍ରାର୍ଥୀ ଭିଏସ ବାବୁ ତାଙ୍କୁ ହରାଇ ଜଣେ 'ଜିଆଣ୍ଟ କିଲର' ଭାବେ ଉଭା ହୋଇଛନ୍ତି। ଟିଭିକେ ପ୍ରାର୍ଥୀ ଭି.ଏସ. ବାବୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କୁ



ପ୍ରାୟ ୯,୦୦୦ରୁ ଅଧିକ ଭୋଟ୍ ବ୍ୟବଧାନରେ ପରାସ୍ତ କରିଛନ୍ତି। ଷ୍ଟାଲିନ ୨୦୧୧ ମସିହାରୁ କ୍ରମାଗତ ଭାବେ ଏହି ଆସନରୁ ଜିତି ଆସୁଥିଲେ। ୨୦୨୧ରେ ସେ ଏଠାରେ ୭୦,୦୦୦ରୁ ଅଧିକ ଭୋଟରେ ଜିତିଥିଲେ। ୭୫ ବର୍ଷୀୟ ବାବୁ ପୂର୍ବରୁ ଡିଏମକେ ଓ ଏଆଇଏଡିଏମକେରେ ଥିଲେ। ଏବେ ସେ ବିଜୟଙ୍କ ଦଳର ଯୁଗ୍ମ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଷ୍ଟାଲିନଙ୍କ ସମେତ ତାମିଲନାଡୁ ସରକାରଙ୍କ ପ୍ରାୟ ୧୨ ଜଣରୁ ଅଧିକ ମନ୍ତ୍ରୀ ଏବେ ନିଜ ନିଜ ଆସନରେ ପଛୁଆ ରହିଛନ୍ତି। ସୁପରଷ୍ଟାର ବିଜୟ ନିଜେ ଦୁଇଟି ଯାକ ଆସନ (ତିରୁଚି-ପୂର୍ବ ଓ ପେରାମ୍ବୁର) ରୁ ଆଗୁଆ ରହିଛନ୍ତି। ଯଦି ବିଜୟଙ୍କ ଦଳ ୧୧୮ ଆସନ ଅତିକ୍ରମ କରେ, ତେବେ ଗଠନର ମାତ୍ର ୨ ବର୍ଷ ମଧ୍ୟରେ କ୍ଷମତା ଦଖଲ କରିବାରେ ଏହା ଭାରତୀୟ ରାଜନୀତିରେ ଏକ ବିରଳ ଘଟଣା ହେବ। ଷ୍ଟାଲିନଙ୍କ ଭଳି ଜଣେ ଶକ୍ତିଶାଳୀ ନେତାଙ୍କ ପରାଜୟ ତାମିଲନାଡୁରେ ଏକ ବଡ଼ ଧରଣର ସତ୍ତା ପରିବର୍ତ୍ତନର ସୂଚନା ଦେଉଛି। ବିଜୟଙ୍କ 'ତାମିଲଗା ଭେଟ୍ରି କାଝାଗମ' ଏବେ ରାଜ୍ୟର ସବୁଠାରୁ ବଡ଼ ଶକ୍ତି ଭାବେ ଉଭା ହୋଇଛି।

# ବାମପନ୍ଥୀ ଶାସନର ଅନ୍ତ, କେରଳରେ ଫେରିଲା କଂଗ୍ରେସ

ନୂଆଦିଲ୍ଲୀ/ତିରୁଅନନ୍ତପୁରମ,୪।୫(ଏଜେନ୍ସି): କେରଳ ବିଧାନସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ (ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ) ବଡ଼ ବିଜୟ ହାସଲ କରିଛି। ଦୀର୍ଘ ୧୦ ବର୍ଷର ଅପେକ୍ଷା ପରେ ରାଜ୍ୟରେ ବାମପନ୍ଥୀ ସରକାରର ପତନ ଘଟିଛି। ଦଳୀୟ ଏକତା ଏବଂ ସଠିକ୍ ରଣନୀତି ଯୋଗୁଁ କଂଗ୍ରେସ ପୁଣି ଥରେ କ୍ଷମତାକୁ ଫେରିବାରେ ସଫଳ ହୋଇଛି। ଦଳ ମଧ୍ୟରେ ଥିବା ଆଭ୍ୟନ୍ତରୀଣ କନ୍ଦଳକୁ ଦୂର କରି ରାହୁଲ ଗାନ୍ଧୀ ଏବଂ ମଲ୍ଲିକାର୍ଜୁନ ଖାଡ଼ଗେ ଏକଜୁଟ ହୋଇ ନିର୍ବାଚନ ଲଢ଼ିଥିଲେ। ଟିକେଟ ବଣ୍ଟନ ସମୟରେ ଅଭିଜ୍ଞ ନେତାଙ୍କ ବଦଳରେ ଅନେକ ନୂତନ ଓ ଯୁବ ପ୍ରାର୍ଥୀଙ୍କୁ ପ୍ରାଧାନ୍ୟ ଦିଆଯାଇଥିଲା। ଦଳର ଅସନ୍ତୁଷ୍ଟ ନେତାଙ୍କୁ ମନାଇବାରେ ଏବଂ ପ୍ରଚାର କାର୍ଯ୍ୟକୁ ଜୋରଦାର କରିବାରେ ସାଂସଦ ଶଶି ଥରୁର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। "ୟୁଡିଏଫ୍ ଜିତିବ, ଏଲଡିଏଫ୍ ହାରିବ' ସ୍ଲୋଗାନ କେରଳରେ ସତ ପ୍ରମାଣିତ ହୋଇଛି ଏବଂ କଂଗ୍ରେସ ଶିବିରରେ ଏବେ ବିଜୟର ଉତ୍ସବ ପାଳନ କରାଯାଉଛି।



୨୦୨୬ କେରଳ ବିଧାନସଭା ନିର୍ବାଚନରେ ଏଲଡିଏଫ୍ (ଲେଫ୍ଟ ଡେମୋକ୍ରାଟିକ୍ ଫ୍ରଣ୍ଟ) ର ପରାଜୟ ସହ ଭାରତରୁ ବାମପନ୍ଥୀ ଶାସନ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଛି। ଗତ ୫୦ ବର୍ଷ ମଧ୍ୟରେ ଏହା ପ୍ରଥମ ଘଟଣା, ଯେତେବେଳେ ଦେଶର କୌଣସି ବି ରାଜ୍ୟରେ ଜଣେ ବି ବାମପନ୍ଥୀ ମୁଖ୍ୟମନ୍ତ୍ରୀ ନାହାନ୍ତି। ପିନରାଇ ବିଜୟନଙ୍କ ନେତୃତ୍ୱରେ ୨୦୧୬ରୁ ଶାସନ କରୁଥିବା ବାମପନ୍ଥୀ ସରକାର କେରଳରେ ପରାଜିତ ହୋଇଛି। ଏଠାରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ କ୍ଷମତାକୁ ଫେରିଛି। ୧୯୭୭ ମସିହା ପରଠାରୁ ଭାରତର କୌଣସି ନା କୌଣସି ରାଜ୍ୟରେ ବାମପନ୍ଥୀ ଶାସନ ରହିଆସିଥିଲା। ବାମପନ୍ଥୀ ଦଳ ପଶ୍ଚିମବଙ୍ଗରେ ରେକର୍ଡ ୩୪ ବର୍ଷ (୧୯୭୭-୨୦୧୧) ଏବଂ ତ୍ରିପୁରାରେ ୨୫ ବର୍ଷ (୧୯୯୩-୨୦୧୮) ଶାସନ କରିଥିଲେ। ୨୦୦୯ ସାଧାରଣ ନିର୍ବାଚନ ପରଠାରୁ ବାମପନ୍ଥୀ ରାଜନୀତିର ପ୍ରଭାବ କ୍ରମଶଃ ହ୍ରାସ ପାଇବାରେ ଲାଗିଥିଲା, ଯାହା ଆଜି ଶୂନ୍ୟରେ ପହଞ୍ଚିଛି। କେରଳରେ ଏହି ପରିବର୍ତ୍ତନ ପରେ ଏବେ ସାରା ଦେଶରେ କେବଳ ଆଞ୍ଚଳିକ କିମ୍ବା ଜାତୀୟ ଦଳ (ବିଜେପି/କଂଗ୍ରେସ) ର ଶାସନ ରହିଛି। କେରଳର ଏହି ଫଳାଫଳ ବାମପନ୍ଥୀ ମେଣ୍ଟ ପାଇଁ ଏକ ବଡ଼ ରାଜନୈତିକ ସଙ୍କଟ ସୃଷ୍ଟି କରିଛି। ୧୯୭୭ ପରଠାରୁ ଭାରତୀୟ ରାଜନୀତିରେ ଏହା ଏକ ଅଭୂତପୂର୍ବ ମୁହୂର୍ତ୍ତ।

# ଏବେ ୧୫ ରାଜ୍ୟରେ ବିଜେପି ଶାସନ

କୋଲକାତା/ନୂଆଦିଲ୍ଲୀ,୪।୫(ଏଜେନ୍ସି): ସମ୍ପ୍ରତି ବିଧାନସଭା ନିର୍ବାଚନରେ ବିଜେପି ଏକ ବଡ଼ ରାଜନୈତିକ ସଫଳତା ହାସଲ କରିଛି। ବିଜେପି ପଶ୍ଚିମବଙ୍ଗରେ ଐତିହାସିକ ବିଜୟ ଆଡ଼କୁ ଅଗ୍ରସର ହେଉଥିବାବେଳେ ଦେଶର ୨୧ଟି ରାଜ୍ୟରେ ଏବେ ଏନ୍‌ଡିଏର ଶାସନ ରହିଛି। ଅନ୍ୟପଟେ, କେରଳରେ ବିଜୟ ସତ୍ତ୍ୱେ ବିରୋଧୀ ଇଣ୍ଡିଆ ମେଣ୍ଟର ଶକ୍ତି ହ୍ରାସ ପାଇଛି। ଏହି ମେଣ୍ଟ ଏବେ କେବଳ ୬ଟି ରାଜ୍ୟରେ ସୀମିତ ହୋଇଯାଇଛି। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ, ପଶ୍ଚିମବଙ୍ଗରେ ବିଜେପି ସଂଖ୍ୟାଗରିଷ୍ଠତା ପାଇଁ ଆବଶ୍ୟକ ୧୪୭ ଆସନର ସୀମାକୁ ସହଜରେ ଅତିକ୍ରମ କରିଛି। ଏହି ସଫଳତା ପରେ କୋଲକାତା ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବିଜେପି କର୍ମୀମାନେ 'ଝାଲମୁଢ଼ି' ବାଣ୍ଟି ଉତ୍ସବ ପାଳନ କରୁଥିବା ଦେଖିବାକୁ ମିଳିଛି। ଆଜିର ବିଜୟ ସହ ବର୍ତ୍ତମାନ ଦେଶର ୧୫ଟି ରାଜ୍ୟରେ ଏକାକୀ ସଂଖ୍ୟାଗରିଷ୍ଠ ଶାସକ ଦଳ ଭାବେ ବିଜେପି ନିଜକୁ ପ୍ରତିଷ୍ଠା କରିଛି। ଏହାସହ ସହଯୋଗୀ ଦଳ ବିହାରରେ ଜେଡିୟୁ, ଆନ୍ଧ୍ରପ୍ରଦେଶରେ ଟିଡିପି, ନାଗାଲାଣ୍ଡରେ ଏନପିଏଫ ଏବଂ ମେଘାଳୟରେ ଏନପିପି ମାନଙ୍କୁ ମିଶାଇ ଏନଡିଏର ଶାସନ କ୍ଷମତା ୨୧ଟି ରାଜ୍ୟରେ ପହଞ୍ଚିଛି। ସମ୍ବିଧାନର ଧାରା ୩୬୮ ଅନୁଯାୟୀ, କେତେକ ନିର୍ଦ୍ଦିଷ୍ଟ ସାମ୍ବିଧାନିକ ସଂଶୋଧନ ପାଇଁ ଅନ୍ତତଃ ପକ୍ଷେ ଅଧାରୁ ଅଧିକ ୧୫ଟି ରାଜ୍ୟର ଅନୁମୋଦନ ଆବଶ୍ୟକ ହୋଇଥାଏ। ଯାହାକି ଏହି ବିଜୟ ପରେ ବିଜେପି ପାଇଁ ସହଜ ହୋଇଯାଇଛି। ସେପଟେ ଆସାମରେ ବିଜେପି ପୁଣି ନିଜର ଗଡ଼ ରକ୍ଷା କରିଛି। ଜୋରହାଟ ଆସନରୁ କଂଗ୍ରେସର ହେଭିୱେଟ ପ୍ରାର୍ଥୀ ଗୌରବ ଗୋଗୋଇ ବିଜେପିର ହିତେନ୍ଦ୍ର ନାଥ ଗୋସ୍ୱାମୀଙ୍କଠାରୁ ୨୩,୧୮୨ ଭୋଟ ବ୍ୟବଧାନରେ ପରାଜିତ ହୋଇଛନ୍ତି।

ଅନ୍ୟପଟେ ତାମିଲନାଡୁରେ ଏକ ବଡ଼ ରାଜନୈତିକ ଓଲଟପାଲଟ ଦେଖିବାକୁ ମିଳିଛି। ଅଭିନେତା ବିଜୟଙ୍କ ନେତୃତ୍ୱାଧୀନ 'ତାମିଲଗା ଭେଟ୍ରି କାଝାଗାମ' (ଟିଭିକେ) ଡିଏମକେ-କଂଗ୍ରେସ ମେଣ୍ଟକୁ କ୍ଷମତାରୁ ହଟାଇବାରେ ସଫଳ ହୋଇଛି। ସେପଟେ କେରଳରେ ଶାସକ ଏଲଡିଏଫର ଦଶନ୍ଧିର ପ୍ରାଧାନ୍ୟକୁ ଶେଷ କରି କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ସରକାର ଗଠନ କରିବାକୁ ଯାଉଛି। କଂଗ୍ରେସ ତାମିଲନାଡୁରେ ପରାଜୟ ବରଣ କରିଥିଲେ ହେଁ କେରଳରେ ଜିତି ଦେଶର ୬ଟି ରାଜ୍ୟରେ ଏହାର ନେତୃତ୍ୱ ବଜାୟ ରଖିଛି। ଚଳିତ ନିର୍ବାଚନ ଫଳାଫଳ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟର ଭବିଷ୍ୟତ ସମ୍ଭାବନା ଉପରେ ଅନିଶ୍ଚିତତାର ମେଘ ପକାଇଛି। ବିଜେପିର ଏହି ଜୟଯାତ୍ରା ଦେଶର ଅନ୍ୟ ଆଞ୍ଚଳିକ ତଥା କ୍ଷେତ୍ରିୟ ଦଳଗୁଡ଼ିକର ଅସ୍ତିତ୍ୱକୁ ବିପଦରେ ପକାଇଛି। ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା, ବିହାର ଓ ଏବେ ପଶ୍ଚିମବଙ୍ଗରେ ତାହା ଦେଖିବାକୁ ମିଳିଛି। କଂଗ୍ରେସ ଦଳରୁ ସୃଷ୍ଟି ଆଞ୍ଚଳିକ ଦଳଗୁଡ଼ିକ ବିଭିନ୍ନ ରାଜ୍ୟରେ କ୍ଷମତାକୁ ଆସୁଥିବା ବେଳେ ବିଜେପି କିନ୍ତୁ ଏହି ଆଞ୍ଚଳିକ ଦଳଗୁଡ଼ିକ ପାଇଁ କଡ଼ା ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି।



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-306 ◆TUESDAY ◆05 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୦୬ ◆ମଙ୍ଗଳବାର ◆୦୫ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


**ବିଟ୍ ବଜାରରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା**

# ୫ଶହ ମିଟର ଦୂରରେ ପହଞ୍ଚିବାକୁ ପୁଲିସକୁ ଲାଗିଗଲା ୩୦ ମିନିଟ୍ !




■ ୪ ଅଭିଯୁକ୍ତ ଗିରଫ; ବଦଳିଲେ ୪ ପୁଲିସ
■ ପୀଡ଼ିତଙ୍କୁ ଭେଟିଲେ ବିଜେଡି ଟିମ୍

କଣାସ/ସାକ୍ଷୀଗୋପାଳ,୪।୫(ସମିସ): ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ଗୋଲାବଜାରସ୍ଥିତ ମାଛ ମାର୍କେଟ୍‌ରେ ଗତ ୨ ତାରିଖ ସକାଳେ ମୃତ୍ୟୁଞ୍ଜୟ ଭାରୀମଲ୍ଲ ନାମକ ଜଣେ ଯୁବକଙ୍କୁ କିଛି ଦୁର୍ବୃତ୍ତ ବିଟ୍ ରାସ୍ତାରେ ମାଛକଟା ପନିକିରେ ହାଣିବା ସହ ତାଙ୍କ ଉପରେ ଗାଡ଼ି ଚଢ଼ାଇଦେବା ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ସାମାଜିକ ଗଣମାଧ୍ୟମରେ ଏହାର ଲୋମଟାଙ୍କୁରା ଭିଡିଓ ଭାଇରାଲ ହେଉଥିବା ବେଳେ ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଥାନାଠାରୁ ମାତ୍ର ୫ଶହ ମିଟର ଦୂରରେ ଏହି ଜଘନ୍ୟ ଅପରାଧ ଘଟିଥିବା ବେଳେ ପୁଲିସକୁ ଘଟଣାସ୍ଥଳରେ ପହଞ୍ଚିବାକୁ ୩୦ ମିନିଟ୍ ସମୟ ଲାଗିଗଲା। ସେତେବେଳ ପର୍ଯ୍ୟନ୍ତ ଯୁବକଜଣଙ୍କ ସେମିତି ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତା ଉପରେ ଛଟପଟ ହେଉଥିଲେ। ଏହା ପୁଲିସର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହି ଘଟଣାରେ କଣାସ ଥାନା ପୁଲିସର ଅବହେଳା ପାଇଁ ୪ପୁଲିସ୍ ଏଏସ୍ଆଇଙ୍କୁ ବଦଳି କରାଯାଇଛି। ସେମାନେ ହେଲେ, ଏଏସ୍ଆଇ କୁମାର ବିଶ୍ୱାଳ, ଏଏସ୍ଆଇ ରବୀନ୍ଦ୍ର କୁମାର ସାମନ୍ତରାୟ, ଏଏସ୍ଆଇ ସଞ୍ଜୟ କୁମାର ପାଟ୍ଟଶାଣୀ ଓ ଏଏସ୍ଆଇ ସନ୍ତୋଷ କୁମାର ଉଦୟସିଂହ।

ଅପରପକ୍ଷେ, ଏହି ଘଟଣାରେ ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ଧର୍ମପଦ ବଡ଼ଜେନା, ଚନ୍ଦ୍ରକାନ୍ତ ଜେନା, ଚିନ୍ମୟ ଗଜେନ୍ଦ୍ର ଓ ଅଜୟ ବଳିଆରସିଂହ। କିନ୍ତୁ, ମାଷ୍ଟରମାଇଣ୍ଡ ଏବେ ପୁଲିସ ଅପହଞ୍ଚରେ। ପୁଲିସ୍‌ର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଏହି ଘଟଣାରେ ୭ ଜଣଙ୍କ ସମ୍ପୃକ୍ତି ରହିଥିବା ବେଳେ ସେମାନଙ୍କୁ ଫେରାର୍ ହେବାରେ ସହଯୋଗ କରିଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ପୁଲିସ ଖୋଜୁଛି। ମଙ୍ଗଳବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ। ଘଟଣାର ଅଧିକ ତଦନ୍ତ ପାଇଁ ସାଇବର୍ ସେଲର ସହଯୋଗ ନିଆଯାଇଛି। ୪ଟି ଟିମ୍ ଗଠନ ହେବା ସହ ଡିଏସ୍‌ପି ପାହ୍ୟାର ଜଣେ ଅଧିକାରୀଙ୍କୁ ଅଧିକ ତଦନ୍ତ ପାଇଁ ଦାୟିତ୍ୱ ଦିଆଯାଇଛି। ଅଭିଯୁକ୍ତଙ୍କ ବାଇକ୍ ଓ ଅନ୍ୟ ଜିନିଷ ଖୋଜୁଛି ପୁଲିସ। ପୁରୀ ଏସ୍‌ପି ପ୍ରତୀକ୍ ସିଂ ଆଜି ସତ୍ୟବାଦୀ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ସେହିପରି, ବିଜୁ ଜନତା ଦଳର ଏକ ଟିମ୍ ଆଜି ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ମୃତ୍ୟୁଞ୍ଜୟଙ୍କୁ ଭେଟିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହି ଟିମ୍‌ରେ ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାର ସିଂ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ, ଯୁବ ବିଜେଡି ସାଧାରଣ ସମ୍ପାଦକ ସୋଫିଆ ଆଲମ ପ୍ରମୁଖ ସାମିଲ ଥିଲେ। ଯୁବକଙ୍କ ଅବସ୍ଥା ବର୍ତ୍ତମାନ ସଂକଟାପନ୍ନ ଥିବା ଜଣାପଡ଼ିଛି। ଆକ୍ରମଣକାରୀ ଦୁର୍ବୃତ୍ତମାନେ ଶାସକ ଦଳର ଅତ୍ୟନ୍ତ ଘନିଷ୍ଠ ଥିବା କୁହାଯାଉଛି।

ସୂଚନାଯୋଗ୍ୟ, କଣାସ ଥାନା ଦୋକନ୍ଦା ଗ୍ରାମର ମୃତ୍ୟୁଞ୍ଜୟ ଭାରୀମଲ୍ଲା (୨୯) ଶନିବାର ସକାଳ ପ୍ରାୟ ସାଢ଼େ ୮ଟାରେ କଣାସ ଗୋଲାବଜାର ମାଛ ମାର୍କେଟ୍‌କୁ ମାଛ କିଣିବାକୁ ଯାଇଥିଲେ। ପୂର୍ବ ବିବାଦକୁ କେନ୍ଦ୍ର କରି ସେଠାରେ ଅଭିଯୁକ୍ତ ଧର୍ମେନ୍ଦ୍ର ବଡ଼ଜେନା, ସୁଧାଂଶୁ ମହାପାତ୍ର, ଅକ୍ଷୟ ରାଉତ, ଚନ୍ଦ୍ରକାନ୍ତ ଜେନା, ପିଣ୍ଟୁ ଗଜେନ୍ଦ୍ର, ସୋନୁ ପହଞ୍ଚି ମାଛ ବେପାରୀ ରଶ୍ମିରଞ୍ଜନ ବେହେରାଙ୍କଠାରୁ ମାଛକଟା ପନିକି ଛଡ଼ାଇ ଆଣି ମୃତ୍ୟୁଞ୍ଜୟଙ୍କ ଡାହାଣ ହାତ ଓ ଗୋଡ଼କୁ ହାଣି ପକାଇଥିଲେ। ସେ ତଳେ ପଡ଼ିଯିବା ପରେ ଅନ୍ୟ ମାରଣାସ୍ତ୍ରରେ ତାଙ୍କ ବାମ ଗୋଡ଼ ଓ ହାତକୁ ହାଣି ପକାଇଥିଲେ। ସେମାନେ ଏତେ ନୃଶଂସ ହୋଇପଡ଼ିଥିଲେ ଯେ ମୃତ୍ୟୁଞ୍ଜୟ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡ଼ିଥିବାବେଳେ ୩ଜଣ ବୁଲେଟ୍ ବାଇକ୍‌ରେ ବସି ତାଙ୍କ ଉପରେ ଚଢ଼ାଇ ଦେଇଥିଲେ। ଖାଲି ସେତିକି ନୁହେଁ, କେହି ବ୍ୟକ୍ତି ଯଦି ସାକ୍ଷୀ ଦିଏ, ଏହିପରି ହଣାଖାଇବ ବୋଲି ସାଧାରଣଲୋକଙ୍କୁ ଧମକଚମକ ଦେବା ସହ ଗାଳିଗୁଲଜ କରି ଚାଲିଯାଇଥିଲେ ବୋଲି ମୃତ୍ୟୁଞ୍ଜୟଙ୍କ ବଡ଼ଭାଇ ସୌମ୍ୟରଞ୍ଜନ ଭାରିମଲ୍ଲ କଣାସ ଥାନାରେ ରବିବାର ଏତଲା ଦେଇଥିଲେ।

# ଓଡ଼ିଶାରେ ଜାତି-ଭିତ୍ତିକ ଜାମିନ ସର୍ତ୍ତ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

■ ସର୍ତ୍ତଗୁଡ଼ିକ ଅସମ୍ମାନଜନକ ଓ ଅମାନବୀୟ
■ ଅସିଦ୍ଧ ଘୋଷଣା କଲେ ସର୍ବୋଚ୍ଚ ଅଦାଲତ

ନୂଆଦିଲ୍ଲୀ/କଟକ, ୪।୫: ଜାମିନ ପ୍ରଦାନ କରିବା ସମୟରେ ଓଡ଼ିଶାର ବିଭିନ୍ନ କୋର୍ଟ ଯେଉଁଭଳି ଜାତି ଭିତ୍ତିକ ସର୍ତ୍ତ ଆରୋପ କରୁଛନ୍ତି ତାହାକୁ ନେଇ ବିରକ୍ତି ପ୍ରକାଶ କରିଛନ୍ତି ସୁପ୍ରିମ କୋର୍ଟ। ଏଭଳି ସର୍ତ୍ତକୁ ଅସମ୍ମାନଜନକ ଓ ଅମାନବୀୟ ଦର୍ଶାଇ ଅସିଦ୍ଧ ଘୋଷଣା କରିଛନ୍ତି। ଏହା ମାନବାଧିକାରର ଉଲ୍ଲଂଘନ କରୁଥିବାରୁ ଭବିଷ୍ୟତରେ ଏଭଳି ସର୍ତ୍ତ ଆରୋପ ନଲଗାଇବା ଲାଗି ଦେଶର ସମସ୍ତ ଅଦାଲତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ।

ଦଳିତ ଓ ଆଦିବାସୀ ସଂପ୍ରଦାୟର ଲୋକମାନଙ୍କୁ ଜାମିନ ପ୍ରଦାନ କରିବା ସମୟରେ ଓଡ଼ିଶାର ଅନେକ ଅଦାଲତ ପୁଲିସ ଥାନାରେ ଦୁଇ ମାସ ପାଇଁ ଝାଡୁ ଲଗାଇବା ଲାଗି ଯେଉଁ ସର୍ତ୍ତ ଆରୋପ କରୁଛନ୍ତି ତାହାର ତୀବ୍ର ସମାଲୋଚନା କରିଛନ୍ତି ସୁପ୍ରିମ କୋର୍ଟ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ବେଞ୍ଚ ଏକ ମାମଲାର ଶୁଣାଣି ବେଳେ ଏଭଳି ସର୍ତ୍ତ ଗ୍ରହଣୀୟ ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି। କୋର୍ଟ କହିଛନ୍ତି ଏଭଳି ସର୍ତ୍ତ କେବଳ ଅସମ୍ମାନଜନକ ଓ ଅପମାନଜନକ ନୁହେଁ, ଏହା ମାନବାଧିକାର ମଧ୍ୟ ଉଲ୍ଲଂଘନ କରୁଛି। ଜାତିଭିତ୍ତିକ ସର୍ତ୍ତ ଆରୋପ କରି କୋର୍ଟ ଯେଉଁ ମାନସିକତାର ପ୍ରଦର୍ଶନ କରୁଛନ୍ତି ତାହା ସମ୍ବିଧାନ ସୁନିଶ୍ଚିତ କରିଥିବା ସମାନତା ଓ ଅଭିଯୁକ୍ତର ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଛି। ଏଭଳି ସର୍ତ୍ତରୁ ଜଣାପଡୁଛି ଯେ ବିଚାର ବିଭାଗରେ ମଧ୍ୟ ଜାତିଭିତ୍ତିକ ମାନସିକତା ରହିଛି। କାରଣ ଏଭଳି ସର୍ତ୍ତ ଅନ୍ୟ କୌଣସି ଜାତି/ସଂପ୍ରଦାୟର ଅଭିଯୁକ୍ତଙ୍କ ବିରୋଧରେ ପ୍ରୟୋଗ କରାଯିବାର ଦୃଷ୍ଟାନ୍ତ ନାହିଁ। ସମ୍ବିଧାନର ଧାରା ୧୪, ୧୬ ଓ ୧୭ର ଉଲ୍ଲେଖ କରି ସୁପ୍ରିମ କୋର୍ଟ କହିଛନ୍ତି ଯେ ସମ୍ବେଦନଶୀଳ ସଂପ୍ରଦାୟର ଅଧିକାର ଓ ମର୍ଯ୍ୟାଦାର ସୁରକ୍ଷା ହେଉଛି ବିଚାର ବିଭାଗର ଦାୟିତ୍ୱ।

ଦଳିତ ଓ ଆଦିବାସୀ ସଂପ୍ରଦାୟର ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ବେଳେ ଥାନା ସଫା କରିବା ଭଳି ଜାମିନ ସର୍ତ୍ତ ରଖାଯାଉଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ ନିଜ ଆଡୁ ବିଚାର କରି ସୁପ୍ରିମ କୋର୍ଟ ଅସନ୍ତୋଷ ପ୍ରକାଶ କରିବା ସହିତ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ୨୦୨୫ରେ ଓଡ଼ିଶା ହାଇକୋର୍ଟ ଜଣେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ସମୟରେ ତାଙ୍କୁ କାଶିପୁର ଥାନାରେ ଦୁଇ ମାସ ପର୍ଯ୍ୟନ୍ତ ଝାଡୁ ମାରିବାକୁ ସର୍ତ୍ତ ଆରୋପ କରିଥିଲେ। ରାୟଗଡ଼ା ଜିଲ୍ଲାରେ ମଧ୍ୟ ବିଭିନ୍ନ କୋର୍ଟ ଏଭଳି ଜାମିନ ସର୍ତ୍ତ ଆରୋପ କରିଥିବା ଦର୍ଶାଯାଇଥିଲା। ଖଣି ବିରୋଧୀ ଆନ୍ଦୋଳନରେ ସାମିଲ ଦଳିତ ଓ ଆଦିବାସୀ ଲୋକଙ୍କୁ ଜାମିନ ପ୍ରଦାନ କରିବା ସମୟରେ ୨୦୨୫ରୁ ୨୦୨୬ ମଧ୍ୟରେ ୮ଟି ମାମଲାରେ ଏଭଳି ସର୍ତ୍ତ ଆରୋପ କରାଯାଇଥିଲା।

# ଜମିବାଡ଼ି ବିବାଦରୁ ଗଡ଼ିଲା ମୁଣ୍ଡ

ଯାଜପୁର,୪।୫(ସମିସ): ସଦର ଥାନା ଅନ୍ତର୍ଗତ ଜାଫରପୁର ପଞ୍ଚାୟତ ବଡ଼ତ୍ରିଲୋଚନପୁର ଗ୍ରାମରେ ଜମିବାଡ଼ିକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଏଥିରେ ୭ ଜଣ ଆହତ ହୋଇଛନ୍ତି।

ଗ୍ରାମର ଏକ ବିବାଦୀୟ ଜମିରେ ଘର ନିର୍ମାଣକୁ ନେଇ ଗୋବିନ୍ଦ ଘଡ଼େଇ (୬୨) ଓ ନରେନ୍ଦ୍ର ଘଡ଼େଇଙ୍କ ପରିବାର ମଧ୍ୟରେ ବିବାଦ ଲାଗିଥିଲା। ବିବାଦୀୟ ଜମି ଉପରେ କୋର୍ଟରେ ମକଦ୍ଦମା ଚାଲୁ ରହିଥିବା ବେଳେ ଉକ୍ତ ବିବାଦୀୟ ଜମି ଉପରେ ନରେନ୍ଦ୍ର ଘର ନିର୍ମାଣ କରିଥିଲେ। ଏହି ଘର ନିର୍ମାଣକୁ ଗୋବିନ୍ଦ ବିରୋଧ କରିବାରୁ ନରେନ୍ଦ୍ର ଓ ତାଙ୍କ ବନ୍ଧୁବାନ୍ଧବ, ସହଯୋଗୀମାନେ ମିଳିତ ଭାବେ ଗୋବିନ୍ଦଙ୍କୁ ଠେଙ୍ଗାବାଡ଼ି ଓ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଖବର ପାଇ ଗୋବିନ୍ଦଙ୍କ ଦୁଇ ପୁଅ ସଞ୍ଜୟ, ସରୋଜ ଓ ଗୋବିନ୍ଦଙ୍କ ପତ୍ନୀ ଓ ଝିଅ ଘଟଣାସ୍ଥଳକୁ ଯିବା ବେଳେ ଅପରପକ୍ଷ କଟୁରିରେ ଆକ୍ରମଣ କରିଥିଲେ। ସଦର ପୁଲିସ ଖବର ପାଇ ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚିବାରୁ ଗ୍ରାମବାସୀ ଗୁରୁତର ଆହତ ଗୋବିନ୍ଦଙ୍କୁ ଏକ ଗାଡ଼ିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ମେଡିକାଲରେ ପହଞ୍ଚିବା ବେଳକୁ ଗୋବିନ୍ଦଙ୍କ ମୃତ୍ୟୁ ହୋଇଯାଇଥିଲା।

ମୃତ ଗୋବିନ୍ଦଙ୍କ ପତ୍ନୀ, ଝିଅ ଓ ଦୁଇ ପୁଅ ସରୋଜ, ସଞ୍ଜୟ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ନରେନ୍ଦ୍ରଙ୍କ ସମ୍ପର୍କୀୟ ଦିବ୍ୟଜ୍ୟୋତି ବେହେରା ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୌତମ ଦାସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଏ ସଂପର୍କରେ ଗୋବିନ୍ଦଙ୍କ ପରିବାର ପକ୍ଷରୁ ସଦର ଥାନାରେ ଲିଖିତ ଏତଲା ଦିଆଯାଇଛି। ଅଭିଯୋଗକୁ ଭିତ୍ତି କରି ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଅଧିକ ଗଣ୍ଡଗୋଳକୁ ଆଶଙ୍କା କରି ଘଟଣାସ୍ଥଳରେ ପୁଲିସ ଫୋର୍ସ ମୁତୟନ ହୋଇଥିବା ଜଣାପଡ଼ିଛି।


KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

• Only 29 Years as an Institute • 24 Years as a Deemed to be University

THE World University Rankings 2026 Asia — 1st in Eastern India — 169th in Asia

THE World University Rankings 2026 — 5th Among All Universities in India — 501+ Cohort Globally

KIIT Accomplishes QS 5-Star & Platinum Ratings — Only University in Eastern India with QS 5-Star & Platinum Ratings

QS World University Rankings 2026 — 1st in Odisha & 8th in India among pvt. universities



• Best Campus — Outstanding infrastructure & world-class facilities
• Best Placement — Excellent Opportunities & Career Outcomes
• Best Environment & Ambience — Supportive learning environment with a vibrant campus atmosphere
• Student Friendly Campus — Student-centric approach with comprehensive support services
• Parent-Friendly Institution — Transparent communication & parent engagement

ADMISSION OPEN

KIITEE 2026 PHASE - 2

APPLY NOW through KIIT Websites
www.kiitee.ac.in / www.kiit.ac.in
No Examination Fee (Computer-Based Test)

Scan to Apply

Director Admissions, Admission Cell (Koel Campus), KIIT DU, Bhubaneswar, Odisha, India-751024
admission@kiit.ac.in  kiitee.ac.in  8080 735 735

Key Rankings & Achievements
A++ Grade Accredited by NAAC
nirf 2025 17th Among Indian Universities
NBA Tier 1 Re-accredited by NBA
ABET (US) Accreditation
IET Accredited Programme — The Institute of Engineering and Technology
Special Consultative Status by the UN-ECOSOC
Partnership with UN VOLUNTEERS

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

## କିଶୋରନଗରରେ ଜିଲ୍ଲାପାଳଙ୍କ ଜନଶୁଣାଣି



**କିଶୋରନଗର,୪।୫(ସମିସ):** କିଶୋରନଗର ବ୍ଲକ ରାଜୀବ ସେବାକେନ୍ଦ୍ର ସଭାଗୃହରେ ସୋମବାର ଜିଲ୍ଲାପାଳ ଅବଦଲ ଏମ ଅଖତରଙ୍କ ଦ୍ୱାରା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଭତ୍ତା, ଆବାସ ଗୃହ, ଗ୍ରାମ୍ୟ ରାସ୍ତା, ପାନୀୟ ଜଳ, ବିଦ୍ୟୁତ ଆଦି ସାମୂହିକ ଓ ବ୍ୟକ୍ତିଗତକୁ ମିଶାଇ ମୋଟ ୪୮ ଅଭିଯୋଗର ଶୁଣାଣି କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲ୍ଲା ପରିଷଦ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଉଦୟନାଥ ମହାପାତ୍ର, ଅତିରିକ୍ତ ଏସ୍‌ପି ସମୀର ରଞ୍ଜନ ଦାଶ, ସିଡିଏମଓ ମଦନ ମୋହନ ପ୍ରଧାନ, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ ମିଶ୍ର, ସହକାରୀ ଜିଲ୍ଲାପାଳ ପ୍ରିୟଙ୍କା ପାଲ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ, ସିଡିଭିଓ ସତ୍ୟନାରାୟଣ ସାହୁ, ଅତିରିକ୍ତ ପରିବହନ ଅଧିକାରୀ ସମ୍ବିତ କୁମାର, ଏସିଏସଓ ସତ୍ୟବ୍ରତ ସେଠୀ, ପିଡବ୍ଲ୍ୟୁଡି ଏସଡିଓ ସହରାଇ ସିଂହ, ଏସଡିପିଓ ସୁଶାନ୍ତ କୁମାର ତାଉଡିଆ, ଜିଲ୍ଲା ମତ୍ସ୍ୟ ଅଧିକାରୀ ପିକେ ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବିଡିଓ ଶୁଭକାନ୍ତ ନାଏକ, ତହସିଲଦାର ବିକ୍ରମ କେଶରୀ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

● ଗୋଣ୍ଡ ସମାଜ ରାଜିଙ୍ଗ ପୁଞ୍ଜୀର ପ୍ରସ୍ତୁତି ବୈଠକ

## ଜୁନ୍ ୩ରେ ବାର୍ଷିକ ସଭା



**କିଶୋରନଗର,୪।୫(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ହିଞ୍ଚାଗୋଳା ଗ୍ରାମ ଆମ୍ବତୋଟାରେ ଗୋଣ୍ଡ ସମାଜ ରାଜିଙ୍ଗ ପୁଞ୍ଜୀର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ବାର୍ଷିକ ସଭାକୁ ସଫଳ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ସମାଜର ସଂଗଠନ, ପାରମ୍ପରିକ ରୀତିନୀତି ଓ ଯୁବ ସମାଜର ଭୂମିକା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଯୁବବର୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା, ପୂର୍ବପୁରୁଷଙ୍କ ପରମ୍ପରା ଓ ନିୟମକୁ ଅନୁସରଣ କରିବା ସହ ସଦସ୍ୟମାନଙ୍କ ମଧ୍ୟରେ ଭ୍ରାତୃତ୍ୱ ଓ ସୁସମ୍ପର୍କ ବଜାୟ ରଖିବା ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଆସନ୍ତା ଜୁନ୍ ୩ ତାରିଖ ରାଜିଙ୍ଗ ପୁଞ୍ଜୀର ବାର୍ଷିକ ସଭା ଅନୁଷ୍ଠିତ ହେବ। ଏହାକୁ ବ୍ୟାପକ ଓ ସଫଳ ରୂପ ଦେବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଥିଲା। ରାଜିଙ୍ଗ ପୁଞ୍ଜୀର ସଭାପତି ମଧୁସୂଦନ ନାୟକ ଓ ସମ୍ପାଦକ ଦନେଇ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ କୋଷାଧ୍ୟକ୍ଷ ରାମଚନ୍ଦ୍ର ନାୟକ, ମହିଳା ସଭାନେତ୍ରୀ କୁମୁଦିନୀ ନାୟକ, ସମ୍ପାଦିକା ସୁବାସିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଖପାଖ ୧୧ ଗ୍ରାମର ୩୦୦ରୁ ଅଧିକ ସଦସ୍ୟ ଯୋଗଦେଇ ଆଗାମୀ କାର୍ଯ୍ୟକ୍ରମକୁ ନେଇ ନିଜ ମତାମତ ରଖିଥିଲେ।

● ତାଳଚେର ରେଞ୍ଜରେ ବନ ବିଭାଗର ମନିଟରିଂ

## ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ ଉପରେ ଗୁରୁତ୍ୱ

**ଅନୁଗୋଳ,୪।୫(ସମିସ):** ଅନୁଗୋଳ ବନଖଣ୍ଡ ତାଳଚେର ରେଞ୍ଜ ଅନ୍ତର୍ଗତ ସାମଲ ବିଟ୍‌ର କଣିହିଜେଣା ସଂରକ୍ଷିତ ବନାଞ୍ଚଳରେ ଚାଲିଥିବା ସଂରକ୍ଷଣ କାର୍ଯ୍ୟର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ କରାଯାଇଛି। ଡିଭିଜନାଲ୍ ମୂଲ୍ୟାୟନ ଦଳ ପକ୍ଷରୁ ଏଠାରେ ଏଲ୍‌ବିସିଡି ପ୍ରକଳ୍ପର ଗୁଣବତ୍ତା ଓ ପ୍ରଭାବଶାଳୀତା ସମ୍ପର୍କରେ ତଦାରଖ କରାଯାଇଥିଲା। ବିଶେଷ କରି ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକ କେତେଦୂର ସ୍ଥାୟୀ ଓ ଫଳପ୍ରଦ, ସେ ନେଇ ଏହି ଟିମ୍ ସମୀକ୍ଷା କରିଛି। ଏଭଳି ନିୟମିତ ମୂଲ୍ୟାୟନ ଦ୍ୱାରା ଜଙ୍ଗଲର ବାସସ୍ଥଳୀ ପରିଚାଳନା ଅଧିକ ସୁଦୃଢ଼ ହେବା ସହ ପରିବେଶର ପୁନରୁଦ୍ଧାର ପ୍ରକ୍ରିୟା ତ୍ୱରାନ୍ୱିତ ହେବ। କ୍ଷେତ୍ରଭିତ୍ତିକ ମନିଟରିଂ ମାଧ୍ୟମରେ ବନ ବିଭାଗ ଜଙ୍ଗଲର ଦୀର୍ଘକାଳୀନ ସହନଶୀଳତାକୁ ସୁନିଶ୍ଚିତ କରିବା ସହ ବନ୍ୟଜନ୍ତୁଙ୍କ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଆଗାମୀ ଦିନରେ ବନ୍ୟ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।



# ପିଏମ୍‌ଶ୍ରୀ ବିଦ୍ୟାଳୟ ଫଳାଫଳ ନୈରାଶ୍ୟଜନକ

**ତାଳଚେର ସହର,୪।୫(ସମିସ):**

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ସମଲ ବ୍ୟାରେଜସ୍ଥିତ ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟର ମାଟ୍ରିକ ପରୀକ୍ଷା ଫଳ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି। ବିଦ୍ୟାଳୟର କୌଣସି ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ପାଇ ନ ଥିବାରୁ ଅଞ୍ଚଳରେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ମୋଟ ୪୨ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ଜଣେ ଫେଲ୍ ହୋଇଛନ୍ତି। ଉତ୍ତୀର୍ଣ୍ଣ ହୋଇଥିବା ୪୧ ଜଣଙ୍କ ମଧ୍ୟରୁ ଏ-୨ ଗ୍ରେଡ୍‌ରେ ମାତ୍ର ଜଣେ, ବି-୧ରେ ୮ ଜଣ, ବି-୨ରେ ୧୨ ଜଣ, ସି ଗ୍ରେଡ୍‌ରେ ୭ ଜଣ, ଡି ଗ୍ରେଡ୍‌ରେ ୭ ଜଣ ଓ ଇ ଗ୍ରେଡରେ ୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଯାହା ଅଭିଭାବକ ମହଲରେ ଅସନ୍ତୋଷର କାରଣ ପାଲଟିଛି। ବିଦ୍ୟାଳୟରେ ପାଠପଢ଼ାରେ ବ୍ୟତିକ୍ରମ ହେଉଥିବା ଅଭିଭାବକ ଅଭିଯୋଗ ଆଣିଛନ୍ତି। ଶିକ୍ଷକ ଶିକ୍ଷୟିତ୍ରୀମାନେ ପାଠପଢ଼ା ପ୍ରତି ଧ୍ୟାନ ଦେବା ପରିବର୍ତ୍ତେ କେବଳ ଶ୍ରେଣୀଗୃହ ନିର୍ମାଣ, ବିଦ୍ୟାଳୟର ଡେକରମ୍, ଲୋକଦେଖାଣିଆ କାର୍ଯ୍ୟକ୍ରମ ଇତ୍ୟାଦିରେ ବ୍ୟସ୍ତ ରହିଥିବା ଆଲୋଚନା ହେଉଛି।




ସେହିପରି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ଏବେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଗୋଟିଏ କକ୍ଷରେ ଦୁଇଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଚାଲିଥିବା କିଛି ଆଲୋଚନାକୁ ଖରାପ୍ ସମ୍ପର୍କର ରୂପ ଦେଇ ଅନ୍ୟ ଗୋଷ୍ଠୀର ଶିକ୍ଷକ ଶିକ୍ଷୟିତ୍ରୀ ଏହାର ଭିଡିଓ କରି ଭାଇରାଲ କରିଛନ୍ତି। ଯାହାକୁ ନେଇ ସମ୍ପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଥାନା ଦ୍ୱାରସ୍ଥ ହୋଇଥିଲେ। ପରେ ଉଭୟ ଶିକ୍ଷକ ଗୋଷ୍ଠୀ ଭିତରେ ବୁଝାମଣା ହୋଇଥିଲା। ଯାହା ଏବେ ସମଲ ଅଞ୍ଚଳରେ ଖୁବ୍ ଚର୍ଚ୍ଚାର ବିଷୟ ପାଲଟିଛି। ତେଣୁ ଏହି ସମସ୍ତ ଘଟଣା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉପରେ ମଧ୍ୟ କୁପ୍ରଭାବ ପକାଉଛି। ଆଗାମୀ ଦିନରେ ଏହି ସମସ୍ୟାକୁ ନେଇ ଅଭିଭାବକମାନେ ବିଦ୍ୟାଳୟ ଘେରାଉ କରିବା ସହ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

## 'ଆଳାପ ସଂଳାପ' ପୁସ୍ତକ ଉନ୍ମୋଚିତ



**କଣିହାଁ,୪।୫(ସମିସ):** ରବିବାର ପୂର୍ବାହ୍ନରେ କଣିହାଁ କୋଇଲା କ୍ଷେତ୍ର ସଭାଗୃହରେ ସାହିତ୍ୟିକ ଡ. ପ୍ରସନ୍ନ କୁମାର ବରାଳଙ୍କ ରଚିତ ପୁସ୍ତକ 'ଆଳାପ ସଂଳାପ'ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଦ୍ମଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋଇଲା କ୍ଷେତ୍ର ଉପପ୍ରବନ୍ଧକ ଦୀନେଶ ମାଳି, ସମ୍ମାନିତ ଅତିଥି ଭାବେ ଇଂ. ଧନେଶ୍ୱର ସାହୁ, ଗାଳ୍ପିକ ତଥା ପିଏମ୍‌ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧିପ୍ରସାଦ ସାହୁ, ଆଇନଜୀବୀ ତଥା ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ଗାଳ୍ପିକ ଶିକ୍ଷାବିତ ଶ୍ରୀକାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଗାଳ୍ପିକ ସାହୁ କହିଲେ ଯେ ଏହି ପୁସ୍ତକରେ ଓଡ଼ିଶାର ୨୪ ଜଣ ଦୀପ୍ତିମାନ ମହାପୁରୁଷଙ୍କ ଜୀବନୀ ସମ୍ମିଳିତ ହୋଇଥିବାରୁ ଏହା ଓଡ଼ିଆ ସାହିତ୍ୟରେ ଏକ ଦିଗବାରିଣୀ ସୃଷ୍ଟି କରିବ। ଓଡ଼ିଆ ଭାଷାକୁ ଅଧିକ ସମୃଦ୍ଧ କରିବା ପାଇଁ ପାଠକ ସଂଖ୍ୟା ବୃଦ୍ଧି ଅତ୍ୟାବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଲେଖକ ଡ. ବରାଳ ପୁସ୍ତକ ପ୍ରକାଶନର ଉଦ୍ଦେଶ୍ୟ ବ୍ୟକ୍ତକରି କହିଲେ, କବି ଓ ଲେଖକମାନେ ଲେଖାରେ ସବୁ କଥା କହିପାରନ୍ତି ନାହିଁ; ମନରେ ଥିବା ଅକୁହା ଅନୁଭୂତି ସାକ୍ଷାତକାର ମାଧ୍ୟମରେ ମୁକ୍ତ ହୋଇଥାଏ ଏବଂ ସେହି ଅଭିବ୍ୟକ୍ତିର ସଂଗ୍ରହ ହେଉଛି 'ଆଳାପ ସଂଳାପ'। ଶେଷରେ ସାହିତ୍ୟିକ ବୁଦ୍ଧଦେବ ସେଠୀ ଧନ୍ୟବାଦ ଜ୍ଞାପନ କରିଥିଲେ। ଦିଲେଶ୍ୱର ବେହେରା କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ବରିଷ୍ଠ ସାମ୍ବାଦିକ ରଞ୍ଜନ କୁମାର ମିଶ୍ର, କଷ୍ଟୁଚରଣ ସାମଲ, ଅଲେଖ ଭୂତିଆ, ଟୁନା ସାହୁ, ହିମାଂଶୁ ଶେଖର ସାହୁ, ପ୍ରତିବିମ୍ବର ଇ-ମାଗାଜିନର ପ୍ରତିଷ୍ଠାତା ସତ୍ୟାନନ୍ଦ ପ୍ରଧାନ, ମହେଶ୍ୱର ନାଏକଙ୍କ ସମେତ ଖଣି କର୍ମଚାରୀ ଅଜୟ କୁମାର ସାହୁ, ଅଶୋକ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ଦେବୀ ରଥଙ୍କୁ ମର୍ଯ୍ୟାଦାଜନକ 'ମଧୁ ଜ୍ୟୋତି' ସମ୍ମାନ

**ତାଳଚେର,୪।୫(ସମିସ):** ରାଜ୍ୟ ବାର୍ କାଉନସିଲ ପକ୍ଷରୁ ତାଳଚେରର ବରିଷ୍ଠ ଆଇନଜୀବୀ ଦେବୀପ୍ରସାଦ ରଥଙ୍କୁ ମର୍ଯ୍ୟାଦାଜନକ 'ମଧୁ ଜ୍ୟୋତି' ସମ୍ମାନରେ ସମ୍ମାନିତ କରାଯାଇଛି। ଝାରସୁଗୁଡ଼ାରେ ରାଜ୍ୟ ବାର କାଉନସିଲ ଓ ଝାରସୁଗୁଡ଼ା ଓକିଲ ସଂଘ ପକ୍ଷରୁ ମିଳିତ ଭାବେ ଆୟୋଜିତ ରାଜ୍ୟସ୍ତରୀୟ ମଧୁବାବୁ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳନ ଅବସରରେ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ବାର କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ମୁଖ୍ୟଅତିଥି,



ରାଜ୍ୟ ମାନବାଧିକାର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଆଇନଜୀବୀ ରଥ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ୧୯୬୯ରୁ ୧୯୭୨ ପର୍ଯ୍ୟନ୍ତ ଷ୍ଟାଣ୍ଡିଂ କାଉନସିଲ ସଭ୍ୟ ଥିବାବେଳେ ତାଳଚେର ଅଦାଲତରେ ତାଙ୍କର ୬୪ ବର୍ଷର ଅଭିଜ୍ଞତା ରହିଛି। ସେ ମୁଖ୍ୟତଃ ସିଭିଲ ମାମଲା ପରିଚାଳନାରେ ପାରଦର୍ଶିତା ଅର୍ଜନ କରିଛନ୍ତି। ତାଳଚେର ବାର୍‌ର ଆଇନଜୀବୀ ରଥଙ୍କୁ ଏହି ରାଜ୍ୟସ୍ତରୀୟ ସମ୍ମାନ ମିଳିଥିବାରୁ ତାଳଚେର ଓକିଲ ସଂଘ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

**କଣିହାଁ,୪।୫(ସମିସ):** କଣିହାଁ ବ୍ଲକ ବଜ୍ରକୋଟ ଗ୍ରାମରେ ଆଧ୍ୟାତ୍ମିକ ପରିବେଶରେ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାଦେବଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିବା ସହ ଅଞ୍ଚଳବାସୀଙ୍କ ସୁଖସମୃଦ୍ଧି କାମନା କରିଥିଲେ। କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଅନୁଗୋଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା



ରଶ୍ମିତା ସେଠୀ ଓ ଜିଲ୍ଲା ଉପସଭାପତି ସୁନୀଲ ପ୍ରଧାନଙ୍କ ସହ ଅଞ୍ଚଳର ସମସ୍ତ ସରପଞ୍ଚ, ସମିତି ସଦସ୍ୟ ଓ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରବଳ ଭକ୍ତଙ୍କ ସମାଗମରେ ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ରାଜସାହେବ ପରେଶ ଦେଓ ଯୋଗଦେଇଥିବା ବେଳେ ଗ୍ରାମର ବରିଷ୍ଠ ନାଗରିକ ଫକୀରମୋହନ ସାମଲ, ନୃସିଂହ ବରାଳ ପ୍ରମୁଖ ଗ୍ରାମ୍ୟ କମିଟି ତରଫରୁ ସମସ୍ତଙ୍କୁ ଆତିଥ୍ୟ ପ୍ରଦାନ କରିଥିଲେ।

## ଗୁରୁଜୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଅନୁଗୋଳ,୪।୫(ସମିସ):** ସ୍ଥାନୀୟ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠାନର ବରିଷ୍ଠ ଆଚାର୍ଯ୍ୟ ଖଗେଶ୍ୱର ଦାସଙ୍କୁ ସୋମବାର ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପରିଚାଳନା ସମିତି ସମ୍ପାଦକ ଅଶୋକ କୁମାର ମୋଦୀ, ଗୁରୁଜୀଙ୍କ ଧର୍ମପତ୍ନୀ ସବିତା ଦାସ ଉପସ୍ଥିତ ଥିଲେ। ବରିଷ୍ଠ ଆଚାର୍ଯ୍ୟ ଜିତେନ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁଜୀଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଆଚାର୍ଯ୍ୟ ପ୍ରତିନିଧି ଦିଲୀପ କୁମାର ବରାଳ, ବରିଷ୍ଠ ଆଚାର୍ଯ୍ୟ ସନ୍ତୋଷ କୁମାର ବେହେରା, ପ୍ରଶାନ୍ତ କୁମାର ନାଥ, ଲକ୍ଷ୍ମୀଧର ବେହେରା, ଆଚାର୍ଯ୍ୟା ମମତାମୟୀ ରାଉତ ତାଙ୍କ କାର୍ଯ୍ୟ ସମ୍ବନ୍ଧୀୟ ଅନୁଭୂତି ବର୍ଣ୍ଣନା କରିଥିଲେ। ଜଣେ ନିଷ୍ଠାପର ଗୁରୁଜୀ ଭାବେ ସେ ବେଶ୍ ପରିଚିତ ଥିଲେ। ମାନସାଙ୍କ ଓ ବୈଦିକ ଗଣିତରେ ତାଙ୍କର ଅଧିକ ଦକ୍ଷତା ଥିଲା। ଆଚାର୍ଯ୍ୟ ଜୀବନ ଆରମ୍ଭ କରି କିଛିବର୍ଷ ମଧ୍ୟ ପ୍ରଧାନ ଆଚାର୍ଯ୍ୟ ଭାବେ ସେ ବନ୍ତଳା ସରସ୍ୱତୀ ଶିଶୁ ମନ୍ଦିରରେ କାର୍ଯ୍ୟ କରିଥିଲେ। ଶେଷରେ ବରିଷ୍ଠ ଆଚାର୍ଯ୍ୟା ସ୍ୱର୍ଣ୍ଣମଞ୍ଜରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଟ୍ରିକ ପରୀକ୍ଷାରେ ଟପ୍ପର ଛାତ୍ରଙ୍କୁ ସମ୍ବର୍ଦ୍ଧନା



**କଣିହାଁ,୪।୫(ସମିସ):** ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ପାଇଁ ଗର୍ବ ଓ ଗୌରବ ଆଣିଥିବା ଦୁଇ ମେଧାବୀ ଛାତ୍ରଙ୍କୁ ସମ୍ମାନିତ କରାଯାଇଛି। ପିଏମ୍‌ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ର ସ୍ୱୟଂପ୍ରକାଶ ସାହୁ ଓ ବଜ୍ରକୋଟ ଜନତା ହାଇସ୍କୁଲ ଛାତ୍ର ସୌମ୍ୟରଞ୍ଜନ ସାମଲଙ୍କୁ କଣିହାଁ ବ୍ଲକ୍ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍ତରୀୟ, ପୁଷ୍ପଗୁଚ୍ଛ ସହ ପାଠ୍ୟପୁସ୍ତକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି।

ଏହି ଅବସରରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଉଭୟ ଛାତ୍ରଙ୍କୁ ଭେଟି

### ବିଧାୟକ ଓ ବ୍ଲକ୍ ଅଧ୍ୟକ୍ଷଙ୍କ ଶୁଭେଚ୍ଛା

ତାଙ୍କ ଉତ୍କୃଷ୍ଟ ଫଳାଫଳ ପାଇଁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଅଞ୍ଚଳର ନାମ ଉଚ୍ଚ କରିଥିବାରୁ ସେମାନଙ୍କ ପରିବାର ସହିତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଅବଦାନକୁ ସେ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ କଣିହାଁ ବ୍ଲକ୍ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତି ପ୍ରଧାନ, ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧିପ୍ରସାଦ ସାହୁ, ଭାରପ୍ରାପ୍ତ ବିଇଓ ସୁଜନ କୁମାର ପ୍ରଧାନ, ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସାହୁ, ସରପଞ୍ଚ ଶାନ୍ତନୁ ପ୍ରଧାନ, ବିଜେଡି ଜିଲ୍ଲା ଉପସଭାପତି ସୁନୀଲ ପ୍ରଧାନ, ବ୍ଲକ୍ ସଭାପତି ପ୍ରଶାନ୍ତ ସାହୁଙ୍କ ସମେତ ଜିତେନ୍ଦ୍ରୀୟ ସାହୁ, ଈଶ୍ୱର ସାହୁ, ବାବୁଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି




**ଅନୁଗୋଳ,୪।୫(ସମିସ):** ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୩୬ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୪ଟି ବ୍ୟକ୍ତିଗତ ଓ ୨ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା। ୪ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୨ ହଜାର ୫୦୦ ଟଙ୍କା ଓ ୫ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

# ଭାରତୀୟ ବ୍ୟବସାୟୀ ସଂଘର ପ୍ରତିଷ୍ଠା ଦିବସ

**ଅନୁଗୋଳ,୪।୫(ସମିସ):**

କନଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ ଆସୋସିଏସନ (ଭାରତୀୟ ବ୍ୟବସାୟୀ ସଂଘ) ଅନୁଗୋଳ ଜିଲ୍ଲା ଶାଖାର ପଞ୍ଚମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଏକ ହୋଟେଲରେ ପାଳିତ ହୋଇଛି। ଅନୁଗୋଳ ଶାଖା ଅଧ୍ୟକ୍ଷ ରାଜକୁମାର ଶୁକ୍ଳାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜାତୀୟ ଅଧ୍ୟକ୍ଷ ବ୍ରିଜମୋହନ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ବାର ଆସୋସିଏସନ୍ ସଭାପତି ଦିଲୀପ କୁମାର ସାହୁ ଯୋଗଦେଇଥିଲେ। ସଂସ୍ଥାପନ ଅଧିକାରୀ ତଥା ରାଜ୍ୟ ସଭାପତି ଜିତେନ୍ଦ୍ର ଗୁପ୍ତା ମଞ୍ଚାସୀନ ଥିଲେ। ଏହି




ଅବସରରେ ଜାତୀୟ ଅଧ୍ୟକ୍ଷ ଅଗ୍ରୱାଲ ନୂତନ ସଭାପତି ସତ୍ୟନାରାୟଣ ମାଣ୍ଡୋଠିଆଙ୍କୁ ପଦର ଶପଥପାଠ କରାଇଥିଲେ। ପରେ ପୁରୁଣା କମିଟି ଉପସଭାପତି ରାଜେଶ ଧଳ ନୂତନ ସଭାପତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ନୂତନ ସଭାପତି ମାଣ୍ଡୋଠିଆ ନବଗଠିତ ଟିମ୍‌ର ଉପସଭାପତି ଆଶିଷ ଅଗ୍ରୱାଲ, ଅନିଲ କୁମାର ଅଗ୍ରୱାଲ, ସମ୍ପାଦକ ରଣଜିତ ମାଣ୍ଡୋଠିଆ, କୋଷାଧ୍ୟକ୍ଷ ବିମଳ କୁମାର ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ଅମିତ କୁମାର ଅଗ୍ରୱାଲ, ଲୋକସମ୍ପର୍କ ଅଧିକାରୀ ଜଗନ୍ନାଥ ଅଗ୍ରୱାଲ ଏବଂ ଅନ୍ୟ ସମସ୍ତ ନୂତନ ସଦସ୍ୟଙ୍କୁ ଶପଥପାଠ କରାଇଥିଲେ। ଏହି ଅବସରରେ ବ୍ୟବସାୟୀମାନଙ୍କ ଅଧିକାର ସୁରକ୍ଷା, ସ୍ଥାନୀୟ ବ୍ୟବସାୟର ବିକାଶ ଏବଂ ଛୋଟ ବ୍ୟବସାୟୀଙ୍କ ସଶକ୍ତୀକରଣ ପାଇଁ ସଂଘର ଭୂମିକାକୁ ସମସ୍ତେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ବ୍ୟବସାୟୀ, ସମାଜସେବୀ ଏବଂ ବିଭିନ୍ନ ସଂଗଠନର ସଦସ୍ୟ ଯୋଗଦେଇଥିଲେ।

## ଜୟନ୍ତୀ ସାହୁ ବଣ୍ଡଁରପାଳ ବ୍ଲକ ଟପ୍ପର

**ବଣ୍ଡଁରପାଳ,୪।୫(ସମିସ):** ବଣ୍ଡଁରପାଳ ବ୍ଲକରେ ମେଧାର ପରିଚୟ ଦେଖାଇଛନ୍ତି କଞ୍ଚରା ଜିପି ହାଇସ୍କୁଲର ଛାତ୍ରୀ ଜୟନ୍ତୀ ସାହୁ। ଚଳିତ ମାଟ୍ରିକ ପରୀକ୍ଷାରେ ସେ ୫୬୧ ନମ୍ବର ରଖି ବ୍ଲକ ଟପର ହୋଇଛନ୍ତି। ଜୟନ୍ତୀଙ୍କ ଏହି ସଫଳତା ପରେ ବିଦ୍ୟାଳୟରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ବିଦ୍ୟାଳୟର ଶିକ୍ଷକ, ଅଭିଭାବକ ଓ ଅଞ୍ଚଳବାସୀ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। କଠିନ ପରିଶ୍ରମ, ନିୟମିତ ଅଧ୍ୟୟନ ଓ ଶିକ୍ଷକମାନଙ୍କ ପ୍ରଚେଷ୍ଟା ଫଳରେ ସେ ଏହି ସଫଳତା



ହାସଲ କରିଥିବା କହିଛନ୍ତି। ଭବିଷ୍ୟତରେ ସେ ଆହୁରି ଭଲ ପ୍ରଦର୍ଶନ କରି ବିଦ୍ୟାଳୟ ସହ ଅଞ୍ଚଳର ନାମ ଉଜ୍ଜ୍ୱଳ କରିବେ ବୋଲି ସମସ୍ତେ ଆଶା ପ୍ରକାଶ କରିଛନ୍ତି।

# ହତ୍ୟା ମାମଲାରେ ଦୋଷୀଙ୍କୁ ୭ ବର୍ଷ ଜେଲ୍

ଢେଙ୍କାନାଳ,୪।୫(ସମିସ): ଏକ ହତ୍ୟାକାଣ୍ଡ ମାମଲାର ବିଚାର କରି ଢେଙ୍କାନାଳ ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ବିକ୍ରମ କେଶରୀ ପଟ୍ଟନାୟକ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ ସଦର ଥାନା ସୋଗରପଶି ଶବର ସାହିର ଅଭୟ ଦେହୁରୀ (୩୨)।

ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ଅଗଷ୍ଟ ୪ ତାରିଖ ରାତି ୮ଟାରେ ଅଭୟ ଏକ କାତି ଧରି ସେହି ଗ୍ରାମର ପ୍ରଶାନ୍ତ ଦେହୁରୀଙ୍କ ବେକକୁ ଚୋଟ ଦେଇଥିଲେ। ପ୍ରଶାନ୍ତଙ୍କ ଭାଇ ଜମ୍ବେଶ୍ୱର ଦେହୁରୀ ଓ ନିରଞ୍ଜନ ବେହେରା ତାଙ୍କୁ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପ୍ରଶାନ୍ତଙ୍କ ସ୍ତ୍ରୀ ଅମ୍ବିକା ଦେହୁରୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତତ୍କାଳୀନ ଥାନା ଅଧିକାରୀ ପ୍ରଦୀପ ପ୍ରଧାନ ମାମଲାର ତଦନ୍ତ କରି କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ୮ ଜଣ ସାକ୍ଷୀଙ୍କ ବୟାନ, ସମସ୍ତ ପ୍ରମାଣ, ଡାକ୍ତରୀ ରିପୋର୍ଟ ଓ ଅନାନ୍ୟ ଦସ୍ତାବିଜକୁ ଆଧାର କୋର୍ଟ ଅଭୟଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବିଚାରପତି ପଟ୍ଟନାୟକ ରାୟରେ ଉଲ୍ଲେଖ କରିଛନ୍ତି, ଯେହେତୁ ଅଭୟଙ୍କର ପ୍ରଶାନ୍ତଙ୍କ ସହ କୌଣସି ପୂର୍ବ ଶତ୍ରୁତା ନ ଥିଲା କିମ୍ବା ତାଙ୍କୁ ହତ୍ୟା କରିବାର କୌଣସି ଉଦ୍ଦେଶ୍ୟ ନ ଥିଲା, କେବଳ ତତକ୍ଷଣାତ ରାଗରୁ ପ୍ରଶାନ୍ତଙ୍କୁ ଆକ୍ରମଣ କରିଥିଲେ ସେଥିପାଇଁ ଆଇପିସି ଦଫା ୩୦୨ ପରିବର୍ତ୍ତେ ୩୦୪ ଭାଗ ୨ରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆଡିସନାଲ ପିପି ସତ୍ୟନାରାୟଣ ସାହୁ ମାମଲା ପରିଚାଳନା କରୁଥିଲେ।

## ନିଶ୍ଚିନ୍ତା ପାହାଡ଼ ପଥରମାଫିଆଙ୍କ ଭୂସ୍ୱର୍ଗ

# ଏନ୍‌ଜିଟିରେ ହାଜର ହେଲେ ବନଖଣ୍ଡ ଅଧିକାରୀ

ଢେଙ୍କାନାଳ,୪।୫(ସମିସ)

ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନିହଲପ୍ରସାଦ ନିକଟରେ ଥିବା ନିଶ୍ଚିନ୍ତା ପାହାଡ଼ ପଥରମାଫିଆଙ୍କ ଯୋଗୁଁ ଲୋପ ପାଇବାକୁ ବସିଥିବା ବେଳେ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ସୋମବାର ବ୍ୟକ୍ତିଗତ ଭାବରେ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ହାଜର ହୋଇଛନ୍ତି। ଦୀର୍ଘ ଦୁଇବର୍ଷ ଧରି ଜଙ୍ଗଲ ଜମି ଚିହ୍ନଟ ନ ହେବାକୁ ନେଇ ଏନ୍‌ଜିଟି କ୍ଷୁବ୍ଧ ହେବା ସହ ଶୀଘ୍ର ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଯାଜପୁର ଜିଲ୍ଲାର ଧର୍ମଶାଳା ଅଞ୍ଚଳ ପରେ ଗନ୍ଦିଆ ବ୍ଲକର ନିହଲ ପ୍ରସାଦ ଓ ପିଙ୍ଗୁଆ ଅଞ୍ଚଳ କଳା ପଥର ଚୋରା ବେପାରୀଙ୍କ ଭୂସ୍ୱର୍ଗରେ ପରିଣତ ହୋଇଯାଇଛି। ଢେଙ୍କାନାଳ ବନଖଣ୍ଡ ଷଡଙ୍ଗୀ ବନାଞ୍ଚଳ ଅଧୀନ ନିହଲପ୍ରସାଦ ରାଜସ୍ୱ ଗ୍ରାମରେ ରହିଥିବା ନିଶ୍ଚିନ୍ତା ଜଙ୍ଗଲ କିସମ ପାହାଡ ଖାତା ନଂ ୧୫୧୩ ପ୍ଲଟ ନଂ ୬୧୬୮ ଏବଂ ଏହା ସଂଲଗ୍ନ ପ୍ଲଟ ନଂ ୬୨୩୨ରୁ ଦୈନିକ ଏକାଧିକ କୋଟି ଟଙ୍କାର କଳାପଥର ଲୁଟ ହେଉଛି। ପୂର୍ବରୁ ନିହଲପ୍ରସାଦ ରୋଡ ମେଟାଲ କ୍ୱାରୀ ନଂ ୨ ଏବଂ ୩ ଲିଜ ନାମରେ ଲୁଟ୍ ଚାଲିଛି। ପାହାଡକୁ ନେଇ ରାଜ୍ୟପାଳଙ୍କ ତରଫରୁ ପତ୍ର ସଂଖ୍ୟା ୮୪୯୫ ତା୨୩.୦୯.୨୪, ମୁଖ୍ୟ ଶାସନ ସଚିବଙ୍କ ତରଫରୁ ପତ୍ର ସଂଖ୍ୟା ୦୫୫୧୯୧ତା୧୯.୦୯.୨୪ ଏବଂ ଇସ୍ପାତ ଓ ଖଣି ବିଭାଗ ତରଫରୁ ପତ୍ର ସଂଖ୍ୟା-୮୩୨୯ ତା୨୫.୦୯.୨୪ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ହସ୍ତକ୍ଷେପ ପରେ ନିଶ୍ଚିନ୍ତା ପାହାଡ ଉପରେ ଢ଼େଙ୍କାନାଳ ଜିଲ୍ଲା ପ୍ରଶାସନ ଏକ ବଡ଼ ଧରଣର ଚଢ଼ଉ କରି ସଫଳତା ପାଇଥିଲା। ଜିଲ୍ଲା ତଥା ଜିଲ୍ଲା ବାହାରର ଚୋରା ପଥର ମାଫିଆ ମାନେ ସକ୍ରିୟ ହୋଇ ସ୍ଥାନୀୟ ପ୍ରଶାସନ ଓ ରାଜନେତାଙ୍କ ସହାୟତାରେ ରାଜ୍ୟ ସରକାରଙ୍କର କୋଟି

### ଜଙ୍ଗଲ ଜମି ଚିହ୍ନଟ ବିଳମ୍ବ ନେଇ ତାଗିଦ

କୋଟି ଟଙ୍କା ରାଜସ୍ୱ ଲୁଟ କରି ଆସୁଛନ୍ତି। ନିଶ୍ଚିନ୍ତା ପାହାଡର ନିକଟବର୍ତ୍ତୀ ଅଞ୍ଚଳରେ ପ୍ରାୟ ୪/୫ଟି କ୍ରସର୍ କମ୍ପାନୀ ଜିଲ୍ଲା ପ୍ରଶାସନଠାରୁ ପୂର୍ବରୁ ଅନୁମତି ନେଇ କାରଖାନା ସ୍ଥାପନ କରିଛନ୍ତି। ସେହି କ୍ରସର୍ କମ୍ପାନୀ ଗୁଡ଼ିକ ସେମାନଙ୍କୁ ଦିଆଯାଇଥିବା ଅନୁମୋଦିତ ପରିମାଣ ଠାରୁ ଢେର ଅଧିକ କଳା ପଥର ସ୍ଥାନୀୟ ଅଞ୍ଚଳରେ ବିସ୍ଫୋରକ ବ୍ୟବହାର କରି ଉତ୍ପାଦନ କରି ଆସୁଥିବାର ଜଣାପଡିଛି। ସେହିପରି ନିହଲ ପ୍ରସାଦରେ ପ୍ରତିଷ୍ଠିତ ଏକ କ୍ରସର କମ୍ପାନୀ ମାସକୁ ୩ହଜାର ଟନ୍ କଳା ପଥର ଉତ୍ତୋଳନ ପାଇଁ ଅସ୍ଥାୟୀ ଅନୁମତି ନେଇ ଦିନକୁ ୧୦ହଜାର ଟନ୍‌ରୁ ଅଧିକ କଳା ପଥର ଉତ୍ତୋଳନ କରି ଦିନ ଦ୍ୱିପ୍ରହରରେ କୋଟି କୋଟି ଟଙ୍କା ସରକାରୀ ରାଜସ୍ୱ ଲୁଟ କରି ଚାଲି ଥିଲେ ବି ସ୍ଥାନୀୟ ପ୍ରଶାସନ ଓ ଖଣି ବିଭାଗ ନୀରବ ଦ୍ରଷ୍ଟା ସାଜିଛି। ନିହଲ୍ ପ୍ରସାଦ ଅଞ୍ଚଳରେ ଏହି କ୍ରସର କମ୍ପାନୀ ଗୁଡ଼ିକଭୂମୀ ଠାରୁ ପ୍ରାୟ ୨ଶହ ମିଟରରୁ ଅଧିକ ଡ୍ରିଲ୍ କରି ବ୍ଲାଷ୍ଟିଂ କରିବା ଦ୍ୱାରା ନିହଲ୍ ପ୍ରସାଦ ଆଖ ପାଖ ଅଞ୍ଚଳରେ ଶବ୍ଦ ପ୍ରଦୂଷଣ ହେବା ସାଙ୍ଗେ ସାଙ୍ଗେ ଟୋଲର ପଶି, କରଡ଼ାବଣୀ, ନିତ୍ୟାନନ୍ଦ ପୁର, ଚଡକମରା, ରାୟଗଡା, କଷ୍ଟି ପାଳ, ନିହଲପ୍ରସାଦ, ବାଲି କିଆରୀ, ଶ୍ରୀମାନ୍ତ ପୁରଗ୍ରାମ ଗୁଡ଼ିକର ଜନ ସାଧାରଣଙ୍କର ମୂଲ୍ୟବାନ ଘର ଓ ସରକାରୀ ଅନୁଷ୍ଠାନର ଘର ଗୁଡ଼ିକ ଫାଟି ଯାଉଛି। ଏହି ବିପଦ ଜନକ ବିସ୍ଫୋରଣ ବେଳେ କୌଣସି ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ନିଶ୍ଚିନ୍ତା ପାହାଡର ଯେଉଁ ଅଞ୍ଚଳରେ କଳା ପଥର ଚୋରି ହେଉଛି ସେହି ଅଞ୍ଚଳରେ ବ୍ୟାପକ ବୃକ୍ଷ ରୋପଣ କରି ସେହି ଅଞ୍ଚଳର ପରିବେଶର ସୁରକ୍ଷା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଦାବୀ କରିଥିଲେ। କିନ୍ତୁ ପ୍ରଶାସନ ନିଶ୍ଚିନ୍ତା ପାହାଡକୁ ସୁରକ୍ଷା ଦେବାରେ ବିଫଳ ହୋଇଛି। ଏହାକୁ ନେଇ ଗ୍ରୀନ ଟ୍ରିବୁନାଲରେ ଅଭିଯୋଗ ହୋଇଥିବା ବେଳେ ଆଜି ବ୍ୟକ୍ତିଗତ ଭାବରେ ଯାଜପୁର ଜିଲ୍ଲାପାଳଙ୍କ ସହିତ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ହାଜିରହୋଇ ନିଜର ପକ୍ଷ ରଖିଥିଲେ। ଜଙ୍ଗଲ ଜମତ ଜମି ଚିହ୍ନଟରେ ବିଳମ୍ବକୁ ନେଇ ତାଗିଦ କରିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଟ୍ରିବୁନାଲ ନିର୍ଦ୍ଦେଶ ଦେଇଥିବାର ଜଣାପଡିଛି।

## ଖୁଲମଖୁଲା ଚାଲିଛି ବେଆଇନ ମାଙ୍କଡ଼ା ପଥର ଖାଦାନ

# ଦୈନିକ ଚାଲାଣ ହେଉଛି ଶହ ଶହ ଟ୍ରିପ୍ ପଥର

ହିନ୍ଦୋଳ,୪।୫(ସମିସ): ଚୋରା ମାଙ୍କଡ଼ା ପଥର ଚାଲାଣର କେନ୍ଦ୍ରସ୍ଥଳ ପାଲଟିଛି ହିନ୍ଦୋଳ ଉପଖଣ୍ଡ। ଦୈନିକ ଶହ ଶହ ଟ୍ରିପ ପଥର ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି। ସତେ ଯେମିତି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି ହିନ୍ଦୋଳ। ପ୍ରଶାସନ ସବୁ ଜାଣି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଅଭିଯୋଗ ହୋଇଛି। କେବଳ ଧର୍ମକୁ ଆଖିଠାର ସଦୃଶ ବର୍ଷକୁ ଥରେ ପଥର ଖାଦାନରେ ଚଢ଼ଉ କରାଯାଏ। ପୁଣି ବେଆଇନ ମାଙ୍କଡ଼ା ପଥର ଚାଲାଣ କରିବା ପାଇଁ ପ୍ରଶ୍ରୟ ଦିଆଯାଏ। ହିନ୍ଦୋଳ ଉପଖଣ୍ଡରେ ଏହା ଏବେ ଦୈନନ୍ଦିନ ଘଟଣା ପାଲଟିଛି।



ଉପଖଣ୍ଡର ବାବନ୍ଧ ଆର୍‌ଆଇ ସେକ୍ସନ ଅନ୍ତର୍ଗତ ବାବନ୍ଧ, କୁଟୁଣିଆ, ଗୁଆଗାରିଆ, ଖରଡାଳି ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ବେଆଇନ ମାଙ୍କଡ଼ା ଖାଦାନ ଥିବା ବେଳେ ସେଠାରୁ ମାଫିଆଙ୍କ ଦ୍ୱାରା ଉପଖଣ୍ଡର ସମସ୍ତ ଅଞ୍ଚଳ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଦୈନିକ ଶହ ଶହ ଟ୍ରିପ ପଥର ଚାଲାଣ କରାଯାଉଛି। ସ୍ପଷ୍ଟ ଦିବାଲୋକରେ ଖାଦାନରେ ମେସିନ ସାହାଯ୍ୟରେ ପଥର କଟାଯାଉଥିବା ବେଳେ ସଞ୍ଜ ନଇଁଲେ ମାଫିଆମାନେ ୨୦ରୁ ଊର୍ଦ୍ଧ୍ୱ ଟ୍ରକରେ ବାଲିମି ଥାନା ଦେଇ ଉପଖଣ୍ଡର ବିଭିନ୍ନ ଅଞ୍ଚଳକୁ ପଥର ଚାଲାଣ କରୁଛନ୍ତି। ସେହିପରି ହିନ୍ଦୋଳ ରୋଡ୍ ଦେଇ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ପଥର ଚାଲାଣ କରାଯାଉଛି। ମାତ୍ର ହିନ୍ଦୋଳ ତହସିଲଦାର, ବନବିଭାଗ ଅଧିକାରୀ, ପାଖରେ ଥିବା ବାବନ୍ଧ ରାଜସ୍ୱ ଅଧିକାରୀ ଓ ଥାନା ଅଧିକାରୀମାନେ ସବୁ ଜାଣି ଚୁପ୍ ବସିଛନ୍ତି। ଫଳରେ ଦୈନିକ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଥିବା ବେଳେ ମାଫିଆ ରାତାରାତି ମାଲାମାଲ ହେଉଛନ୍ତି। ଏ ସମ୍ପର୍କରେ ହିନ୍ଦୋଳ ତହସିଲଦାର ଦିଲୀପ କୁମାର ସେଠୀଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ହିନ୍ଦୋଳ ଉପଖଣ୍ଡରେ କୌଣସି ମାଙ୍କଡ଼ା ପଥର ଖାଦାନ ନିଲାମ ଦିଆଯାଇ ନାହିଁ। ଚୋରାରେ ଚାଲିଥିବା ଖଣି ଉପରେ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଜରିମାନା ଆଦାୟ କରାଯାଉଛି।



# ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କାମାକ୍ଷାନଗର,୪।୫(ସମିସ): ଚଳିତ ମାଟ୍ରିକ ପରୀକ୍ଷା ଦେଇଥିବା ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ନିକଟ କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ମୋଟ ୨୦୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ-୧ ଗ୍ରେଡରେ ୨୬ ଜଣ ଉତ୍ତୀର୍ଣ୍ଣ ହେବା ସହ ଶତପ୍ରତିଶତ ସଫଳତା ହାସଲ କରିଛି।




ଏହି ଅବସରରେ ଏ-୧ ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜ୍ଞାପନ କରିଥିଲେ। କେବଳ ଶିକ୍ଷା ନୁହେଁ, ଅନ୍ୟ କ୍ଷେତ୍ରର ମଧ୍ୟ ଏହି ବିଦ୍ୟାଳୟ ଜିଲ୍ଲା ତଥା ରାଜ୍ୟରେ ସୁନାମ ଅର୍ଜନ କରି ଆମର ସମ୍ମାନକୁ ଆହୁରି ବଢ଼ାଇ ପାରିଛି ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି, ବିଡିଓ ପ୍ରଭୁ କଲ୍ୟାଣ ଦାସ, ବିଇଓ ସରୋଜ ସାହୁ, ଶିକ୍ଷାବିତ ଲୋକନାଥ ଷଡ଼ଙ୍ଗୀ, କୈଳାସ ଚନ୍ଦ୍ର ପୃଷ୍ଟି, ନାଟ୍ୟ ନିର୍ଦ୍ଦେଶକ ଦୀନେଶ ଦାସ ଉପସ୍ଥିତ ଥିଲେ। ଚଳିତବର୍ଷ ବିଦ୍ୟାଳୟ ଜିଲ୍ଲାରେ ସର୍ବାଧିକ ଏ-୧ ଗ୍ରେଡ ହାସଲ କରିବା ସହ ଛାତ୍ର ଅମନ ବେହେରା ଓ ଅରଣ୍ୟ ସାହୁ ସର୍ବାଧିକ ୫୭୯ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଥିବାରୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ। ସର୍ବାଧିକ ନମ୍ବର ରଖିଥିବା ଦୁଇ ଛାତ୍ରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରାଯିବା ସହ ଅନ୍ୟମାନଙ୍କୁ ୨୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଶିକ୍ଷକ ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁରେଶ କୁମାର ବିଶ୍ୱାଳ, ଚନ୍ଦ୍ରମଣି ଲେଙ୍କା, ରୁଦ୍ରନାରାୟଣ ପରିଡ଼ା, ନିର୍ମଳ ମହାନ୍ତି, ଶିକ୍ଷୟିତ୍ରୀ କବିତା ରାଉତ, ସୁମିତ୍ରା ଜେନା, କର୍ମଚାରୀ ଗିରୀଶ ଚନ୍ଦ୍ର ମହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତ ସହଯୋଗ କରିଥିଲେ। ସମସ୍ତ ଅଭିଭାବକଙ୍କ ସହିତ ଶିକ୍ଷାବିତ୍ କୈଳାସ ବିଶ୍ୱାଳ, ଶିକ୍ଷକ ନାରାୟଣ ସାହୁ, ପ୍ରହଲ୍ଲାଦ ସାହୁ, ସମରେନ୍ଦ୍ର ନାୟକ, ବସନ୍ତ ସାହୁ, ଚିତ୍ତରଞ୍ଜନ ବିଶ୍ୱାଳ, ସୌଭାଗ୍ୟ ସାହୁ, ଆକାଶ ରାଉତ, ଦୀପ୍ତିରଞ୍ଜନ ରାଉତ, ଶ୍ରୀକର ସାହୁ, ଆଲୋକ ବେହେରା, ଶିକ୍ଷୟିତ୍ରୀ ପ୍ରଭାତୀ ସାହୁ, ଗୀତା ମହାପାତ୍ର, ପ୍ରୀତି ପ୍ରିୟମ୍ବଦା ପରିଡ଼ା, ରୋଜାଲିନ ପତି, କର୍ମଚରୀ ପ୍ରଶାନ୍ତ ରାଉତ, ଜୟସ୍ମିତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ମାଟ୍ରିକରେ ଉତ୍ତୀର୍ଣ୍ଣ ହେଲେ ଦିବ୍ୟାଙ୍ଗ ଛାତ୍ରୀ ସୁନିତା

କାମାକ୍ଷାନଗର,୪।୫(ସମିସ): ଚଳିତବର୍ଷ ମାଟ୍ରିକ ପରୀକ୍ଷା ବେଳେ ଚର୍ଚ୍ଚାର ପରିସରକୁ ଆସିଥିଲେ କାମାକ୍ଷାନଗର ବ୍ଲକ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁନିତା ନାୟକ। ରାଜ୍ୟର ସବୁଠୁ କମ ଉଚ୍ଚତା ବିଶିଷ୍ଟ ଛାତ୍ରୀ ଭାବେ ସେ ମାଟ୍ରିକ ପରୀକ୍ଷା ଦେଇଥିଲେ। ସୁନିତାଙ୍କ ଉଚ୍ଚତା ମାତ୍ର ଦେଢ଼ଫୁଟ। କାମାକ୍ଷାନଗର ବ୍ଲକ ସାରୁଆଲି ପଞ୍ଚାୟତ କଟା ଗ୍ରାମର ସୁନିତା କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଉଥିବା ବେଳେ ଚର୍ଚ୍ଚାର ପରିସରକୁ ଆସିଥିଲେ। ଠିକରେ କଥା କହିପାରୁ ନ ଥିବା ଓ ଶୁଣିପାରୁ ନ ଥିବା ସୁନିତା ଜଣେ ସମ୍ପର୍କୀୟ ଭାଇଙ୍କ ସହାୟତାରେ ମାଟ୍ରିକ ପରୀକ୍ଷା ଦେଇଥିଲେ। ତାଙ୍କ ମା' ଓ ଭାଇଙ୍କ ସହ ସେ ପରୀକ୍ଷାକେନ୍ଦ୍ରକୁ ଆସୁଥିବା ବେଳେ ପରିବାରର



ସମର୍ଥନ ଓ ନିଜ ଦୃଢ଼ ଇଚ୍ଛାଶକ୍ତି ବଳରେ ସୁନିତା ମାଟ୍ରିକରେ ୩୦୯ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ ନେଇ ସୁନିତାଙ୍କ ମା' ଓ ପରୀକ୍ଷାରେ ସହାୟତା କରିଥିବା ଭାଇ ବେଶ୍ ଖୁସି ଥିବାବେଳେ ଆଗାମୀ ଦିନରେ

### ରାଜ୍ୟର ସବୁଠୁ କମ୍ ଉଚ୍ଚତା ଛାତ୍ରୀ ଭାବେ ଦେଇଥିଲେ ପରୀକ୍ଷା

ସରକାରୀ ସହାୟତା ଯୋଗାଇଦେଲେ ସୁନିତା ଉଚ୍ଚଶିକ୍ଷା ଲାଭ କରିପାରିବେ ବୋଲି କହିଛନ୍ତି। ଦିବ୍ୟାଙ୍ଗ ହୋଇ ମଧ୍ୟ ସୁନିତାଙ୍କ ଏହି ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବା ସହ ପରୀକ୍ଷାର୍ଥୀଙ୍କ ମନୋବଳ ବୃଦ୍ଧି କରିବାରେ ସାହାଯ୍ୟ ଯୋଗାଇବ ବୋଲି ଆଲୋଚନା ହୋଇଛି।

# କଙ୍କାଳୁ ଗ୍ରାମରେ ପାନୀୟ ଜଳ ସମସ୍ୟା

ଢେଙ୍କାନାଳ,୪।୫(ସମିସ): ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ କଙ୍କାଳୁ ଗ୍ରାମବାସୀ ବିଶୁଦ୍ଧ ପାନୀୟ ଜଳ ଟୋପେ ପାଇ ପାରୁନାହାନ୍ତି। ବାରମ୍ବାର ଜନଶୁଣାଣିରେ ଗ୍ରାମବାସୀ ଅଭିଯୋଗ କରିବା ସତ୍ତ୍ୱେ



କୌଣସି ସୁଫଳ ମିଳିନାହିଁ। ଟାଟା କମ୍ପାନୀ ଗ୍ରାମକୁ ଆସି ପ୍ରତି ଘରକୁ ପାଣି ଯୋଗାଇ ଦେବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ଆଗାମୀ ୧୫ଦିନ ମଧ୍ୟରେ ପ୍ରଶାସନ କିମ୍ବା ଟାଟା କମ୍ପାନୀ ତରଫରୁ କୌଣସି ବ୍ୟବସ୍ଥା କରା ନ ଗଲେ ଗ୍ରାମବାସୀ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ଇତିହାସ ବିଭାଗରେ ସମ୍ବର୍ଦ୍ଧନା ଉତ୍ସବ




ଖଜୁରିଆକଟା,୪।୫(ସମିସ): ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଇତିହାସ ବିଭାଗର ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ସୋମବାର ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ମୁଖ୍ୟ ଡ. ମହେନ୍ଦ୍ର କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକ ବଳିଷ୍ଠ ସମାଜ ଗଠନ ପାଇଁ ମାନବ ସମ୍ବଳର ପ୍ରକୃତ ବିନିଯୋଗ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ ପାତ୍ର, ଗଣିତ ବିଭାଗ ମୁଖ୍ୟ କ୍ୟାପଟେନ ଡ. କିଶୋର କୁମାର ପୃଷ୍ଟି, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି, ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଶଲ୍ୟ ସାମଲ, ମଙ୍ଗରାଜ ପ୍ରଧାନ ଓ ସାମ୍ବାଦିକ ପ୍ରଶାନ୍ତ ଜେନାମଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଇତିହାସ ପ୍ରତ୍ୟେକ ଜାତିର ଅସ୍ମିତାର ପ୍ରତିଫଳନ, ତେଣୁ ଯୁବପିଢ଼ି ଏହି ଅସ୍ମିତାରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ପ୍ରେରଣା ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଉଷସୀ ସାହୁ, ଭବାନୀ ନାୟକ, ଦୀପ୍ତିମୟୀ ସାହୁ, ଆଶିଷ ମାଝୀ, ସ୍ୱର୍ଣ୍ଣମୟୀ ସାହୁ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଅବତାରଣା କରିଥିଲେ। ବିଭାଗର ଅଧ୍ୟାପିକା ପ୍ରିୟଙ୍କା ତିଗା ସ୍ୱାଗତ ଅଭିଭାଷଣ ଦେଇଥିଲା ବେଳେ +୩ ଦ୍ୱିତୀୟ ବର୍ଷ ଛାତ୍ରୀ ଖାତମ୍ ବେଗମ୍ ଧନ୍ୟବାଦ ଜଣାଇଥିଲେ।

# ଆବର୍ଜନା, ଗଛଲତାରେ ପୋତି ହୋଇଛି ସାପୁଆ ନଦୀ

ଢେଙ୍କାନାଳ,୪।୫(ସମିସ)

ହିନ୍ଦୋଳ ବ୍ଲକ ରାସୋଳ ଦେଇ ପ୍ରବାହିତ ସାପୁଆ ନଦୀ ଏବେ ଆବର୍ଜନା ଓ ଗଛଲତାରେ ପୋତି ଯାଇଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଚାଷୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଉଛନ୍ତି। ରାସୋଳ ଗ୍ରାମ ନିକଟରୁ ଏହି ସାପ ଆକୃତି ନଈର ଆରମ୍ଭ। ନଈ ଢେଙ୍କାନାଳ ସଦର ଓ ଆଠଗଡ଼ ବ୍ଲକ ଦେଇ ପ୍ରାୟ ୭୦ କିଲୋମିଟର ଅତିକ୍ରମ କରି ମୁଣ୍ଡଳୀ ସର୍ପେଶ୍ୱର ନିକଟରେ ମହାନଦୀରେ ମିଶିଛି। ତିନିଟି ବ୍ଲକର ଲକ୍ଷାଧିକ ଲୋକ ଏହି ନଈ ଉପରେ ନିର୍ଭର କରି ଚଳୁଥିଲେ। ନଈ କୂଳରେ ଥିବା ଜନବସତି ସାପୁଆ ପାଣିରେ ଚାଷବାସ କରିବା ସହ ସେହି ମଧୁର ଜଳକୁ ପାନୀୟ ଭାବେ ବ୍ୟବହାର କରୁଥିଲେ। ମାତ୍ର ଏବେ ଚିତ୍ର ବଦଳି ଯାଇଛି। ଆଗ ଭଳି ଆଉ ପାଣି ନ ଆସିବାରୁ ଏବେ ମରିବାକୁ ବସିଲାଣି ଏ ନଈ। ପାଣି ପାଇଁ ଚାଷୀ ବି ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ସାପୁଆ ଭିତରେ ଏବେ ମଣିଷଙ୍କ ବଦଳରେ ବାରହା, ଅଜଗର ରାଜ୍ କଲେଣି। କାର୍ତ୍ତିକ ପୂର୍ଣ୍ଣିମା ଡଙ୍ଗାଭସା ବଦଳରେ ଏବେ ସବୁଦିନ ଅଳିଆ ପକାଇ ନଈକୁ ଡଷ୍ଟବିନ କରିଦିଆ ଗଲାଣି। ପାଇଖାନା ଆବର୍ଜନା ପାଣି ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଢେଙ୍କାନାଳ ଜିଲ୍ଲାର ଅନନ୍ୟ ଆକର୍ଷଣ ହେଉଛି ସାପୁଆ ଡ୍ୟାମ୍। ସାପୁଆ ନାଳରେ ନିର୍ମିତ ଏହି ଡ୍ୟାମ ସର୍ପାକୃତି ହୋଇଥିବାରୁ ଏହାର ନାମକରଣ ଏପରି କରାଯାଇଛି। ସରକାରଙ୍କ ଜଳସମ୍ପଦ ବିଭାଗ ତରଫରୁ ମଧ୍ୟମ ଜଳସେଚନ ଯୋଜନାରେ ଏହା ନିର୍ମାଣ କରାଯାଇଛି। ବର୍ତ୍ତମାନ ଏହା ଏକ ପ୍ରାକୃତିକ ପରିବେଶ ପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀରେ ପରିଣତ ହୋଇଛି। ଜଳସେଚନ ସହ ଜନଜୀବନ ସୁରକ୍ଷା ପାଇଁ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଜଳସଙ୍କଟ ଦୂର କରିବା ପାଇଁ ଏହି ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ଢେଙ୍କାନାଳ ସହରଠାରୁ ୪୨ କିଲୋମିଟର ଦୂରରେ ଅବସ୍ଥିତ ଏହି ସାପୁଆ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨୦୦୬ରେ ଶେଷ ହୋଇଥିଲା। ମୁଖ୍ୟ ଡ୍ୟାମର ଲମ୍ବ ୧ ହଜାର ୨୯୦ ମିଟର ହୋଇଥିବା ବେଳେ ପରିସର ପ୍ରାୟ ୩୪.୫ ମିଟର। ଏହାର ଉଚ୍ଚତା ୨୫.୨୫ ମିଟର ହୋଇଥିବାବେଳେ ଜଳଧାରଣ କ୍ଷମତା ୧୬୮.୨୦ ମିଟର। ଏହି ଡ୍ୟାମ ଦ୍ୱାରା ନହଡ଼ା, କାଠଖୁମ୍ପା, ଖରଚୁଲି, ଗଣ୍ଡାନାଳୀ, ନୟାଗଡ଼, ଚିଲତଏଲା, ଜରିପାଳ, ରାଣୀପାଳ, ସାନନହଡ଼ା, ପାଳ, ଘଟିପିରି, ବୃନ୍ଦାବନପୁର, ଭାପୁର, ପାଣ୍ଡୁମୁର୍ଗା ଭଳି ୯୮ ଗ୍ରାମକୁ ଜଳସେଚନ କରୁଛି। ଏହି ଜଳସେଚନ ପ୍ରକଳ୍ପ ଦ୍ୱାରା ଖରିଫ ଋତୁରେ ୮୫୫ ହେକ୍ଟର ଏବଂ ରବି ଋତୁରେ ୩୫୦ ହେକ୍ଟର ଏଭଳି ମୋଟ ୧୨୦୫ ହେକ୍ଟର ଜମିରେ ଜଳସେଚତ ହୋଇଥାଏ। ମୋଟ ୧୪ ଶହ ହେକ୍ଟର ଜମିରେ ଜଳସେଚନ ପାଇଁ ଲକ୍ଷ୍ୟ ରହିଛି। ଏହି ପ୍ରକଳ୍ପ ଦ୍ୱାରା ୧୦ ବର୍ଗ କିଲୋମିଟର ଅଞ୍ଚଳ ବୁଡ଼ି ରହିଛି। ମୁଖ୍ୟ ଡ୍ୟାମ ୯୦ ମିଟର ହୋଇଥିବା ବେଳେ ସର୍ବନିମ୍ନ ୨.୦୪ ଏମକ୍ୟୁ ଜଳ ରହିଥାଏ। ବର୍ଷାଦିନେ ଜଳସଞ୍ଚୟ ହୋଇ ରହିଥାଏ। ହିନ୍ଦୋଳ ତେଲଭୂଇଁ ଛକରୁ ୬କିମି ଦୂରରେ ଅବସ୍ଥିତ ଏହି ଜଳସେଚନ ପ୍ରକଳ୍ପ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଶାଳ ଜଙ୍ଗଲ ସହ ବିଭିନ୍ନ ବୃକ୍ଷରାଜିର ଶୋଭା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ପ୍ରତିବର୍ଷ ନଭେମ୍ବରରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ହଜାରହଜାର ପର୍ଯ୍ୟଟକ ଏଠାରେ ବଣଭୋଜି କରବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି। ହିନ୍ଦୋଳ ଏବଂ ଓଡ଼ାପଡ଼ା ବ୍ଲକର କେତେକ ଅଞ୍ଚଳକୁ ଏହା ଜଳସେଚିତ କରୁଥିବାବେଳେ ଜଳସେଚନ ସହ ପର୍ଯ୍ୟଟନସ୍ଥଳୀ ଭାବେ ସରକାରଙ୍କ ପର୍ଯ୍ୟଟନ ମାନଚିତ୍ରରେ ଏହା ସ୍ଥାନିତ ହୋଇଛି। ଏହି ଜଳସେଚନ ପ୍ରକଳ୍ପ ଦ୍ୱାରା ଚାଷ ଏବଂ ଚାଷୀର ଉନ୍ନତି ହେଉଥିବା ବେଳେ ପର୍ଯ୍ୟଟନ କ୍ଷେତ୍ର ଭାବେ ଯେତିକି ବିକାଶ ହେବା କଥା ତାହା ହୋଇପାରିନାହିଁ। ଏହାର ବିକାଶ ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଛି।




# ସମ୍ପାଦକୀୟ



ପରିଶେଷରେ ଶତ୍ରୁର ଶବ୍ଦ ନୁହେଁ, ମିତ୍ରର ନିରବତା ହିଁ ମନେ ରହିବ।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

ସକାଳ
THE SAKALA

## ପାଞ୍ଚ ରାଜ୍ୟରୁ ପାଞ୍ଚ ସନ୍ଦେଶ

ବହୁ ପ୍ରତୀକ୍ଷିତ ପାଞ୍ଚରାଜ୍ୟର ନିର୍ବାଚନ ଫଳାଫଳ କ୍ରମଶଃ ସ୍ପଷ୍ଟ ହୋଇଛି। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଶାସିତ ରାଜ୍ୟ ଆସାମ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ, ସିପିଆଇ(ଏମ୍) ନେତୃତ୍ୱାଧୀନ ଏଲ୍‌ଡିଏଫ୍ ଶାସିତ କେରଳ ଓ ଡିଏମ୍‌କେ ଶାସିତ ତାମିଲନାଡୁରେ କ୍ଷମତା ପରିବର୍ତ୍ତନର ସେଭଳି କୌଣସି ସ୍ପଷ୍ଟ ସଙ୍କେତ ନଥିଲେ ମଧ୍ୟ ଟିଏମ୍‌ସି ଶାସିତ ପଶ୍ଚିମବଙ୍ଗ ଉପରେ ସମଗ୍ର ଦେଶ ଏପରିକି ବିଶ୍ୱର ଦୃଷ୍ଟି ଥିଲା। ପଶ୍ଚିମବଙ୍ଗରେ ବିଜେପି ତା'ର ବହୁ ଆକାଂକ୍ଷିତ ବିଜୟ ହାସଲ କରିବା ସହିତ 'ପୂର୍ବଭାରତ ଅଭିଯାନ'କୁ ପ୍ରାୟତଃ ଶତପ୍ରତିଶତ ସଫଳ କରିପାରିଛି। ଏଥିସହିତ ଦୀର୍ଘ ୧୫ ବର୍ଷ ଧରି ସେଠାରେ ଚାଲିଥିବା ମମତା ବାନାର୍ଜୀ(ଦିଦି)ଙ୍କ ଆଧିପତ୍ୟ ଭାଙ୍ଗିଛି। ଆସାମ୍ ଓ ପୁଡୁଚେରୀରେ ଏନ୍‌ଡିଏ ଶାସନ କ୍ଷମତା ବଜାୟ ରଖିଛି। ସବୁଠାରୁ ଚମକ୍‌ପ୍ରଦ ଓ ଅପ୍ରତ୍ୟାଶିତ ଫଳାଫଳ ମିଳିଛି ତାମିଲନାଡୁରୁ। ତାମିଲ୍ ସିନେ ତାରକା ଥାଲାପତି ବିଜୟଙ୍କ ଟିଭିକେ ପ୍ରଥମ ପଦାର୍ପଣରେ ତାମିଲ୍‌ନାଡୁରେ ସରକାର ଗଢ଼ିବାକୁ ଯାଉଥିବା ବେଳେ ସୁପରଷ୍ଟାର ବିଜୟ ରୂପରେ ଜଣେ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ପାଇଛି। ସେହିଭଳି କେରଳରେ ପି ବିଜୟନ୍‌ଙ୍କ ପରାଜୟ ମଧ୍ୟ ରାଜନୀତି ବିଶାରଦମାନଙ୍କୁ ଅଧିକ ବିଚାରବିମର୍ଶ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛି। ଟିଭିକେ ତାମିଲ୍‌ନାଡୁରେ ଦ୍ୱିତୀୟ ସର୍ବବୃହତ୍ ଦଳ ଭାବେ ଉଭା ହେବ ବୋଲି ଏକ୍‌ଜିଟ୍ ପୁଲ୍‌ରେ ଆକଳନ କରାଯାଇଥିବା ବେଳେ ସେହି ଦଳ ଏବେ ସେଠାରେ ସରକାର ଗଢ଼ିବାକୁ ଯାଉଛି। କେବଳ ଏହି ବ୍ୟତିକ୍ରମକୁ ବାଦ୍ ଦେଲେ ଏକ୍‌ଜିଟ୍ ପୁଲ୍ ବା ବୁଥ୍‌ବାହୁଡ଼ା ମତ ଆକଳନ ମଧ୍ୟ ଏଥର ପ୍ରାୟତଃ ସତ ପ୍ରମାଣିତ ହୋଇଛି।

ସାମଗ୍ରିକ ଭାବେ ପାଞ୍ଚଟି ରାଜ୍ୟର ବିଧାନସଭା ଫଳାଫଳକୁ ତର୍ଜମା କଲେ ପାଞ୍ଚଟି ସନ୍ଦେଶ ମିଳୁଛି। ପ୍ରଥମତଃ, ବାଡ଼ ଯଦି କ୍ଷେତ ଖାଏ ତେବେ ରକ୍ଷା କରିବ କିଏ? ପଶ୍ଚିମବଙ୍ଗରେ ଟିଏମ୍‌ସି ଓ ବିଜେପି ମଧ୍ୟରେ ନୁହେଁ, ବରଂ ମମତା ବାନାର୍ଜୀ ଓ କେନ୍ଦ୍ର ସରକାରଙ୍କ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା, ଯେଉଁଥିରେ ସରକାରୀ ସେନାର ସେନାପତି ଥିଲେ ନିର୍ବାଚନ ଆୟୋଗ। ସାମ-ଦାମ-ଦଣ୍ଡ-ଭେଦ ନୀତିରେ କିଭଳି ନିର୍ବାଚନ ରଣାଙ୍ଗନରେ ପରାଜିତ ସ୍ଥିତିକୁ ବିଜୟରେ ପରିବର୍ତ୍ତନ କରାଯାଇପାରେ ତାହା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସଦ୍ୟତମ ଉଦାହରଣ ସୃଷ୍ଟି କରିଛି। ଏ ସମ୍ପର୍କରେ ଏହି ସ୍ତମ୍ଭରେ ପରବର୍ତ୍ତୀ ସମୟରେ ବିସ୍ତୃତ ଭାବେ ଆଲୋଚନା କରାଯିବ।

ଦ୍ୱିତୀୟତଃ, ଭୋଟର ପରିବର୍ତ୍ତନ ଚାହିଁଛନ୍ତି। ଆସାମ ଓ ପୁଡୁଚେରି ଭଳି ଯେଉଁଠି ବିରୋଧୀ ଦଳର ଉପସ୍ଥିତି ନାମକୁମାତ୍ର ରହିଯାଇଛି ବା ଦୃଢ଼ ବିକଳ୍ପ ନାହିଁ ସେଠାରେ ଜନମତ ଶାସକ ଦଳ ସପକ୍ଷରେ ଯାଇଛି। କିନ୍ତୁ ଯେଉଁଠି ବିକଳ୍ପର ସାମାନ୍ୟତମ ଝଲକ ଦେଖିବାକୁ ମିଳିଛି ସେଠାରେ ଭୋଟର ବିକଳ୍ପକୁ ଅଧିକ ପସନ୍ଦ କରିଛନ୍ତି। ଏହି କାରଣରୁ ବାମପନ୍ଥୀର ମାଟି ବା ଗଡ଼ ଏବଂ 'ମା' ମାଟି ମାନୁଷ'ର କଥା କହୁଥିବା ପଶ୍ଚିମବଙ୍ଗରେ ଦକ୍ଷିଣପନ୍ଥୀ ଆଦର୍ଶର ଉଦ୍ଭବ ଘଟିଛି। ସେହିପରି ଭୋଟର ସପକ୍ଷ ବା ଜନମଙ୍ଗଳ କାର୍ଯ୍ୟକ୍ରମ ସତ୍ତ୍ୱେ ପି ବିଜୟନ୍‌ଙ୍କୁ କେରଳରେ ଭୋଟରମାନେ ପ୍ରତ୍ୟାଖ୍ୟାନ କରି ଦୃଢ଼ ବିକଳ୍ପ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍‌କୁ ସୁଯୋଗ ଦେଇଛନ୍ତି। 'ବିକଳ୍ପକୁ ମୋହର'ର ସବୁଠାରୁ ବଡ଼ ଉଦାହରଣ ହୋଇଛି ତାମିଲ୍‌ନାଡୁ। ସେଠାକାର ଭୋଟର ପାରମ୍ପରିକ ଦ୍ରାବିଡ଼ଆଦର୍ଶଭିତ୍ତିକ ରାଜନୈତିକ ଦଳ ଡିଏମ୍‌କେ, ଏଆଇଡିଏମ୍‌କେରୁ ମୁହଁ ଫେରାଇ ରାଜନୀତିରେ ଆଦୌ ଅଭିଜ୍ଞତା ନଥିବା ସିନେତାରକା ବିଜୟଙ୍କୁ ସେମାନଙ୍କ ମୁଖ୍ୟମନ୍ତ୍ରୀ ରୂପେ ବାଛିଛନ୍ତି। ସେଠାରେ ଷ୍ଟାରକ୍ରେଜ୍ ବା ତାରକାଙ୍କ ପାଇଁ ପାଗଳାମୀ କେତେ ଉଗ୍ର ହୋଇପାରେ ତାହା ଏମ୍ ଜି ରାମଚନ୍ଦ୍ରନ୍‌ଙ୍କ ପରେ ପୁଣି ଥରେ ଦେଖିବାକୁ ମିଳିଛି।

ତୃତୀୟତଃ, କୌଣସି ଫ୍ରିବିଜ୍ ବା ମାଗଣା ଯୋଜନା ପ୍ରତି ଭୋଟର ଆଉ ଆକର୍ଷିତ ହେବା ସ୍ଥିତିରେ ନାହାନ୍ତି ତାହା ବିଶେଷକରି ପଶ୍ଚିମବଙ୍ଗ ଓ ତାମିଲ୍‌ନାଡୁ ବିଧାନସଭା ନିର୍ବାଚନ ଫଳାଫଳ ପ୍ରମାଣିତ କରିଛି। ଲୋକକଲ୍ୟାଣକାରୀ ଯୋଜନା ଓ ମାଗଣା ଯୋଜନାର ଜନ୍ମଭୂମି କୁହାଯାଉଥିବା ତାମିଲ୍‌ନାଡୁରେ ଏଭଳି କୌଣସି ବର୍ଗ ବା କ୍ଷେତ୍ର ନଥିଲା, ଯାହା ଡିଏମ୍‌କେ ସରକାର ତଥା ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ୍‌ଙ୍କ କୃପାଦୃଷ୍ଟିରୁ ବାଦ୍ ପଡ଼ିଥିଲା। ତଥାପି ଡିଏମ୍‌କେକୁ ଭୋଟର ପ୍ରତ୍ୟାଖ୍ୟାନ କରି ନୂଆ ନେତୃତ୍ୱକୁ ସୁଯୋଗ ଦେଲେ। ସେହିଭଳି ବିଜେପିର ନିର୍ବାଚନ ପ୍ରତିଶ୍ରୁତି ତୁଳନାରେ ଟିଏମ୍‌ସିର କଲ୍ୟାଣମୁଖୀ ଯୋଜନା ଅଧିକ ପ୍ରଭାବଶାଳୀ ଓ ଲୋକପ୍ରିୟ ଥିଲା। ଅଥଚ ମମତାଙ୍କୁ ବୃହତ୍ତର ଭୋଟର ଗୋଷ୍ଠୀ ବିଶେଷକରି ମହିଳାମାନେ ପ୍ରତ୍ୟାଖ୍ୟାନ କଲେ।

ଚତୁର୍ଥତଃ, କୌଣସି ରାଜନୈତିକ ଦଳ ଯେତେ ଶକ୍ତିଶାଳୀ ଓ ତୃଣମୂଳସ୍ତରରେ ଦୃଢ଼ ହେଉ ନା କାହିଁକି ଆଭ୍ୟନ୍ତରୀଣ ନେତୃତ୍ୱ କନ୍ଦଳ ତାହାକୁ ଫମ୍ପା କରିଦିଏ। କେରଳରେ ସିପିଆଇ(ଏମ୍)ରେ ତିନି ବରିଷ୍ଠ ନେତାଙ୍କ ଆଭ୍ୟନ୍ତରୀଣ ବିଦ୍ରୋହ, ଦୁର୍ନୀତି ଓ ପ୍ରିୟାପ୍ରୀତି ଅଭିଯୋଗ ପି ବିଜୟନଙ୍କ ବହୁମୁଖୀ ବିକାଶମୂଳକ ଯୋଜନାକୁ ଫିକା କରିଦେଲା। ସେହିପରି ହାଇକମାଣ୍ଡଙ୍କ ବିପକ୍ଷରେ ଆସାମ୍ କଂଗ୍ରେସ ସଭାପତିଙ୍କ ବିଦ୍ରୋହ ଓ ସମର୍ଥକଙ୍କ ସହିତ ଦଳତ୍ୟାଗ ଯୋଗୁଁ ସେଠାରେ ଏନ୍‌ଡିଏ ଏକପ୍ରକାର ବିରୋଧୀ ବିହୀନ ହୋଇପଡ଼ିଲା ଏବଂ ବିଜୟକୁ ସୁନିଶ୍ଚିତ କରିନେଲା।

ପଞ୍ଚମତଃ, ଭାରତୀୟ ଗଣତନ୍ତ୍ରରେ ଆଞ୍ଚଳିକ ଦଳମାନଙ୍କର ଆଧିପତ୍ୟ ଏବଂ ଦେଶର ନୀତି ନିର୍ଦ୍ଧାରଣରେ ଅଂଶଗ୍ରହଣର ଯୁଗ କ୍ରମଶଃ ଲୋପ ପାଉଛି। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ପରାଜୟ ସହିତ ଏହି ସଙ୍କେତ ଆହୁରି ଅଧିକ ସ୍ପଷ୍ଟ ହୋଇ ଭାରତୀୟ ଗଣତନ୍ତ୍ରରେ ଏକ ନୂଆ ସମୀକରଣ ଲେଖିଦେଇଛି। ୨୦୨୪ ନିର୍ବାଚନରେ ତେଲଙ୍ଗାନାରେ ବିଆରଏସ୍ ଏବଂ ଓଡ଼ିଶାରେ ବିଜେଡିର କ୍ଷମତାରୁ ଅପସାରଣ ସହିତ ଆରମ୍ଭ ହୋଇଥିବା ଏହି ଧାରା ଏବେ ପଶ୍ଚିମବଙ୍ଗରେ ପାଦ ଥାପିଛି। ଦେଶରେ ପ୍ରଥମ ଥର ପାଇଁ ସିପିଆଇ(ଏମ୍) ମଧ୍ୟ ଶାସନ କ୍ଷମତାରୁ ସମ୍ପୂର୍ଣ୍ଣ ବାଦ୍ ପଡ଼ିଛି। କେବଳ ଜାତୀୟ ଦଳର ଶାସନ ବହୁଦଳୀୟ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ପାଇଁ କେତେ ଶୁଭଙ୍କର ତାହା ସମୟ କହିବ।

## ବ୍ୟବସ୍ଥାର ବ୍ୟତିକ୍ରମ

ଶ୍ରୀବତ୍ସ ନାୟକ

ଭାରତୀୟ ଗଣତନ୍ତ୍ରରେ 'ବ୍ୟବସ୍ଥା' ଶବ୍ଦଟି ଯେତିକି ଗମ୍ଭୀର, ଏହାର କାର୍ଯ୍ୟକାରିତା ସେତିକି ବିଚିତ୍ର। ସମ୍ବିଧାନରେ ସମସ୍ତେ ସମାନ ବୋଲି କୁହାଯାଉଥିଲେ ମଧ୍ୟ ବାସ୍ତବରେ ବ୍ୟବସ୍ଥା ଏକ ଅଦୃଶ୍ୟ ବିଭାଜନ ରେଖା ଦ୍ୱାରା ପରିଚାଳିତ। ଗୋଟିଏ ପଟେ ଦେଶର କୋଟି କୋଟି ଟଙ୍କା ଲୁଟି ନେଇ ବଡ଼ବଡ଼ିଆମାନେ ବିଦେଶରେ ସୁରକ୍ଷିତ ଆଶ୍ରୟ ନେଉଥିବା ବେଳେ ଅନ୍ୟପଟେ ସେହି ଦେଶର ଜଣେ ସାଧାରଣ ନାଗରିକକୁ ନିଜର ହକ୍ ପାଇଁ ନିଜ ପ୍ରିୟଜନର ଶବକୁ କାନ୍ଧରେ ବୋହି ବ୍ୟାଙ୍କ ଦୁଆରକୁ ଯିବାକୁ ପଡୁଛି। ଏହା କେବଳ ଏକ ଘଟଣା ନୁହେଁ, ବରଂ ଆମ ସାମାଜିକ ଓ ପ୍ରଶାସନିକ ବ୍ୟବସ୍ଥାର ଚରମ ବିଫଳତା। ନିକଟରେ ସେଭଳି ଏକ ସମ୍ବେଦନଶୀଳ ଘଟଣା, ଯାହା ସରକାରଙ୍କର ବ୍ୟବସ୍ଥାଗତ ତ୍ରୁଟିକୁ ପଦାରେ ପକାଇବା ସହିତ ବିଶ୍ୱ ଦରବାରରେ ଓଡ଼ିଶାକୁ ନିନ୍ଦିତ କରିଛି। କେନ୍ଦୁଝର ଜିଲ୍ଲାର ଜିତୁ ମୁଣ୍ଡା ନିଜ ଦିବଂଗତ ଭଉଣୀର ବ୍ୟାଙ୍କ ଆକାଉଣ୍ଟରେ ଥିବା ଜମା ରାଶିକୁ ଉଠାଇବା ପାଇଁ ମୃତ୍ୟୁର ପ୍ରମାଣ ସ୍ୱରୂପ ଭଉଣୀର କଙ୍କାଳକୁ ଧରି ବ୍ୟାଙ୍କରେ ପହଁଚି ଅର୍ଥ ରାଶି ଦାବି କରିଛନ୍ତି। ଏହି ଚାଞ୍ଚଲ୍ୟକର ଖବର ପ୍ରସାରିତ ହେବାପରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର କର୍ମଚାରୀମାନେ ଜିତୁ ମୁଣ୍ଡାଙ୍କ ଘରେ ପହଞ୍ଚି ଜମା ରାଶି ପ୍ରଦାନ କରିବାପରେ ଘଟଣାର ପରିସମାପ୍ତି ଘଟିଛି ସତ, କିନ୍ତୁ ବ୍ୟାଙ୍କିଙ୍ଗ ନିୟମାବଳୀକୁ ଏବଂ ସାଧାରଣ ମଣିଷ ମଧ୍ୟରେ ସରକାରଙ୍କର ବ୍ୟବସ୍ଥାଗତ ଭୂମିକାକୁ ନେଇ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଆମର ବ୍ୟାଙ୍କିଙ୍ଗ ବ୍ୟବସ୍ଥାଟି ସରକାରଙ୍କର ସ୍ୱୟଂଶାସିତ ଅନୁଷ୍ଠାନ ରିଜର୍ଭ ବ୍ୟାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥାଏ। ତେଣୁ ବ୍ୟାଙ୍କ କର୍ମଚାରୀମାନେ ବ୍ୟାଙ୍କର ନିୟମାବଳୀକୁ ଆଧାର କରି କାର୍ଯ୍ୟ କରିବା ସ୍ୱାଭାବିକ୍। ବର୍ତ୍ତମାନ ଅଧିକାଂଶ ସରକାରୀ ଯୋଜନା ବ୍ୟାଙ୍କ ଦ୍ୱାରା ଅନୁବନ୍ଧିତ ଏବଂ ଏହିସବୁ ଯୋଜନାର ହିତାଧିକାରୀମାନେ ବ୍ୟାଙ୍କ ମାଧ୍ୟମରେ ଯୋଜନାର ସୁଫଳ ପ୍ରାପ୍ତି ହୋଇଥା'ନ୍ତି। କିନ୍ତୁ ଅଧିକାଂଶ ହିତାଧିକାରୀ, ବିଶେଷକରି ନିରକ୍ଷର ଓ ଅଳ୍ପଶିକ୍ଷିତମାନେ, ବ୍ୟାଙ୍କିଙ୍ଗ ନିୟମ ବିଷୟରେ ସେତେଟା ଅବଗତ ନୁହନ୍ତି। ଏହି କାରଣରୁ ଅଶିକ୍ଷିତ ଜିତୁ ମୁଣ୍ଡା ଶେଷରେ ମୃତ୍ୟୁର ପ୍ରମାଣପତ୍ର ସ୍ୱରୂପ ଶବ ଧରି ବ୍ୟାଙ୍କର ଦ୍ୱାରସ୍ଥ ହୋଇଥିଲା। ଏହି ବ୍ୟତିକ୍ରମ ପଛରେ ରହିଛି ଆମର ବ୍ୟବସ୍ଥାଗତ ଜଟିଳତା। ନୀତି ନିୟମ ରହୁ; କିନ୍ତୁ ନିୟମର ଦ୍ୱାହି ଦେଇ ବ୍ୟାଙ୍କ କର୍ମଚାରୀମାନେ ସାଧାରଣ ଲୋକଙ୍କୁ ହଇରାଣ ହରକତ ନକରିବା ଉଚିତ୍।

ସାଧାରଣ ମଣିଷଟିଏ ନିଜର ପରିଶ୍ରମ ପ୍ରତିବଦଳରେ ମିଳୁଥିବା ଅର୍ଥକୁ ବ୍ୟାଙ୍କରେ ସଞ୍ଚୟ କରିଥାଏ। ଦୁର୍ଭାଗ୍ୟର ବିଷୟ, ସେହି ଟଙ୍କା ଟିକକ ପାଇଁ ଜଣେ ଭାଇକୁ ନିଜ ଭଉଣୀର ଗଳିତ ଶବକୁ କାନ୍ଧରେ ବୋହି ବ୍ୟାଙ୍କକୁ ଯିବାକୁ ପଡୁଛି। ନିୟମର ଦ୍ୱାହି ଦେଇ ବ୍ୟାଙ୍କ କର୍ମଚାରୀମାନେ ଜୀବିତ ମଣିଷର କଥାକୁ ବିଶ୍ୱାସ କରୁନାହାନ୍ତି, ଯେପର୍ଯ୍ୟନ୍ତ ଶବ ସେମାନଙ୍କ ଆଖି ସାମ୍ନାରେ ପହଞ୍ଚି ନାହିଁ। ଏଠାରେ ମାନବିକତା ଶୋଇପଡ଼ିଛି ଏବଂ କେବଳ 'କାଗଜପତ୍ର'ର ଭାଷା କଥା କହୁଛି। ବ୍ୟବସ୍ଥା ଏଠି ଏତେ କଠୋର ଯେ, ଜଣେ ଶୋକାକୁଳ ମଣିଷର ଦୁଃଖ ଅପେକ୍ଷା 'ପ୍ରମାଣ' ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଉଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଜିତୁଙ୍କୁ ତାଙ୍କ ଭଉଣୀର ମୃତ୍ୟୁ ପ୍ରମାଣପତ୍ର ମାଗିଲେ। କିନ୍ତୁ ସେଇଟା କ'ଣ ଓ କେଉଁଠୁ ମିଳେ, କେମିତି ମିଳେ ଜିତୁ ଜାଣେନି, ତେଣୁ ହାଡ଼ ହିଁ ତା' ପାଇଁ ପ୍ରମାଣ। ସେ ଅପାଠୁଆ ହୋଇଥିବାରୁ ହୁଏତ ନିୟମ ଜାଣି ନ ଥିଲେ। କିନ୍ତୁ ବ୍ୟାଙ୍କରେ ବସିଥିବା ଶିକ୍ଷିତ ଲୋକମାନଙ୍କର ବିବେକ କ'ଣ ଜିତୁଙ୍କୁ ସେ ଦିଗରେ ସାହାଯ୍ୟ କରିବାକୁ ଥରୁଟିଏ କହିଲାନି! ସେ କେତେ ନିରୁପାୟ, ଅସହାୟ ସତରେ! ନହେଲେ କଣ ମାତ୍ର କିଛିଟା ଟଙ୍କା ପାଇଁ ଜଣେ ମାଟି ତଳୁ ଶବ ବାହାର କରି ବ୍ୟାଙ୍କକୁ ଆଣିବ! କଳ୍ପନା କଲେ ବି ଦେହ ଶିହରି ଉଠୁଛି। ଏଇ ବାବୁମାନେ ଆଉ ଏଇ ଆମ ବ୍ୟବସ୍ଥା, ଯିଏ କୋଟି କୋଟି ଟଙ୍କାର ଦୁର୍ନୀତି ବେଳେ ଆଖି ବୁଜିଦିଅନ୍ତି, ସେହିମାନେ ଆଜି ୧୯ ହଜାର ଟଙ୍କା ପାଇଁ ଜଣେ ଗରିବକୁ ଶବ ବୋହିବାକୁ ବାଧ୍ୟ କଲେ।

ଧିକ୍ ଏହି ବ୍ୟବସ୍ଥାକୁ, ଯାହାକୁ ଆଜି ଗୋଟେ ଅସହାୟ ଭାଇ ଆଉ ବ୍ୟାଙ୍କ ବାରଣ୍ଡାରେ ପଡ଼ିଥିବା ଭଉଣୀର କଙ୍କାଳ ପରୋକ୍ଷରେ କହୁଥିଲେ, 'ବାବୁ! ଏଥର ତ ବିଶ୍ୱାସ ହେଲା ନା ଆଉ କିଛି ପ୍ରମାଣ ଦରକାର?' ଏଇ ହେଉଛି ଆମ ସରକାରୀ ବ୍ୟବସ୍ଥା। ଦୁର୍ନୀତି କଲାବେଳେ ତ ଆମେ ସରକାରୀ ନିୟମକୁ ଫୁ କରିଦେଉଛୁ। ଗରିବ ଲୋକଟିଏ ପାଇଁ କିନ୍ତୁ କରାଯାଇ ପାରିଲା ନାହିଁ। କାନ୍ଧରେ କଙ୍କାଳ, ଆଖିରେ ଲୁହ: ଶେଷରେ ବ୍ୟବସ୍ଥା ଆଗରେ ହାରିଗଲେ ଜିତୁ! ଆମ ବ୍ୟବସ୍ଥାର ଜାଲ ଏମିତି ଯେ ମରିବା ପରେ ବି ମୁକ୍ତି ମିଳେନାହିଁ। ମୋର ପ୍ରଶ୍ନ ସେହି ଶିକ୍ଷିତ ବ୍ୟାଙ୍କ୍ କର୍ମଚାରୀଙ୍କୁ। ସବୁ ନିୟମ କାନୁନ କ'ଣ ଗରିବ ଅପାଠୁଆ ଲୋକଙ୍କ ପାଇଁ? ଏହି ବ୍ୟତିକ୍ରମ ଦର୍ଶାଉଛି ଯେ ଆମ ବ୍ୟବସ୍ଥା 'ଶକ୍ତିଶାଳୀ'ଙ୍କ ପାଇଁ ସଲାମ କରେ ଏବଂ 'ଅସହାୟ'ଙ୍କ ପାଇଁ ପାହାଡ଼ ପରି ବାଧା ସୃଷ୍ଟି କରେ। ଯଦି ଜିତୁ ମୁଣ୍ଡା ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥା'ନ୍ତେ, ତେବେ କ'ଣ ବାବୁମାନେ ଏମିତି ବ୍ୟବହାର କରିଥା'ନ୍ତେ? ଜିତୁ ମୁଣ୍ଡା ଗରିବ ହୋଇପାରନ୍ତି, କିନ୍ତୁ ତାଙ୍କ ଆତ୍ମସମ୍ମାନ ଶସ୍ତା ନୁହେଁ। ଏହି ଘଟଣା ସାରା ଓଡ଼ିଶା ପାଇଁ ଏକ ଲଜ୍ଜା। ଆଶା କରୁଛୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବେ।

'ଆଜିକାଲି ସରକାରୀ ଓ ବ୍ୟାଙ୍କ କର୍ମଚାରୀଙ୍କ ସହିତ ନେତା ଓ ମନ୍ତ୍ରୀ ସମ୍ପୂର୍ଣ୍ଣ ସମ୍ବେଦନହୀନ ହୋଇଗଲେଣି। ଚୌକିରେ ବସିଲା ପରେ ସେମାନେ ନିଜକୁ ଭଗବାନ ଭାବୁଛନ୍ତି ଏବଂ ଗରିବ ଅଶିକ୍ଷିତ ଲୋକଙ୍କୁ କୀଟପତଙ୍ଗ ପରି ବ୍ୟବହାର କରୁଛନ୍ତି। 'ନିୟମ'ର ଦ୍ୱାହି ଓ 'ବିବେକ'ର ଦେବାଳିଆପଣ ବ୍ୟାଙ୍କ କର୍ମଚାରୀମାନେ ପ୍ରାୟତଃ 'କାର୍ଯ୍ୟବିଧି'ର ଦ୍ୱାହି ଦେଇ ନିଜ ଦାୟିତ୍ୱରୁ ଖସିଯା'ନ୍ତି। କିନ୍ତ ବ୍ୟବସ୍ଥା କ'ଣ ଏତେ ଜଡ଼ ଯେ ସେଥିରେ 'ମାନବୀୟ ସମ୍ବେଦନଶୀଳତା' ପାଇଁ କୌଣସି ସ୍ଥାନ ନାହିଁ? ଯଦି ଜଣେ ବ୍ୟକ୍ତି ଗୁରୁତର ଅସୁସ୍ଥ କିମ୍ବା ମୃତ, ତେବେ ବ୍ୟାଙ୍କ କର୍ମଚାରୀ ନିଜେ ସେହି ସ୍ଥାନକୁ ଯାଇ ତଦନ୍ତ କରିବାର ପ୍ରାବଧାନ କାହିଁକି ରଖାଯାଉନାହିଁ? ହଜାର ହଜାର କୋଟି ଟଙ୍କା ଋଣ କରିଥିବା କର୍ପୋରେଟ୍ ସଂସ୍ଥାଗୁଡ଼ିକ ଯେତେବେଳେ ଋଣ ଶୁଝନ୍ତି ନାହିଁ, ସେତେବେଳେ ସେମାନେ ନେଇଥିବା ଋଣ ଟଙ୍କାକୁ 'ଏନ୍‌ପିଏ' ବର୍ଗୀକରଣ କରି ଋଣ ଛାଡ଼ କରିବାର(ରାଇଟ୍‌ଅଫ୍) ବାଟ ଖୋଜାଯାଏ। କିନ୍ତୁ ଜଣେ ଗରିବ ଚାଷୀ ବା ସାଧାରଣ ଲୋକର ମୃତ୍ୟୁ ପରେ ତା'ର ଜମାରାଶି ତା'ର ଉତ୍ତରାଧିକାରୀଙ୍କୁ ଦେବା ପାଇଁ ବ୍ୟାଙ୍କ ଶହେପ୍ରକାର କାଗଜ ଖୋଜେ। କାହା ପାଇଁ ବ୍ୟବସ୍ଥା ଏତେ କୋହଳ ତ କାହା ପାଇଁ କେତେ ନିଷ୍ଠୁର?

ବ୍ୟାଙ୍କ କର୍ମଚାରୀ କୁହନ୍ତି, 'ଆମେ ତ କେବଳ ନିୟମ ମାନୁଛୁ।' କିନ୍ତୁ କୌଣସି ନିୟମ ମାନବିକତାଠାରୁ ଉପରେ ନୁହେଁ। ଯଦି ଜଣେ ଭାଇ ନିଜ ଭଉଣୀର ଶବକୁ ବ୍ୟାଙ୍କ ବାରଣ୍ଡାକୁ ଆଣୁଛି, ତେବେ ଏହା କେବଳ ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ନୁହେଁ, ବରଂ ସମଗ୍ର ସମାଜ ଓ ମାନବିକତା ପାଇଁ ଏକ ଲଜ୍ଜାର ବିଷୟ। ଏହା ପ୍ରମାଣ କରେ ଯେ, ବ୍ୟବସ୍ଥା ଭିତରୁ 'ମଣିଷପଣିଆ' ମରିଯାଇଛି। ସତକଥା ହେଉଛି ସାଧାରଣ ମଣିଷ ପାଇଁ ନିୟମର ପାହାଡ଼ ଛିଡ଼ା ହେଉଛି ଏବଂ ବଡ଼ବଡ଼ିଆଙ୍କ ପାଇଁ ବ୍ୟବସ୍ଥାର ଏକ ଗାଲିଚା ବିଛାଯାଉଛି। ସମୟ ଆସିଛି, ବ୍ୟବସ୍ଥା ନିଜର ଆତ୍ମସମୀକ୍ଷା କରୁ। ଯେଉଁ ବ୍ୟବସ୍ଥା ମଣିଷର ଦୁଃଖ ବୁଝିପାରେନାହିଁ, ସେହି ବ୍ୟବସ୍ଥାକୁ ଗଣତନ୍ତ୍ରର 'ରକ୍ଷକ' କୁହାଯାଇପାରିବ ନାହିଁ। ବ୍ୟବସ୍ଥା ଯଦି କେବଳ ଠକ ଓ ଶୋଷକଙ୍କ ପାଇଁ, ତେବେ ଗରିବ ଖଟିଖିଆ ଏଭଳି ମରିବ। ଆମକୁ ମନେ ରଖିବାକୁ ପଡ଼ିବ, ବ୍ୟବସ୍ଥା ମଣିଷ ପାଇଁ ତିଆରି ହୋଇଛି, ମଣିଷ ବ୍ୟବସ୍ଥା ପାଇଁ ନୁହେଁ। ଯେଉଁ ନିୟମ ମଣିଷର ସମ୍ମାନ ଏବଂ ମାନବିକତାକୁ ହତ୍ୟା କରେ, ସେହି ନିୟମରେ ପରିବର୍ତ୍ତନ ଆସିବା ଜରୁରୀ। ଯେଉଁଦିନ ଜଣେ ସାଧାରଣ ନାଗରିକକୁ ତା'ର ହକ୍ ପାଇଁ କାନ୍ଧରେ ଶବ ବୋହିବାକୁ ପଡ଼ିବ ନାହିଁ, ସେହିଦିନ ହିଁ ଆମେ ପ୍ରକୃତ ସୁଶାସନର କଥା କହିପାରିବା। ନଚେତ୍, 'ବ୍ୟବସ୍ଥା' କେବଳ ଶକ୍ତିଶାଳୀଙ୍କ ପାଇଁ ସୁରକ୍ଷା କବଚ ଏବଂ ଗରିବ ପାଇଁ ଏକ ଦୁଃସ୍ୱପ୍ନ ହୋଇ ରହିଯିବ।

ଅଧ୍ୟାପକ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ
କଟକ ୯୪୩୮୦୭୦୮୪୯

## ଦ୍ରୁତ ପ୍ରଜନନକାରୀ ରିଆକ୍ଟର

ଡଂ ମାୟାଧର ସ୍ୱାଇଁ

ଦେଶର ପରମାଣୁ ଶକ୍ତି ବିକାଶ କ୍ଷେତ୍ରରେ ଭାରତ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ତାମିଲନାଡୁର କାଲ୍ପାକମ୍‌ଠାରେ ନିର୍ମାଣଧୀନ ଦ୍ରୁତ ପ୍ରଜନନକାରୀ (ଫାଷ୍ଟ ବ୍ରିଡର) ରିଆକ୍ଟରର କ୍ରାନ୍ତୀୟତା(କ୍ରିଟିକାଲିଟି) ହାସଲ। ଗତ ଏପ୍ରିଲ୍ ୬ ତାରିଖରେ ୫୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଏହି ରିଆକ୍ଟର କ୍ରାନ୍ତୀୟତା ହାସଲ କରି ଏକ ଉଲ୍ଲେଖନୀୟ ସଫଳତା ଆଡ଼କୁ ଅଗ୍ରସର ହୋଉଛି। ୧୯୫୦ ମସିହାରୁ ଦ୍ରୁତ ପ୍ରଜନନକାରୀ ରିଆକ୍ଟର ଉପରେ ଗବେଷଣା ଆରମ୍ଭ ହେଲାଣି। ଆମେରିକା ଓ ଫ୍ରାନ୍ସ ସମେତ ଅନେକ ବିକଶିତ ଦେଶ ଏହି ରିଆକ୍ଟରକୁ ନେଇ ପରୀକ୍ଷା କରିଥିଲେ, କିନ୍ତୁ ବୈଷୟିକ ଆର୍ଥିକ ଓ ନିରାପତ୍ତା ସମ୍ବନ୍ଧୀୟ ଅନେକ ଆହ୍ୱାନର ସମ୍ମୁଖୀନ ହୋଇ ଏଥିରୁ ଓହରିଗଲେ। ରୁଷିଆ ହେଉଛି ଏକମାତ୍ର ଦେଶ ଯେଉଁଠାରେ ଏଡି ରିଆକ୍ଟର ସଫଳ ଭାବେ ଓ ବ୍ୟାବସାୟିକ ଭାବେ କାର୍ଯ୍ୟକରୁଛି। କାଲ୍ପାକମ୍‌ର ରିଆକ୍ଟର କାର୍ଯ୍ୟକ୍ଷମ ହେବା ପରେ ଭାରତ ଏହାକୁ ହାସଲ କରିବାରେ ପୃଥିବୀରେ ଦ୍ୱିତୀୟ ଦେଶର ଗୌରବ ନେବ।

ବର୍ତ୍ତମାନ ବ୍ୟବହୃତ ଆଣବିକ ରିଆକ୍ଟରଗୁଡିକରେ ୟୁରାନିୟମ୍ ୨୩୫ କୁ ବିଖଣ୍ଡନ କରି ପ୍ରଚୁର ତାପଶକ୍ତି ଉତ୍ପାଦନ କରାଯାଏ। ଏହି ତାପ ସାହାଯ୍ୟରେ ଜଳକୁ ବାଷ୍ପରେ ପରିଣତ କରାଯାଏ ଏବଂ ବାଷ୍ପ ବିଦ୍ୟୁତ୍ କେନ୍ଦ୍ରର ଟରବାଇନ ଓ ଜେନେରେଟରକୁ ଘୂରାଇବା ଦ୍ୱାରା ଜେନେରେଟରରୁ ବିଦ୍ୟୁତ୍ ଉତ୍ପାଦିତ ହୋଇଥାଏ। ଏହି ବିଦ୍ୟୁତ୍ କେନ୍ଦ୍ରର ଇନ୍ଧନ ହେଉଛି ୟୁରାନିୟମ ୨୩୫। କିନ୍ତୁ ଦ୍ରୁତ ପ୍ରଜନନକାରୀ ରିଆକ୍ଟରରେ ବିଦ୍ୟୁତ୍ ଉତ୍ପାଦନ ହେବା ସଙ୍ଗେ ସଙ୍ଗେ ଏଥିପାଇଁ ଯେତିକି ଇନ୍ଧନ ବ୍ୟୟ ହୋଇଥାଏ, ତା'ଠାରୁ ଅଧିକ ଇନ୍ଧନ ଉତ୍ପାଦିତ ହୋଇଥାଏ। ଏଣୁ ଏହାକୁ ଆଉ ଅଧିକ ଇନ୍ଧନ ବ୍ୟବହାର ନ କରି ମଧ୍ୟ ବିଦ୍ୟୁତ୍ ଉତ୍ପାଦନ ଜାରି ରହିବ। ଏହି ରିଆକ୍ଟରରେ ୟୁରାନିୟମ୍ ଓ ପ୍ଲୁଟୋନିୟମର ମିଶ୍ରିତ ଅକ୍ସାଇଡ ଇନ୍ଧନ ଭାବେ ବ୍ୟବହୃତ ହୁଏ ଏବଂ ଏହା ସାଧାରଣତଃ ପୁନଃଚକ୍ରିୟ ଆଣବିକ ପଦାର୍ଥରୁ ପ୍ରସ୍ତୁତ କରାଯାଇଥାଏ। ଏହି ଇନ୍ଧନ ଯୋଗୁଁ ପରମାଣୁ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୋଇଥାଏ। ଏହି ଇନ୍ଧନ ଥିବା ଅଂଶ ଚାରିପଟେ ୟୁରାନିୟମ ୨୩୮ ର ଏକ ଆବରଣ ରଖାଯାଇଥାଏ। ୟୁରାନିୟମ୍ ୨୩୮ ବିଖଣ୍ଡନୀୟ ହୋଇ ନଥିବାରୁ ଏଥିରୁ ବିଦ୍ୟୁତ୍ ଉତ୍ପାଦନ ହୁଏ ନାହିଁ। ମାତ୍ର ଉଚ୍ଚଶକ୍ତି ବିଶିଷ୍ଟ ନିଉଟ୍ରନ୍‌ର ସଂଘର୍ଷ ଫଳରେ ଏହା ପ୍ଲୁଟୋନିୟମ୍‌ରେ ରୂପାନ୍ତରିତ ହୋଇଥାଏ। ପ୍ଲୁଟୋନିୟମ ହେଉଛି ଏକ ଆଣବିକ ଇନ୍ଧନ, ଯେଉଁଥିରୁ ପରମାଣୁ ବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ। ଫଳରେ ଦ୍ରୁତ ପ୍ରଜନନକାରୀ ରିଆକ୍ଟରରୁ ବିଦ୍ୟୁତ୍ ସହିତ ନୂତନ ଇନ୍ଧନ ମିଳିଥାଏ। ଏଣୁ ଏହାକୁ ପ୍ରଜନନକାରୀ ରିଆକ୍ଟର କୁହାଯାଏ। ସାଧାରଣ ରିଆକ୍ଟରରେ ଶୀତଳକ ଭାବେ ଜଳ ବ୍ୟବହୃତ ହୋଇଥାଏ। ମାତ୍ର ପ୍ରଜନନକାରୀ ରିଆକ୍ଟରରେ ତରଳ ସୋଡିୟମକୁ ଶୀତଳକ ଭାବେ ବ୍ୟବହାର କରାଯାଏ। ଏହାଯୋଗୁଁ ଏଥିରୁ ଉତ୍ପନ୍ନ ନିଉଟ୍ରନଗୁଡ଼ିକର ବେଗ ବହୁତ ଅଧିକ ହୋଇଥାଏ, ଯାହା ନୂଆ ଇନ୍ଧନ ଉତ୍ପାଦନ ପାଇଁ ହେଉଛି ଅତି ଆବଶ୍ୟକ। ଏଥିଯୋଗୁଁ ଏହାର ନାମ 'ଦ୍ରୁତ ପ୍ରଜନନକାରୀ ରିଆକ୍ଟର' ହୋଇଛି।

କାଲ୍ପାକମ୍ ସ୍ଥିତ ପ୍ରଜନନକାରୀ ରିଆକ୍ଟର କ୍ରାନ୍ତୀୟତା ଅବସ୍ଥାରେ ପହଞ୍ଚିବା ପରେ ଆମେ ଏହି ଦିଗରେ ଆଉ ଏକ ସୋପାନ ଆଗକୁ ଗଲେ। କ୍ରାନ୍ତୀୟତା ହେଉଛି ଏପରି ଏକ ଅବସ୍ଥା, ଯେଉଁଠି ଆଣବିକ ଶୃଙ୍ଖଳ ପ୍ରତିକ୍ରିୟା ସ୍ୱପୋଷଣୀୟ ହୋଇଥାଏ। ଏହାକୁ ଟିକିଏ ସରଳ ଭାଷାରେ ବୁଝାଇବା। ପରମାଣୁ ବିଦ୍ୟୁତ୍ କେନ୍ଦ୍ରରେ ୟୁରାନିୟମ୍ ୨୩୫ ପରମାଣୁ ସହ ନିଉଟ୍ରନ ସଂଘର୍ଷ କରାଯାଏ। ଫଳରେ ୟୁରାନିୟମ୍‌ର ବିଖଣ୍ଡନ ହୋଇ ଏହା ଦୁଇଟି ଛୋଟ ମୌଳିକ ପଦାର୍ଥ ବେରିୟମ୍ ଓ କ୍ରିପଟନ୍‌ରେ ପରିଣତ ହୁଏ। ଏହି ପ୍ରତିକ୍ରିୟାରେ ପ୍ରଚୁର ତାପଶକ୍ତି ଉତ୍ପନ୍ନ ହେବା ସହିତ ତିନୋଟି ନିଉଟ୍ରନ୍ ଉତ୍ପନ୍ନ ହୁଏ। ଏହି ନିଉଟ୍ରନ ତିନୋଟି ପୁଣି ତିନୋଟି ୟୁରାନିୟମ୍ ପରମାଣୁ ସହ ସଂଘର୍ଷ ହୋଇ ଶକ୍ତି ଉତ୍ପାଦନ କରିବା ସହିତ ପୁଣି ତିନୋଟି ନିଉଟ୍ରନ ଉତ୍ପାଦନ କରେ। ଏହିପରି ଭାବେ ପ୍ରତ୍ୟେକ ଉତ୍ପନ୍ନ ନିଉଟ୍ରନ ପୁଣି ୟୁରାନିୟମ ସହିତ ସଂଘର୍ଷ କରିଥାଏ। ଫଳରେ ଥରେ ଏହା ଆରମ୍ଭ ହେଲେ ଇନ୍ଧନରେ ଥିବା ସମସ୍ତ ପରମାଣୁଗୁଡ଼ିକର କ୍ରମଶଃ ବିଭାଜନ ହୋଇଥାଏ ଏବଂ ଅବିରତ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇଥାଏ। ଏହାକୁ ଆଣବିକ ଶୃଙ୍ଖଳ ପ୍ରତିକ୍ରିୟା କୁହାଯାଏ।

ଏହି ସଫଳତା ହେଉଛି ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭାରତରେ ସୀମିତ ପରିମାଣର ୟୁରାନିୟମ୍ ଗଚ୍ଛିତ ଅଛି ଏବଂ ବିଭିନ୍ନ କଟକଣା ଯୋଗୁଁ ବାହାର ଦେଶରୁ ଏହାକୁ ଆମଦାନୀ କରିବାରେ ଅସୁବିଧା ହେଉଛି। କିନ୍ତୁ ଭାରତରେ ଅନ୍ୟ ଏକ ବିଖଣ୍ଡନୀୟ ପଦାର୍ଥ ଥୋରିୟମ୍ ବହୁଳ ପରିମାଣରେ ଅଛି। ସମଗ୍ର ପୃଥିବୀରେ ଥିବା ଥୋରିୟମ୍‌ର ଏକ-ଚତୁର୍ଥାଂଶ ଭାରତରେ ଅଛି। ଥୋରିୟମ୍‌ର ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ଦ୍ରୁତ ପ୍ରଜନନକାରୀ ରିଆକ୍ଟର ହେଉଛି ଏକ ମାଧ୍ୟମ। ଦେଶରେ ପରମାଣୁ ବିଦ୍ୟୁତ୍ ଉତ୍ପାଦନ କରିବା ପାଇଁ ହୋମି ଜାହାଙ୍ଗିର ଭାବା ତ୍ରିସ୍ତରୀୟ କାର୍ଯ୍ୟସୂଚୀର ପ୍ରସ୍ତାବ ଦେଇଥିଲେ ଏବଂ ଭାରତ ଏହାକୁ ବର୍ତ୍ତମାନ କାର୍ଯ୍ୟକାରୀ କରୁଛି। ପ୍ରଥମସ୍ତରରୁ ଉତ୍ପନ୍ନ ପ୍ଲୁଟୋନିୟମ୍ ଏଠାରେ ଇନ୍ଧନ ଭାବେ ବ୍ୟବହୃତ ହୁଏ। ଏହି ରିଆକ୍ଟରରେ ଥୋରିୟମ୍- ୨୩୩ ହେଉଛି ଗୋଟିଏ ବିଖଣ୍ଡନୀୟ ଆଣବିକ ପଦାର୍ଥ ଏବଂ ଏହାକୁ ଇନ୍ଧନ ଭାବେ ବ୍ୟବହାର କରି ତୃତୀୟ ସ୍ତରରେ ବିଦ୍ୟୁତ୍ ଉତ୍ପାଦନ କରାଯିବ। ବର୍ତ୍ତମାନ ଭାରତର ଆଣବିକ ବିଦ୍ୟୁତ୍ ପ୍ରତିଷ୍ଠିତ କ୍ଷମତା ହେଉଛି ୮୭୮୦ ମେଗାୱାଟ୍ ଏବଂ ଏହା ହେଉଛି ଦେଶର ମୋଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତାର ମାତ୍ର ତିନି ପ୍ରତିଶତ। ଆମ ଦେଶରେ ୨୪ ଟି ରିଆକ୍ଟର କାର୍ଯ୍ୟ କରୁଛି ଏବଂ ୨୦୨୪-୨୫ ମସିହାରେ ଏଥିରୁ ୫୬୬୮୧ ନିୟୁତ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦିତ ହୋଇଥିଲା।

ଭାରତ ୨୦୪୭ ମସିହା ସୁଦ୍ଧା ବିକଶିତ ରାଷ୍ଟ୍ରରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖିଛି, ଯେଉଁଥିପାଇଁ ବିଦ୍ୟୁତ୍ ଉପଲବ୍ଧତା ହେଉଛି ଗୋଟିଏ ପ୍ରମୁଖ ଆନୁଷଙ୍ଗିକ ବ୍ୟବସ୍ଥା। ପୁନଶ୍ଚ ୨୦୭୦ ମସିହା ସୁଦ୍ଧା ଭାରତ ନେଟ-ଶୂନ କାର୍ବନ ଉତ୍ସର୍ଜନ ହାସଲ କରିବା ପାଇଁ ଘୋଷଣା କରିଛି। ଏଥିପାଇଁ ଜୀବାଶ୍ମ ଇନ୍ଧନ ବଦଳରେ ପରମାଣୁ ଇନ୍ଧନ ହେଉଛି ଅଧିକ ପସନ୍ଦଯୋଗ୍ୟ। ଏହିସବୁକୁ ଦୃଷ୍ଟିରେ ରଖି ଭାରତ ୨୦୪୭ ମସିହା ସୁଦ୍ଧା ୧୦୦ ଗିଗାୱାଟ (୧୦୦୦ ମେଗାୱାଟ) ପରମାଣୁ ବିଦ୍ୟୁତ୍ କ୍ଷମତା ହାସଲ କରିବା ପାଇଁ ଯୋଜନା କରିଛି।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ପ୍ରିୟବନ୍ଧୁ ଅସରପା

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଆମ ଦୃଷ୍ଟିରେ ଅସରପା ସବୁଠାରୁ ଘୃଣ୍ୟ କୀଟମାନଙ୍କ ମଧ୍ୟରେ ଅନ୍ୟତମ। ଘରେ ଦେଖିଲା ମାତ୍ରେ ଆମେ ଏହାକୁ ମାରିଦେଉ। ଯଦି ଆମର ଶକ୍ତି ଥା'ନ୍ତା ତେବେ ଆମେ ତା' ବଂଶ କେଉଁଦିନୁ ଲୋପ କରିସାରନ୍ତୁଣି। କିନ୍ତୁ ଏହା ସମ୍ଭବ ନୁହେଁ। କାରଣ ଏହା ଗୋଟିଏ ଅତ୍ୟନ୍ତ ସହନଶୀଳ ଜୀବ। ବୈଜ୍ଞାନିକମାନଙ୍କ ମତରେ ଅସରପା ହେଉଛି ପୃଥିବୀର ଅନ୍ୟତମ ପ୍ରାଚୀତମ ପ୍ରଜାତି। ଅର୍ଥାତ୍ ପ୍ରାୟ ୧୬୦ ନିୟୁତରୁ ଅଧିକ ବର୍ଷ ଧରି ଡାଇନୋସରମାନେ ସୃଷ୍ଟି ହେବା ଆଗରୁ ଅସରପାମାନେ ଏଠାରେ ବାସ କରିଆସୁଛନ୍ତି। ବିଗତ ପ୍ରାୟ ୬୦ ନିୟୁତ ବର୍ଷ ତଳେ ଘଟିଥିବା ମହାବିଲୁପ୍ତିରେ ପୃଥିବୀର ୮୦ ଶତାଂଶ ପ୍ରଜାତି ବିଲୋପ ହୋଇଥିଲେ ହେଁ ଅସରପା ସେଥିରୁ ବର୍ତ୍ତିଯାଇଥିଲା। ପୁନଶ୍ଚ କୁହାଯାଏ ଯେ ଯଦି କେଉଁଠି ପରମାଣୁ ବୋମା ନିକ୍ଷେପ କରାଯାଏ ସେଠାରେ ଅଧିକାଂଶ ଜୀବଙ୍କର ବିଲୋପ ସାଧନ ହେବ; କିନ୍ତୁ ଅସରପାର କିଛି ହେବ ନାହିଁ।

ପୃଥିବୀ ବାହାରେ ଅର୍ଥାତ୍ ମହାକାଶରେ ବଂଶବିସ୍ତାର କରିବାରେ ଅସରପା ହେଉଛି ପ୍ରଥମ ଜୀବ। କିଛିବର୍ଷ ତଳେ ରୁଷିଆ ଦ୍ୱାରା ପ୍ରେରିତ ଏକ କୃତ୍ରିମ ଉପଗ୍ରହରେ ପଠାଯାଇଥିଲା କିଛି ଅସରପା। ସେଗୁଡ଼ିକ ତହିଁରେ ୩୩ ଟି ଛୁଆ ଜନ୍ମ କରିଥିଲେ। ଅତଏବ, ଚନ୍ଦ୍ର ବା ମଙ୍ଗଳ ପୃଷ୍ଠରେ ଜୀବଜଗତ ସୃଷ୍ଟି ଲାଗି ଅସରପାକୁ ସମ୍ଭବତଃ ପ୍ରଥମେ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯିବ।

ଆମ ଗ୍ରହ ପାଇଁ ଅସରପା ଏକ ଅତ୍ୟନ୍ତ ଆବଶ୍ୟକୀୟ ଜୀବ। ଏହା ହେଉଛି ଏକ ଅତିଦକ୍ଷ ବିଘଟନକାରୀ। ଅର୍ଥାତ୍ ପ୍ଲାଷ୍ଟିକ ସମେତ ଅଧିକାଂଶ ପଦାର୍ଥକୁ ଏହା ସହଜରେ ବିଘଟନ କରିପାରେ। ତେବେ ସେ କଥା ବିଚାର ନ କରି ଆମେ ଏହାକୁ ଏକ ଘୃଣ୍ୟ କୀଟ ବୋଲି ଭାବୁ। ସୃଷ୍ଟିର ଏହି ଉପକାରୀ ଜୀବ ପ୍ରତି ଆମର ଘୃଣା ଅତିପ୍ରବଳ। ସେହିପରି କିଛିଲୋକଙ୍କର ଏ ଜୀବଟିକୁ ଭାରି ଡର। ତେଣୁ ସାରା ପୃଥିବୀରେ ମଣିଷ ଅତି ନିର୍ଦ୍ଦୟଭାବେ ଅସରପାମାନଙ୍କୁ ହତ୍ୟା କରି ଆସିଛି। ଅସରପାର ବଂଶନାଶ ଲାଗି ଆମେ ସିଂଚନ କରୁଥିବା ସ୍ପ୍ରେଗୁଡ଼ିକ ଅତି ବିଷାକ୍ତ। ଏହା ଆମ ଘର ଭିତରର ପରିବେଶକୁ ନଷ୍ଟ କରେ।

ଏଣୁ ଆମେ ଏଭଳି ଅମାନୁଷିକ କାର୍ଯ୍ୟରୁ ନିବୃତ୍ତ ରହିବା ଉଚିତ୍। ପୁନଶ୍ଚ ଏହାଦ୍ୱାରା ଆମର ଅଧିକ କ୍ଷତି ହୁଏ।

ବ୍ରିଟେନ୍ ଲେଖକ ଡାଭିଡ୍ ଜର୍ଜ ଗୋରଟନ୍ ଏହି ଉପକାରୀ ଜୀବକୁ ନେଇ ପୁସ୍ତକଟିଏ ରଚନା କରିଛନ୍ତି। ଏହାର ନାମ 'ଦ କଂପ୍ଲିଟ୍ କକ୍ରୋଚ'। ଏଥିରେ ସ୍ଥାନିତ ହୋଇଛି ଅସରପା ସମ୍ପର୍କରେ ଅନେକ ଅନେକ ତଥ୍ୟ। ତଦନୁଯାୟୀ ଏହା ପ୍ରତି ଆମର ଆଚରଣ ସଂପୂର୍ଣ୍ଣ ଅଯୌକ୍ତିକର। ଲେଖକଙ୍କ ମତରେ ଏହାର ପ୍ରତିକାର ହେଉଛି ଜ୍ଞାନ। ଜୀବଟି ବିଷୟରେ ଅଧିକ ଜାଣିଲେ ଆମ ମନରୁ ତା' ପ୍ରତି ଅନାବଶ୍ୟକ ଭୟ ଓ ଘୃଣା ଦୂର ହୋଇପାରିବ।

ଭାରତରେ ଅସରପା ଉପରେ ହଜାର ହଜାର ବର୍ଷ ତଳୁ ଗବେଷଣା ହୋଇଆସୁଛି। ଇତିମଧ୍ୟରେ ଏହାର ଶତାଧିକ ପ୍ରଜାତି ଆବିଷ୍କାର ହୋଇଛି। ନିକଟରେ (୨୦୨୪) ପୁଣେଠାରେ ତହିଁରୁ ଦୁଇଟି ନୂତନ ରୂପେ ଚିହ୍ନଟ କରାଯାଇଛି। ଏଣୁ ଯୁଗଯୁଗ ଧରି ଧରାପୃଷ୍ଠରେ ବିଚରଣ କରୁଥିବା ଏହି ଜୀବଟି ସଂପର୍କରେ ଆମର ଧାରଣା ଅସଂପୂର୍ଣ୍ଣ। ଏପରିସ୍ଥଳେ, ଏହାର ବଂଶନାଶ ଲାଗି ଉଦ୍ୟମ ମଣିଷ ପାଇଁ ଆତ୍ମଘାତୀ ହୋଇପାରେ। କାରଣ, କିଏ ଜଣେ କେବେ ଏହାଦ୍ୱାରା ଆମର କେତେକେତେ ଉପକାର ସାଧିତ ହେଉଛି ବା ହେବ!

ଅନ୍ୟଦୃଷ୍ଟିରୁ ଦେଖିଲେ ଅସରପା ଯୁଗଯୁଗ ଧରି ପ୍ରାକୃତିକ ପରିବେଶର ଏକ ଅଂଶବିଶେଷ ହୋଇରହିଛି। ପରିବେଶକୁ ସୁସ୍ଥ, ସମୃଦ୍ଧ ଓ ଆବର୍ଜନାମୁକ୍ତ ରଖିବାରେ ଅସରପାର ଭୂମିକା ଅନନ୍ୟ। ଅନ୍ୟପକ୍ଷରେ, ଏହା ବିଲୁପ୍ତ ହୋଇଗଲେ ତା' ସହିତ ମଧ୍ୟ ହଜିଯିବ ବହୁ ଉପାଦେୟ ଜିନୀୟ ପଦାର୍ଥ। ବିବିଧ ପ୍ରଜାତିର ବିଲୋପ ସାଧନ ସହିତ ଏହା ଏବେ ଘଟି ଚାଲିଛି। ଏସବୁ ଦୃଷ୍ଟିରୁ ବିଚାର କରି ଚାଲନ୍ତୁ ଆମେ ଅସରପାକୁ ଆମ ଭଳି ତଥା ପରିସଂସ୍ଥାର ଅନ୍ୟାନ୍ୟ ଜୀବମାନଙ୍କ ଭଳି ପ୍ରକୃତିମାତାର ଅନ୍ୟତମ ସନ୍ତାନ ଏବଂ ଆମର ପ୍ରିୟବନ୍ଧୁ ରୂପେ ଗ୍ରହଣ କରି ତାକୁ ବଞ୍ଚିବାକୁ ଦେବା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ସତର୍କ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ନୂଆ ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ଅନୁକୂଳ ସମୟ।

**ବୃଷ:** ବରିଷ୍ଠ ଅଧିକାରୀ କାର୍ଯ୍ୟ ପାଇଁ ପ୍ରଶଂସା କରିପାରନ୍ତି। ଦିନଟି ମଜାମସ୍ତିରେ ବିତିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ଠାରୁ ଉପହାର ମିଳିପାରେ। ଧାର କରଜରୁ ଦୂରେଇ ରହିବେ।

**ମିଥୁନ:** ଅଚାନକ ଶୁଭ ଖବର ପାଇବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ପୁରୁଣା ବ୍ୟବସାୟରୁ ଲାଭ ମିଳିପାରେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ମାନସିକ ଶାନ୍ତି ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଲୋକସମ୍ପର୍କ ବୃଦ୍ଧି ପାଇପାରେ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଭଲ। ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରିବେ। ମନ ପ୍ରସନ୍ନ ରହିବ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଧାର କରଜ କରିପାରନ୍ତି। ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମର ଉଚିତ ଫଳ ମିଳିବ। ଅଫିସ୍ କାର୍ଯ୍ୟରେ ସଫଳତା ଲାଭ କରିବେ। ଦାନ ଧର୍ମ କରନ୍ତୁ।

**କନ୍ୟା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ବନ୍ଧୁ ମିଳନରେ ଯୋଗ ଦେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ଆର୍ଥିକ ସ୍ଥିତିରେ ସୁଧାର ହେବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ତୁଳା:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦୂର ସମ୍ପର୍କୀୟଙ୍କ ସହିତ ଭେଟ ହୋଇପାରେ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାନ ଧର୍ମ କରନ୍ତୁ।

**ବିଛା:** ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି। ନୂତନ ଯାନବାହନ କିଣିବା ଯୋଗ ଅଛି। ମାନ ସମ୍ମାନ ବୃଦ୍ଧି ପାଇବ। ମାନସିକ ଶାନ୍ତି ପାଇଁ ପ୍ରାଣାୟମ କରନ୍ତୁ।

**ଧନୁ:** ଅପ୍ରିୟ ସତ କହି ସମସ୍ୟାରେ ପଡ଼ି ପାରନ୍ତି। ବ୍ୟସ୍ତତା ଭିତରେ ଦିନ କଟିବ। ନିଜକୁ ସମୟ ଦିଅନ୍ତୁ। ପରିଶ୍ରମ ଅନୁଯାୟୀ ଫଳ ମିଳିବ ନାହିଁ। ବ୍ୟବହାରରେ ସଂଯମତା ରକ୍ଷା କରିବେ।

**ମକର:** ଅଫିସ୍‌ରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଦୀର୍ଘଦିନର କାମ ପୂରା କରିବେ। କୌଣସି କଥା ମନକୁ ବିଚଳିତ କରିପାରେ। ପୂଜାର୍ଚ୍ଚନା କରନ୍ତୁ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ। ଜୀବନସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି।

**ମୀନ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ବ୍ୟବସାୟରେ ଉନ୍ନତି ହେବ। ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ପଡୋଶୀଙ୍କ ସହିତ ମନୋମାଳିନ୍ୟ ହୋଇପାରେ। ବୈବାହିକ ଜୀବନ ସୁଖମୟ ହେବ।

# +୩ ନାମଲେଖା ଆବେଦନରେ ବିଳମ୍ବ

- ଗତବର୍ଷ +୨ ରେଜଲ୍ଟ ପୂର୍ବରୁ ଆରମ୍ଭ ହୋଇଥିଲା ପ୍ରକ୍ରିୟା
- ପାଠପଢ଼ା ବିଳମ୍ବ ହେବା ନେଇ ଶିକ୍ଷାବିତ୍‌ଙ୍କ ଆଶଙ୍କା

ଭୁବନେଶ୍ୱର, ୪।୫(ସମିସ): ଚଳିତ ବର୍ଷ +୩ ନାମଲେଖା ପ୍ରକ୍ରିୟା ଆରମ୍ଭରେ ମାତ୍ରାଧିକ ବିଳମ୍ବ ହୋଇଛି। ଏବେଯାଏଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ପୂର୍ବବର୍ଷ +୨ ରେଜଲ୍ଟ ପ୍ରକାଶ ପାଇବା ପୂର୍ବରୁ ଅର୍ଥାତ୍ ଏପ୍ରିଲ୍ ୧୬ରୁ ଆବେଦନ ଆରମ୍ଭ ହୋଇଥିଲା। ସଠିକ୍ ସମୟରେ ପାଠପଢ଼ା ଆରମ୍ଭ ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିଲା। ମାତ୍ର ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ହୋଇଥିବାରୁ ଠିକ୍ ସମୟରେ ପାଠପଢ଼ା ଆରମ୍ଭ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଦୁଇବର୍ଷ ହେଲା +୨ ପରୀକ୍ଷା ଫଳ ବାହାରିବା ପୂର୍ବରୁ +୩ ନାମଲେଖା ପାଇଁ ଆବେଦନ ଆରମ୍ଭ ହେଉଥିଲା। ରେଜଲ୍ଟ ବାହାରିବା ପରେ ଛାତ୍ରଛାତ୍ରୀମାନେ ସେମାନଙ୍କ ମାର୍କ ଅପଡେଟ୍ କରୁଥିଲେ। ଠିକ୍ ସମୟ ଅର୍ଥାତ୍ ଜୁଲାଇ ୧୦ ତାରିଖରୁ ପାଠପଢ଼ା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ଏହି ପଦକ୍ଷେପ ନେଇଥିଲା। ମାତ୍ର, ଚଳିତବର୍ଷ ଏହି ଧାରାରେ ବ୍ରେକ୍ ଲାଗିଛି। ରେଜଲ୍ଟ ବାହାରିବା ପରେ ହିଁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଆବେଦନ ପ୍ରକ୍ରିୟା ଆରମ୍ଭ ହେବାରେ ବିଳମ୍ବ ହେଲେ ସମ୍ପୂର୍ଣ୍ଣ ନାମଲେଖା ପ୍ରକ୍ରିୟା ବିଳମ୍ବିତ ହେବ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଅପରପକ୍ଷେ,ସାମସ୍‌ମାଧ୍ୟମରେନାମଲେଖାପ୍ରକ୍ରିୟାବହୁବିଳମ୍ବହେଉଥିବାରୁନିର୍ଦ୍ଧାରିତସମୟରେପାଠପଢ଼ା ନେଇ ମଧ୍ୟ ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। କରୋନା ମହାମାରୀ ସମୟରୁ ବିଗିଡ଼ି ଯାଇଥିବା ଶିକ୍ଷାବର୍ଷକୁ ସଜାଡ଼ିବାକୁ ବିଭାଗ ପଦକ୍ଷେପ ନେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏଥିରୁ ଓହରିଯିବା ପିଲାଙ୍କ ପାଠପଢ଼ାକୁ ପ୍ରଭାବିତକରିବଏବଂପୁଣିଥରେପାଠପଢ଼ାଓପରୀକ୍ଷାମଧ୍ୟରେସମନ୍ୱୟରହିବନାହିଁବୋଲିଆଶଙ୍କାପ୍ରକାଶପାଇଛି।

## OFFICE OF THE PURI MUNICIPAL CORPORATION, PURI

13001/349/2627

Letter No. 4295 / Dated: 30/04/26
Mail ID: purim.hud@nic.in, purim_hud@gmail.com

**QUOTATION CALL NOTICE 2026-27**

Sealed quotations are invited from the intending persons/ Agencies for auction of parking place at Multi Level Car Parking at Old Jail Road, Puri for the financial year 2026-27. The intending persons/agencies are required to visit the website: www.purimunicipality.nic.in & www.puri.nic.in and download the auction papers along with the terms and conditions between from dt.02.05.2026 10 A.M. to dt.13.05.2026 up to 5 P.M. The quotation must reach the office of the undersigned by registered post/speed post on or before dt.13.05.2026 by 5 P.M. and will be opened on dt.14.05.2026 at 11.00 A.M. in presence of the Commissioner & quotationers or their authorized representatives. Puri Municipal Corporation will in no way be responsible for delay in reaching of the quotations.

Commissioner
Puri Municipal Corporation, Puri

OIPR-13001/13159/1/26-27/0004

## ଓଡ଼ିଶା ସରକାର
## ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

32001/138/2627

### ଶୁଦ୍ଧିପତ୍ର

No. 291 — Date 20.03.2026

ମୟୂରଭଞ୍ଜ ଜିଲ୍ଲାରେ ଖଇରି ଭଣ୍ଡନ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ (Appropriate Government) ବ୍ୟୟରେ ମୌଜା -**ଅଁଳାବଣି** , ଥାନା -ଯଶିପୁର ନଂ - ୧୦୧ , ତହସିଲ -ଯଶିପୁର , ଜିଲ୍ଲା – ମୟୂରଭଞ୍ଜ ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୭.୧୦ ଭୂମି ଅର୍ଜନ ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R ACT, 2013) ର ୧୧ (୧) ଧାରା ରେ ଭାରପ୍ରାପ୍ତ ହୋଇ ମୟୂରଭଞ୍ଜ ଜିଲ୍ଲାପାଳ ଜମି ଅଧିଗ୍ରହଣ ନିମନ୍ତେ ବିଭାଗ ତରଫରୁ ନିର୍ଗମିତ ପ୍ରାରମ୍ଭିକ ଅଧିସୂଚନା ନଂ. ୩୬୪ /LA ତା ୦୫.୦୮.୨୦୨୫ ରେ ନିମ୍ନଲିଖିତ ପରିବର୍ତ୍ତନ କିମ୍ବା ସନ୍ନିବେଶ କରାଗଲା ।

### ଶୁଦ୍ଧିପତ୍ର

| ଅଧିସୂଚନା ନଂ। ୩୬୪ /LA | ମୋଟ ରକବା (ଏକର ) | ଶଂଶୋଧିତ ମୋଟ ରକବା(ଏକର ) |
|---|---|---|
| ତା ୦୫.୦୮.୨୦୨୫ | ୧୨.୦୬ | ୮.୯୦ |

### ଶୁଦ୍ଧିପତ୍ର

| ଖାତା | ପ୍ଲଟ ନଂ | କିସମ | ମୋଟ ରକବା | ଅଧିକୃତ ରକବା | ସଂଶୋଧିତ ଅଧିକୃତ ରକବା |
|---|---|---|---|---|---|
| ୭ | ୨୮୧ | ଆଶୁ | ୦.୨୬ | ୦.୦୧୭ | ୦.୧୭ |

### ଶୁଦ୍ଧିପତ୍ର

| ଖାତା | ପ୍ଲଟ ନଂ | କିସମ | ପ୍ରଜାର ବାସସ୍ଥାନ | ସଂଶୋଧିତ ପ୍ରଜାର ବାସସ୍ଥାନ |
|---|---|---|---|---|
| ୧୪ | ୩୬୮/୩୯୨ | ଡାହି ଦୁଇ | ବା -ନିଜଗାଁ | ବା -ଯଶିପୁର |
| ୬୩ | ୩୫୭,୩୫୮ | ଆଶୁ | ବା -ନିଜଗାଁ | ବା -ଯଶିପୁର |
| ୭୯ | ୩୬୮/୩୯୧ | ଡାହି ଦୁଇ | ବା -ନିଜଗାଁ | ବା -ଯଶିପୁର |
| ୯୧/୫ | ୩୬୫ | ଆଶୁ | ବା -ନିଜଗାଁ | ବା -ଅଁଳାବଣି |

ଏଥି ସହିତ ଅଧିସୂଚନା ସଂଖ୍ୟା ୩୬୪ /LA ତା ୦୫.୦୮.୨୦୨୫ ରିଖରେ ଉଲ୍ଲେଖ କରାଯାଇଥିବା ଅନ୍ୟ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।

ଜିଲ୍ଲାପାଳ, ମୟୂରଭଞ୍ଜ

OIPR-32001/32560/3/26-27/0003

## OFFICE OF THE TAHASILDAR, BIRIDI
## DIST - JAGATSINGHPUR

**PUBLIC NOTICE**

भारत का राजपत्र
The Gazette of India

ଅସାଧାରଣ (EXTRAORDINARY)
ଭାଗ II–ଖଣ୍ଡ ୩ ଉପ ବିଭାଗ (II)
PART II- SECTION 3-SUB-SECTION(II)
ପ୍ରାଧିକର୍ତାଙ୍କ ଦ୍ୱାରା ପ୍ରକାଶିତ
(PUBLISHED BY AUTHORITY)

ନୂଆଦିଲ୍ଲୀ, ସୋମବାର, ଏପ୍ରିଲ ୨୦, ୨୦୨୬/ଚୈତ୍ର 30, 1948
NEW DELHI, MONDAY, APRIL 20, 2026/CHAITRA 30, 1948

## MINISTRY OF ROAD TRANSPORT AND HIGHWAYS

**NOTIFICATION**

New Delhi, the 20th April, 2026

S.O. 1964(E).— In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building for widening and strengthening 2L+PS of Kandarpur-Balikuda from Km. 277.44 to Km. 292.62 of NH-55 in the district of Jagatsinghpur in the state of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section(1) of section 3C of the said Act.

Every such objection shall be made to the Competent Authority, namely, Tahasildar, Biridi in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

Sd/- Tahasildar, Biridi, Dist - Jagatsinghpur

### SCHEDULE

**Brief Description of the land to be acquired with or without structures for widening and strengthening to 2L+PS Kandarpur-Balikuda from Km. 277.44 to Km. 292.62 of NH-55 in the district of Jagatsinghpur in the state of ODISHA**

State: ODISHA — District: Jagatsinghpur

| Sl. No. | Survey/Plot Number | Type of Land | Nature of Land | Area (in Local Unit) | Area (in Hectares) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Taluk: Biridi | | | | | |
| Village: Uttarasasan Mahajansahi | | | | | |
| 1 | 2512/2744 | Private | Agriculture | 0.004 (Hectare ) | 0.004 |
| Village: Madhyasasan | | | | | |
| 2 | 2633/3534 | Private | Agriculture | 0.0041 (Hectare ) | 0.0041 |
| 3 | 2858 | Private | Residential | 0.0047 (Hectare ) | 0.0047 |
| 4 | 2858/3574 | Private | Agriculture | 0.0036 (Hectare ) | 0.0036 |
| 5 | 2858/3575 | Private | Agriculture | 0.0029 (Hectare ) | 0.0029 |
| 6 | 2862 | Private | Agriculture | 0.0849 (Hectare ) | 0.0849 |
| 7 | 2863 | Private | Agriculture | 0.0071 (Hectare ) | 0.0071 |
| 8 | 2864 | Private | Agriculture | 0.1074 (Hectare ) | 0.1074 |
| 9 | 2866 | Private | Agriculture | 0.0192 (Hectare ) | 0.0192 |
| 10 | 2868 | Private | Agriculture | 0.0356 (Hectare ) | 0.0356 |
| 11 | 3390 | Private | Residential | 0.0233 (Hectare ) | 0.0233 |
| Village: Nuadhana | | | | | |
| 12 | 1616 | Private | Residential | 0.004 (Hectare ) | 0.004 |
| 13 | 1708 | Government | Non Agriculture | 0.0025 (Hectare ) | 0.0025 |
| 14 | 1709 | Private | Agriculture | 0.0089 (Hectare ) | 0.0089 |
| 15 | 1710 | Private | Agriculture | 0.0086 (Hectare ) | 0.0086 |
| 16 | 1711 | Private | Agriculture | 0.0137 (Hectare ) | 0.0137 |
| 17 | 1733 | Private | Residential | 0.002 (Hectare ) | 0.002 |
| 18 | 1741 | Private | Residential | 0.005 (Hectare ) | 0.005 |
| 19 | 1745 | Private | Agriculture | 0.0036 (Hectare ) | 0.0036 |
| 20 | 1746 | Private | Residential | 0.004 (Hectare ) | 0.004 |
| 21 | 1747 | Government | Non Agriculture | 0.0486 (Hectare ) | 0.0486 |
| 22 | 1748 | Government | Non Agriculture | 0.0607 (Hectare ) | 0.0607 |
| 23 | 1749 | Government | Non Agriculture | 0.0486 (Hectare ) | 0.0486 |
| 24 | 1750 | Government | Non Agriculture | 0.0119 (Hectare ) | 0.0119 |
| 25 | 1751 | Government | Non Agriculture | 0.012 (Hectare ) | 0.012 |
| 26 | 1752 | Private | Agriculture | 0.0133 (Hectare ) | 0.0133 |
| Village: Kulakaijanga | | | | | |
| 27 | 572 | Private | Residential | 0.003 (Hectare ) | 0.003 |
| 28 | 661 | Private | Agriculture | 0.001 (Hectare ) | 0.001 |
| 29 | 662 | Private | Agriculture | 0.1134 (Hectare ) | 0.1134 |
| 30 | 663 | Private | Agriculture | 0.0972 (Hectare ) | 0.0972 |
| 31 | 667 | Private | Agriculture | 0.0364 (Hectare ) | 0.0364 |
| 32 | 668 | Private | Agriculture | 0.0324 (Hectare ) | 0.0324 |
| 33 | 669 | Private | Agriculture | 0.0648 (Hectare ) | 0.0648 |
| 34 | 670 | Private | Agriculture | 0.0473 (Hectare ) | 0.0473 |
| 35 | 671 | Private | Agriculture | 0.0073 (Hectare ) | 0.0073 |
| 36 | 672 | Private | Agriculture | 0.0243 (Hectare ) | 0.0243 |
| 37 | 686/3030 | Private | Residential | 0.1093 (Hectare ) | 0.1093 |
| 38 | 687 | Private | Agriculture | 0.0486 (Hectare ) | 0.0486 |
| 39 | 688 | Private | Residential | 0.0405 (Hectare ) | 0.0405 |
| 40 | 689 | Private | Residential | 0.0567 (Hectare ) | 0.0567 |
| 41 | 690 | Private | Agriculture | 0.0263 (Hectare ) | 0.0263 |
| 42 | 691 | Private | Agriculture | 0.0041 (Hectare ) | 0.0041 |
| 43 | 692 | Private | Agriculture | 0.0202 (Hectare ) | 0.0202 |
| 44 | 695 | Private | Agriculture | 0.0008 (Hectare ) | 0.0008 |
| 45 | 711 | Private | Non Agriculture | 0.0324 (Hectare ) | 0.0324 |
| 46 | 714 | Private | Agriculture | 0.0219 (Hectare ) | 0.0219 |
| 47 | 715 | Private | Agriculture | 0.0426 (Hectare ) | 0.0426 |
| 48 | 716 | Private | Agriculture | 0.0037 (Hectare ) | 0.0037 |
| 49 | 767/1690 | Private | Agriculture | 0.0254 (Hectare ) | 0.0254 |
| 50 | 768 | Private | Agriculture | 0.0253 (Hectare ) | 0.0253 |
| 51 | 768/1924 | Private | Agriculture | 0.0252 (Hectare ) | 0.0252 |
| 52 | 768/1939 | Private | Agriculture | 0.0253 (Hectare ) | 0.0253 |
| 53 | 768/1946 | Private | Agriculture | 0.0253 (Hectare ) | 0.0253 |
| 54 | 768/1955 | Private | Agriculture | 0.1014 (Hectare ) | 0.1014 |
| 55 | 778 | Private | Agriculture | 0.1053 (Hectare ) | 0.1053 |
| 56 | 779 | Private | Agriculture | 0.0283 (Hectare ) | 0.0283 |
| 57 | 780 | Private | Agriculture | 0.0364 (Hectare ) | 0.0364 |
| 58 | 781 | Private | Agriculture | 0.0769 (Hectare ) | 0.0769 |
| 59 | 782 | Private | Agriculture | 0.1296 (Hectare ) | 0.1296 |
| 60 | 789 | Government | Non Agriculture | 0.0041 (Hectare ) | 0.0041 |
| 61 | 790 | Private | Residential | 0.0041 (Hectare ) | 0.0041 |
| 62 | 791 | Private | Agriculture | 0.0324 (Hectare ) | 0.0324 |
| 63 | 792 | Private | Agriculture | 0.0607 (Hectare ) | 0.0607 |
| 64 | 793/3034 | Private | Residential | 0.085 (Hectare ) | 0.085 |
| Village: Chandpur | | | | | |
| 65 | 699 | Private | Agriculture | 0.0122 (Hectare ) | 0.0122 |
| 66 | 700 | Private | Agriculture | 0.0065 (Hectare ) | 0.0065 |
| 67 | 700/3341 | Private | Residential | 0.0033 (Hectare ) | 0.0033 |
| 68 | 703 | Private | Non Agriculture | 0.0037 (Hectare ) | 0.0037 |
| 69 | 708 | Private | Residential | 0.0168 (Hectare ) | 0.0168 |
| 70 | 708/3379 | Private | Residential | 0.0051 (Hectare ) | 0.0051 |
| 71 | 709 | Private | Agriculture | 0.0049 (Hectare ) | 0.0049 |
| 72 | 729/3441 | Private | Residential | 0.0116 (Hectare ) | 0.0116 |
| 73 | 730 | Private | Residential | 0.0092 (Hectare ) | 0.0092 |
| 74 | 731 | Private | Residential | 0.01 (Hectare ) | 0.01 |
| 75 | 732 | Private | Agriculture | 0.0103 (Hectare ) | 0.0103 |
| 76 | 733 | Private | Residential | 0.0105 (Hectare ) | 0.0105 |
| 77 | 733/3470 | Private | Residential | 0.0017 (Hectare ) | 0.0017 |
| 78 | 734 | Private | Agriculture | 0.0142 (Hectare ) | 0.0142 |
| 79 | 735 | Private | Agriculture | 0.005 (Hectare ) | 0.005 |
| 80 | 736 | Private | Agriculture | 0.0049 (Hectare ) | 0.0049 |
| 81 | 752/3467 | Private | Residential | 0.0114 (Hectare ) | 0.0114 |
| 82 | 808 | Private | Non Agriculture | 0.0018 (Hectare ) | 0.0018 |
| 83 | 809 | Private | Residential | 0.002 (Hectare ) | 0.002 |
| 84 | 809/3331 | Private | Residential | 0.0005 (Hectare ) | 0.0005 |
| 85 | 811 | Private | Agriculture | 0.0011 (Hectare ) | 0.0011 |
| 86 | 812 | Private | Residential | 0.0014 (Hectare ) | 0.0014 |
| 87 | 813 | Private | Residential | 0.0008 (Hectare ) | 0.0008 |
| 88 | 816 | Private | Residential | 0.0018 (Hectare ) | 0.0018 |
| 89 | 817 | Private | Residential | 0.0012 (Hectare ) | 0.0012 |
| 90 | 818 | Private | Agriculture | 0.0015 (Hectare ) | 0.0015 |
| 91 | 819 | Private | Residential | 0.0012 (Hectare ) | 0.0012 |
| 92 | 820 | Private | Residential | 0.0025 (Hectare ) | 0.0025 |
| Village: Hajipur | | | | | |
| 93 | 1121 | Private | Agriculture | 0.0026 (Hectare ) | 0.0026 |
| 94 | 1122 | Private | Residential | 0.0026 (Hectare ) | 0.0026 |
| 95 | 1125 | Private | Residential | 0.0013 (Hectare ) | 0.0013 |
| 96 | 1125/2990 | Private | Residential | 0.0013 (Hectare ) | 0.0013 |
| 97 | 1127 | Private | Residential | 0.001 (Hectare ) | 0.001 |
| 98 | 1127/3941 | Private | Residential | 0.0045 (Hectare ) | 0.0045 |
| 99 | 1128 | Private | Residential | 0.0025 (Hectare ) | 0.0025 |
| 100 | 1145 | Government | Non Agriculture | 0.0008 (Hectare ) | 0.0008 |
| 101 | 1146 | Private | Agriculture | 0.0027 (Hectare ) | 0.0027 |
| 102 | 1147 | Private | Residential | 0.0076 (Hectare ) | 0.0076 |
| 103 | 1149 | Private | Residential | 0.003 (Hectare ) | 0.003 |
| 104 | 1150 | Government | Non Agriculture | 0.0003 (Hectare ) | 0.0003 |
| Village: Nuapari | | | | | |
| 105 | 378 | Private | Agriculture | 0.0891 (Hectare ) | 0.0891 |
| 106 | 384 | Private | Agriculture | 0.0486 (Hectare ) | 0.0486 |
| 107 | 386 | Private | Agriculture | 0.0121 (Hectare ) | 0.0121 |
| Village: Pandia | | | | | |
| 108 | 186 | Private | Non Agriculture | 0.0029 (Hectare ) | 0.0029 |
| Village: Anantabrahmapur | | | | | |
| 109 | 328/362 | Private | Residential | 0.0012 (Hectare ) | 0.0012 |
| 110 | 328/375 | Private | Residential | 0.0036 (Hectare ) | 0.0036 |
| Village: Budhapara | | | | | |
| 111 | 1002 | Government | Agriculture | 0.0027 (Hectare ) | 0.0027 |
| 112 | 1003 | Government | Agriculture | 0.0031 (Hectare ) | 0.0031 |
| 113 | 1201 | Private | Agriculture | 0.0142 (Hectare ) | 0.0142 |
| 114 | 1202 | Private | Agriculture | 0.0122 (Hectare ) | 0.0122 |
| 115 | 1203 | Private | Agriculture | 0.0107 (Hectare ) | 0.0107 |
| 116 | 1206/1565 | Private | Residential | 0.0071 (Hectare ) | 0.0071 |
| 117 | 1207 | Private | Agriculture | 0.0184 (Hectare ) | 0.0184 |
| 118 | 1208/1453 | Private | Agriculture | 0.01 (Hectare ) | 0.01 |
| 119 | 1209 | Private | Residential | 0.0248 (Hectare ) | 0.0248 |
| 120 | 1214 | Private | Residential | 0.0114 (Hectare ) | 0.0114 |
| 121 | 1215 | Private | Residential | 0.0128 (Hectare ) | 0.0128 |
| 122 | 1216 | Private | Residential | 0.0081 (Hectare ) | 0.0081 |
| 123 | 1217 | Private | Residential | 0.005 (Hectare ) | 0.005 |
| 124 | 1220 | Private | Residential | 0.0071 (Hectare ) | 0.0071 |
| 125 | 294 | Private | Non Agriculture | 0.0056 (Hectare ) | 0.0056 |
| 126 | 299 | Private | Residential | 0.006 (Hectare ) | 0.006 |
| 127 | 300 | Private | Residential | 0.0013 (Hectare ) | 0.0013 |
| 128 | 301 | Private | Residential | 0.0016 (Hectare ) | 0.0016 |
| 129 | 320 | Private | Residential | 0.0009 (Hectare ) | 0.0009 |
| 130 | 321 | Private | Residential | 0.0006 (Hectare ) | 0.0006 |
| 131 | 322 | Private | Residential | 0.0016 (Hectare ) | 0.0016 |
| 132 | 325 | Private | Residential | 0.0021 (Hectare ) | 0.0021 |
| 133 | 326 | Private | Residential | 0.0024 (Hectare ) | 0.0024 |
| 134 | 330 | Private | Residential | 0.0027 (Hectare ) | 0.0027 |
| Village: Gopinathpur | | | | | |
| 135 | 181/3331 | Private | Residential | 0.0043 (Hectare ) | 0.0043 |
| 136 | 181/3373 | Private | Residential | 0.0043 (Hectare ) | 0.0043 |
| 137 | 560/3337 | Private | Residential | 0.0072 (Hectare ) | 0.0072 |
| 138 | 561 | Private | Agriculture | 0.0102 (Hectare ) | 0.0102 |
| 139 | 562 | Private | Agriculture | 0.0141 (Hectare ) | 0.0141 |
| 140 | 563 | Private | Agriculture | 0.0105 (Hectare ) | 0.0105 |
| 141 | 564 | Private | Agriculture | 0.0093 (Hectare ) | 0.0093 |
| 142 | 565 | Private | Agriculture | 0.0031 (Hectare ) | 0.0031 |
| 143 | 567 | Private | Agriculture | 0.0115 (Hectare ) | 0.0115 |
| 144 | 568 | Private | Agriculture | 0.0144 (Hectare ) | 0.0144 |
| 145 | 575 | Private | Residential | 0.0004 (Hectare ) | 0.0004 |
| 146 | 575/3387 | Private | Residential | 0.0004 (Hectare ) | 0.0004 |
| 147 | 575/3388 | Private | Residential | 0.0004 (Hectare ) | 0.0004 |
| 148 | 95 | Private | Agriculture | 0.0055 (Hectare ) | 0.0055 |
| Village: Tanchanabrahmapur | | | | | |
| 149 | 271 | Private | Agriculture | 0.001 (Hectare ) | 0.001 |
| 150 | 271/591 | Private | Residential | 0.001 (Hectare ) | 0.001 |
| 151 | 271/592 | Private | Residential | 0.002 (Hectare ) | 0.002 |
| 152 | 428/590 | Private | Residential | 0.002 (Hectare ) | 0.002 |
| 153 | 430 | Private | Residential | 0.0056 (Hectare ) | 0.0056 |
| 154 | 430/591 | Private | Residential | 0.0039 (Hectare ) | 0.0039 |
| 155 | 431 | Private | Residential | 0.0114 (Hectare ) | 0.0114 |
| 156 | 432 | Private | Agriculture | 0.0503 (Hectare ) | 0.0503 |
| Village: Anakhia | | | | | |
| 157 | 178/410 | Private | Residential | 0.0025 (Hectare ) | 0.0025 |
| 158 | 246 | Private | Agriculture | 0.0008 (Hectare ) | 0.0008 |
| 159 | 246/406 | Private | Residential | 0.0035 (Hectare ) | 0.0035 |
| 160 | 246/429 | Private | Residential | 0.0017 (Hectare ) | 0.0017 |
| 161 | 246/439 | Private | Residential | 0.0009 (Hectare ) | 0.0009 |
| 162 | 247 | Private | Residential | 0.003 (Hectare ) | 0.003 |
| 163 | 248 | Private | Agriculture | 0.0068 (Hectare ) | 0.0068 |
| 164 | 350 | Government | Non Agriculture | 0.0071 (Hectare ) | 0.0071 |
| 165 | 351 | Private | Agriculture | 0.0084 (Hectare ) | 0.0084 |
| Village: Dandilo | | | | | |
| 166 | 11/836 | Private | Residential | 0.0012 (Hectare ) | 0.0012 |
| 167 | 29/870 | Private | Commercial | 0.004 (Hectare ) | 0.004 |
| Village: sarheisasan | | | | | |
| 168 | 2540 | Private | Agriculture | 0.0041 (Hectare ) | 0.0041 |
| 169 | 362 | Private | Agriculture | 0.004 (Hectare ) | 0.004 |
| 170 | 363 | Private | Agriculture | 0.0019 (Hectare ) | 0.0019 |
| 171 | 367 | Private | Agriculture | 0.0016 (Hectare ) | 0.0016 |
| 172 | 368 | Private | Residential | 0.01 (Hectare ) | 0.01 |
| 173 | 862 | Private | Agriculture | 0.0081 (Hectare ) | 0.0081 |
| 174 | 940 | Private | Agriculture | 0.0061 (Hectare ) | 0.0061 |
| 175 | 940/3540 | Private | Agriculture | 0.0036 (Hectare ) | 0.0036 |
| 176 | 941 | Private | Agriculture | 0.0055 (Hectare ) | 0.0055 |
| 177 | 942 | Private | Agriculture | 0.0061 (Hectare ) | 0.0061 |
| 178 | 943 | Private | Agriculture | 0.0067 (Hectare ) | 0.0067 |
| 179 | 944 | Private | Residential | 0.0073 (Hectare ) | 0.0073 |
| 180 | 945 | Private | Agriculture | 0.0073 (Hectare ) | 0.0073 |
| 181 | 946 | Private | Agriculture | 0.0109 (Hectare ) | 0.0109 |
| | | | | Total | 2.9822 |

[F. No. RO/BBSR/11011/NH/IAHE/39/Smbp-Nuagaon/2017/3A]
SHAIKH AMINKHAN, Director

ସକାଳ
THE SAKALA



### ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ପଞ୍ଚଦଶ ଅଧ୍ୟାୟ

# କନ୍ତାରେଶ୍ୱର ମନ୍ଦିରରେ ଦଶମ ଶତାବ୍ଦୀର ତ୍ରିମୂର୍ତ୍ତି ପରିଦର୍ଶନ

ଜଗତସିଂହପୁର,୪।୫(ସମିସ)




ଜଗତସିଂହପୁର ଜିଲ୍ଲାର ଲୁକ୍କାୟିତ କୀର୍ତ୍ତିରାଜିର ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ଚାଲିଥିବା 'ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ପଞ୍ଚଦଶତମ ଅଧ୍ୟାୟ ଅନୁଷ୍ଠିତ ହୋଇଯାଇଛି। ମୁଦୁପୁର ଗ୍ରାମପଞ୍ଚାୟତ ସ୍ଥିତ କନ୍ତାର ଗ୍ରାମର ପ୍ରାଚୀନ କନ୍ତାରେଶ୍ୱର ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

ପ୍ରସିଦ୍ଧ ସିଦ୍ଧଳ ବଳଦେବଜୀଉ ମନ୍ଦିରଠାରୁ ଅନତି ଦୂରରେ ଅବସ୍ଥିତ ଏହି କନ୍ତାରେଶ୍ୱର ମନ୍ଦିର ପରିସରରେ ଦଶମ-ଏକାଦଶ ଶତାବ୍ଦୀର ଦୁର୍ଲଭ ତ୍ରିମୂର୍ତ୍ତି ଦେଖିବାକୁ ମିଳିଥିଲା। ଭୁବନେଶ୍ୱରର ପ୍ରସିଦ୍ଧ ଅନନ୍ତ ବାସୁଦେବ ମନ୍ଦିର ଶୈଳୀରେ ଏଠାରେ ଶଙ୍କର୍ଷଣ (ବଳରାମ), ବାସୁଦେବ (କୃଷ୍ଣ) ଓ ଏକାଂଶା (ସୁଭଦ୍ରା)ଙ୍କ ବିଗ୍ରହ ପୂଜା ପାଉଛନ୍ତି। ବିଶେଷତ୍ୱ ହେଉଛି, ଏହି ମୂର୍ତ୍ତିଗୁଡ଼ିକର ଆକାର ଅନନ୍ତ ବାସୁଦେବଙ୍କ ମୂର୍ତ୍ତିଠାରୁ ମଧ୍ୟ ବୃହତ। ଏହା ବ୍ୟତୀତ ମନ୍ଦିର ପ୍ରାଙ୍ଗଣରେ ନବମ ଶତାବ୍ଦୀର ପ୍ରାଚୀନ ଭୈରବ, ଗଣେଶ, କାର୍ତ୍ତିକ ଓ ଆସ୍ତିକ ଜରତକାରୁଙ୍କ ମୂର୍ତ୍ତି ମଧ୍ୟ ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ମୂର୍ତ୍ତିଗୁଡ଼ିକ ପୂର୍ବରୁ 'ବାମ କର ମଠ' ନାମକ ଏକ ଉଚ୍ଚା ଢିପରେ ଥିଲା। ପ୍ରାୟ ୨୦୦ ବର୍ଷ ପୂର୍ବେ ବାମ କର ନାମକ ଜଣେ ବ୍ରାହ୍ମଣ ସେଠାରେ ଏହି ମୂର୍ତ୍ତିଗୁଡ଼ିକୁ ପୂଜା କରୁଥିଲେ। ତାଙ୍କ ପରଲୋକ ପରେ ଗ୍ରାମବାସୀ ଏହି ଦୁର୍ଲଭ ବିଗ୍ରହଗୁଡ଼ିକୁ ଆଣି କନ୍ତାରେଶ୍ୱର ଶିବ ମନ୍ଦିର ବେଢ଼ାରେ ସ୍ଥାପନ କରିଛନ୍ତି।

ପ୍ରସିଦ୍ଧ ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ତ୍ରିପାଠୀ ଏହି ଅବସରରେ ମନ୍ଦିରର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ସଂଯୋଜକ ଶ୍ରୀକାନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଅଧ୍ୟାପକ ଭଗବାନ ଦାଶ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ବସନ୍ତ ମଞ୍ଜରୀ ଦାସ, ହେମନ୍ତ ନାୟକ, ଯୁବ ସଦସ୍ୟ ତ୍ରିଲୋଚନ ସ୍ୱାଇଁ, ଦେବାଶିଷ ପାତ୍ର, ସମ୍ବିତ ସିଂହ, ସୌର୍ଯ୍ୟପ୍ରକାଶ ନାୟକ, ରୁଦ୍ର ମାଧବ ଦାସ, ଜିନୋଦ ମହାନ୍ତି ଓ ରୋହନ ମହାରଣା ସହଯୋଗ କରିଥିଲେ। ପଦଯାତ୍ରୀମାନେ ପରିଶେଷରେ ସିଦ୍ଧଳ ବଳଦେବଜୀଉ ମନ୍ଦିର ପରିଦର୍ଶନ କରିଥିଲେ। ଜଗତସିଂହପୁରର ଏପରି ଅନେକ ବିରଳ କୀର୍ତ୍ତିରାଜି ଆଜିବି ପୁସ୍ତକ ବା ପୋଥିର ପୃଷ୍ଠାରେ ସ୍ଥାନ ପାଇନାହିଁ, ଯାହାକୁ ଲୋକଲୋଚନକୁ ଆଣିବା ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର




**ଜଗତସିଂହପୁର/ରଘୁନାଥପୁର,୪।୫(ସମିସ):** ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୩୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୦ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୪ଟି, ଆବାସ ଯୋଜନା ସମ୍ପର୍କୀୟ ୩ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୪ଟି, ପୁଲିସ୍ ସହାୟତା ପାଇବା ପାଇଁ ୨ଟି, ପେନସନ ପାଇବା ପାଇଁ ୩ଟି ଏବଂ ଅନ୍ୟାନ୍ୟ ୧୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ,ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥପୁର ବିରଞ୍ଚି ନାରାୟଣ ବେହେରା, ତହସିଲଦାର ରଘୁନାଥପୁର ରାଜଲକ୍ଷ୍ମୀ ନାୟକ, ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣିରେ ସହଯୋଗକରିଥିଲେ।

# ଗାନ୍ଧୀ ପଥେ ନ୍ୟାୟ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ଜଗତସିଂହପୁର,୪।୫(ସମିସ):** ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଅଞ୍ଚଳରେ ଏକ କାରଖାନା ସ୍ଥାପନା ହେବାକୁ ଯାଉଛି। ତେବେ ଏହା ସ୍ଥାପନା ଦ୍ୱାରା ସ୍ଥାନୀୟ ଅଞ୍ଚଳ ବାସୀ ଜଳ, ଜମି, ଜଙ୍ଗଲ, ଧାନ, ପାନ ଏବଂ ମୀନ ହରାଇବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଅଞ୍ଚଳର ଅଧିବାସୀଙ୍କୁ ସାମାଜିକ ନ୍ୟାୟ ଦେବା ଦାବିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଗାନ୍ଧୀ ପଥେ ନ୍ୟାୟ ଯାତ୍ରା ନାମରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ କରାଯାଉଛି। ଏହି ଶୋଭାଯାତ୍ରା ଆସନ୍ତା ୬ ତାରିଖରେ ଢିଙ୍କିଆଠାରୁ ଆରମ୍ଭ ହୋଇ ୧୪ ତାରିଖ ସୁଦ୍ଧା ଭୁବନେଶ୍ୱର ରାଜଭବନ ନିକଟରେ ପହଞ୍ଚିବାର ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମକୁ କିପରି ଜିଲ୍ଲାରେ ସଫଳ କରାଯିବ ସେଥି ନିମନ୍ତେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଜଗତସିଂହପୁର ସର୍କିଟ ହାଉସ ଠାରେ ଜିଲ୍ଲା କଂଗ୍ରେସ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଯାତ୍ରାଟି ୬ ତାରିଖ ସକାଳ ୭ ଘଟିକାରେ ଢିଙ୍କିଆଠାରୁ ଆରମ୍ଭ ହୋଇ ଏରସମା, ମଣିଜଙ୍ଗା, ରଘୁନାଥପୁର, ସୋମପୁର ଦେଇ ଭୁବନେଶ୍ୱର ଅଭିମୁଖେ ଅଗ୍ରସର ହେବ। ବିଭିନ୍ନ ଛକ ବଜାରରେ କଂଗ୍ରେସ କର୍ମୀ ମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ କିପରି ଅଧିକରୁ ଅଧିକ ଯୋଗଦେଇ ସଫଳ କରାଯିବ ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ଜିଲ୍ଲା କଂଗ୍ରେସ କମିଟି ସଭାପତି ନଟବର ବାରିକ, ଜିଲ୍ଲା କଂଗ୍ରେସ କମିଟି ଉପ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ପ୍ରଶାନ୍ତ ଦାସ, ମହମ୍ମଦ ଅବଦୁଲ ୱାହିଦ, ଅଶ୍ୱିନୀ କୁମାର ସ୍ୱାଇଁ, ମୁଖପାତ୍ର ହେମନ୍ତ କୁମାର ରଥ, ସର୍ବେଶ୍ୱର ପଣ୍ଡା, ଅଭିଜିତ ସାହୁ, ସାଧାରଣ ସମ୍ପାଦକ ବିଦ୍ୟାଧର ବାରିକ, ଧନଞ୍ଜୟ ସୂତାର, ଆର୍ତ୍ତବନ୍ଧୁ ବିଶ୍ୱାଳ, ସମ୍ପାଦକ ଦିଲ୍ଲୀପ କୁମାର ମାହାର, ବୃନ୍ଦାବନ ପ୍ରଧାନ, ଅଞ୍ଜନ କୁମାର ଜେନା, ବସନ୍ତ ନାୟକ, ପବିତ୍ର କୁମାର ମନ୍ତ୍ରୀ, ଜିତୁ ନାରାୟଣ ସାହୁ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ଜଗତସିଂହପୁର ବ୍ଲକ ସଭାପତି ଜ୍ଞାନରଞ୍ଜନ ପୃଷ୍ଟି, ତିର୍ତ୍ତୋଲ ବ୍ଲକ ସଭାପତି ସଫି ଆଜମ, ନାଉଗାଁ ବ୍ଲକ ସଭାପତି ବିଚିତ୍ର ନନ୍ଦ ଲେଙ୍କା, ରଘୁନାଥପୁର ବ୍ଲକ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ମହିଳା କଂଗ୍ରେସ ନେତ୍ରୀ ଦିପ୍ତିରାଣୀ ପ୍ରଧାନ, ଜିଲ୍ଲା ଅନୁସୂଚିତ ଜାତି ବିଭାଗ ସଭାପତି ଲକ୍ଷ୍ମୀଧର ମଲ୍ଲିକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରିତମ ପରିଡା, ଜିଲ୍ଲା ସୋସିଆଲ ମିଡିଆ ବିଭାଗ ସଭାପତି ଦେବବ୍ରତ ତ୍ରିପାଠୀ, ମହନି ଚରଣ ରାଉତ, ନିହାର ଦାସ, ନାରାୟଣ ନାୟକ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ।

### ପୂର୍ତ୍ତବିଭାଗକୁ ଚିଠି ଲେଖିଲେ ବିଧାୟକ

# 'ଏନ୍‌ଏଚ୍-୫୫ ପ୍ରକଳ୍ପର ସଂପ୍ରସାରଣ ନୂଆଗାଁରୁ ପାରାଦୀପକୁ ହେଉ'

**ପାରାଦୀପ,୪।୫(ସମିସ):** କେନ୍ଦ୍ରସରକାର ବାଲିକୁଦା-ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳ ଜଗତସିଂହପୁରର ନୂଆଗାଁକୁ ଏନ୍‌ଏଚ୍-୫୫ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରି ଅନୁମୋଦନ କରିଛନ୍ତି। ଏହି ଏନ୍‌ଏଚ-୫୫ ଭାୟା କଟକ ଓଏମ୍‌ପି ଦେଇଯାଇଛି। କିନ୍ତୁ ଏହି କ୍ଷେତ୍ରରେ ଦେଖାଯାଉଛି ଯେ ଯଦି ଉକ୍ତ ଏନ୍‌ଏଚ୍ ପକଳ୍ପକୁ ପାରାଦୀପ ପର୍ଯ୍ୟନ୍ତ ବିସ୍ତାର କରାଯାଏ, ଯାହା ଦ୍ୱାରା ବାଲିକୁଦା-ଏରସମା ବିଧାନସଭା ମଣ୍ଡଳୀ ଏବଂ ଜଗତସିଂହପୁର ଜିଲ୍ଲାର ସ୍ଥାନୀୟ ବାସିନ୍ଦା ଉପକୃତ ହୋଇପାରନ୍ତେ। ନୂଆଗାଁର ଲୋକମାନେ ଏବଂ ନିକଟସ୍ଥ ଗ୍ରାମବାସୀମାନେ ନିୟମିତ ଭାବରେ ନୂଆଗାଁରୁ ପାରାଦୀପକୁ ଏହି ଏନ୍‌ଏଚ୍-୫୫ ପ୍ରକଳ୍ପର ସଂପ୍ରସାରଣ ହେଲେ ଯାତାୟାତରେ ସୁବିଧା ହେବା ନେଇ ନୂଆଗାଁର ବାସିନ୍ଦା ବିଧାୟକଙ୍କୁ ଦାବି କରିଛନ୍ତି। ନୂଆଗାଁରୁ ପାରାଦୀପକୁ ଯାଇଥିବା ଆର୍‌ଡି ରାସ୍ତା ଏବଂ ଜଳସେଚନ ବିଭାଗ ରାସ୍ତା ମଧ୍ୟ ରହିଛି। ଯେଉଁ ରାସ୍ତା ଭଲ ଅବସ୍ଥାରେ ନାହିଁ। ସେହି ରାସ୍ତାରେ ଭାରୀଯାନ ଚଳାଚଳ ପାଇଁ ଅନୁମତି ମଧ୍ୟ ମିଳିଛି। ତେଣୁ ସ୍ଥାନୀୟ ବ୍ୟବସାୟୀ ମାନେ ନୂଆଗାଁରୁ ପାରାଦୀପକୁ ଜଳଜୀବ ଯଥା ମାଛ କଙ୍କଡ଼ା ନେଇ ବ୍ୟବସାୟ କରିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ଏରସମା ଏବଂ ଜଗତସିଂହପୁର ଜିଲ୍ଲାର ସ୍ଥାନୀୟ ବାସିନ୍ଦାଙ୍କୁ ଉତ୍ତମ ଯୋଗାଯୋଗ ସୁବିଧା ଯୋଗାଇ ଦେବା ପାଇଁ ନୂଆଗାଁରୁ ପାରାଦୀପ ପର୍ଯ୍ୟନ୍ତ ରାସ୍ତାର ତୁରନ୍ତ ଉନ୍ନତି କରଣ ଆବଶ୍ୟକ। ତେଣୁ ନୂଆଗାଁରୁ ପାରାଦୀପ ପର୍ଯ୍ୟନ୍ତ ରାସ୍ତାର ଶୀଘ୍ର ଉନ୍ନତୀକରଣ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ପୂର୍ତ୍ତ ବିଭାଗର ସଚିବଙ୍କୁ ଚିଠି ଦ୍ୱାରା ଲିଖିତ ଅଭିଯୋଗ କରିଛନ୍ତି।

# ସଦର ବ୍ଲକ୍ ବିଜୁ ଜନତା ଦଳର ବୈଠକ



**ଜଗତସିଂହପୁର,୪।୫(ସମିସ):** ଜଗତସିଂହପୁର ସଦର ବ୍ଲକ ବିଜେଡି ପକ୍ଷରୁ ୪ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ ବିବେକାନନ୍ଦ ସ୍ୱାଇଁଙ୍କ ଡିହସାହି ସ୍ଥିତ କାର୍ଯ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟ ଏବଂ ଦଳୀୟ କର୍ମୀ ମାନେ ଯୋଗ ଦେଇଥିଲେ। ସଦର ବ୍ଲକ ବିଜେଡି ସଭାପତି କାଳନ୍ଦି ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ରାଉଳ, ଅବସରପ୍ରାପ୍ତ ଅଧିକାରୀ ଭାଗୀରଥି ରାଉତରାୟ ଏବଂ ଅଦ୍ୱୈତ ଜେନା ପ୍ରମୁଖ ଯୋଗଦେଇ ଦଳୀୟ ସଂଗଠନକୁ ଅଧିକ ମଜବୁତ୍ କରିବା ସଂପର୍କରେ ପରାମର୍ଶ ଦେବା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜଗତସିଂହପୁର ବ୍ଲକ ପ୍ରଶାସନ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତାଙ୍କ କଥାକୁ ପ୍ରାଥମିକତା ଦେଉଥିବାରୁ ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ବ୍ଲକ ପ୍ରଶାସନର ମନମାନି ବିରୋଧରେ ଆଗାମୀ ଦିନରେ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଜିଲାପାଳଙ୍କୁ ଅଭିଯୋଗ କରାଯିବ। ଯଦି ଏଥିରେ ସୁଫଳ ନମିଳେ ତେବେ ବ୍ଲକ ସମ୍ମୁଖରେ ବିକ୍ଷୋଭ କରିବା ସହିତ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଳିପିଙ୍ଗଳ ପଞ୍ଚାୟତ ସମିତି ସଭ୍ୟ ରାଜିବ ବେହେରା, ଖଏରଙ୍ଗ ପଞ୍ଚାୟତ ସରପଞ୍ଚ ଲିପକ ସାହୁ,ଯୁବ ବିଜେଡି ନେତା ସମ୍ବିତ ମହାନ୍ତି, ଅଜୟ ସ୍ୱାଇଁ, ନାରାୟଣ କାନୁନଗୋ, ମମତା ସାମନ୍ତରାୟ, ପ୍ରଭାତୀ ସ୍ୱାଇଁ, ପ୍ରତାପ ସାହୁ, ପ୍ରଭାତି ମହାନ୍ତି, ମିନତି ସ୍ୱାଇଁ, ବାବୁଲି ସାହୁ, ଗୁଣନିଧି ସାମଲ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



**ଜଗତସିଂହପୁର,୪।୫(ସମିସ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୋଡିଆଁର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱପ୍ନାମଞ୍ଜରୀ ଆଚାର୍ଯ୍ୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଶିଷ୍ଟ ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ଆବାହନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଦୀପକ କୁମାର ବିଶ୍ୱାଳ। ମୁଖ୍ୟବକ୍ତା ଭାବରେ ନବକାକଳିର ସମ୍ପାଦକ ତଥା ବିଶିଷ୍ଟ ଶିକ୍ଷାବିତ୍ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କବି ଝୁଲରାମ ଦାସ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଇଧର ତ୍ରିପାଠୀ, ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ମହାନ୍ତି, ପ୍ରୀତିପ୍ରଭା ଦାଶ, ଗୌରାଙ୍ଗ ଚରଣ ଦାଶ, ମନୋରମା ଦାଶ, ଶାରଦା ପ୍ରସାଦ ଚଇନି, ଧୀରେନ୍ଦ୍ର ନାଥ ବିଶ୍ୱାଳ, ବସନ୍ତ କୁମାର ବଳ, ବିଜୟ କୁମାର ସ୍ୱାଇଁ ପ୍ରମୁଖ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କର ବହୁବିଧ ଗୁଣର ଉଦାହରଣ ଦେଇଥିଲେ। ଏଥିରେ ପ୍ରଶାନ୍ତ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, କୈଳାସ ଚନ୍ଦ୍ର ବିଶ୍ୱାଳ, ନରେଶ କୁମାର ଜେନା, ସୁଶାନ୍ତ ପ୍ରସାଦ କର, ରଶ୍ମିରେଖା ଶତପଥୀ, କାଳନ୍ଦୀ ଚରଣ ସ୍ୱାଇଁ, ତମସା ସ୍ୱାଇଁ, ତୃପ୍ତିମୟୀ ସ୍ୱାଇଁ, ପ୍ରମୋଦିନୀ ପ୍ରଧାନ, ଦୀପକ କୁମାର ମହାନ୍ତି, ଅଞ୍ଜନା ସ୍ୱାଇଁ, ରଞ୍ଜନପ୍ରଭା ସ୍ୱାଇଁ, ଗଣେଶ ସ୍ୱାଇଁ, ପ୍ରାକ୍ତନ ଛାତ୍ରୀ ଶ୍ରାବଣୀ ଜେନା ଓ ୫ମ ଶ୍ରେଣୀର ଛାତ୍ର ଓମ୍‌ପ୍ରକାଶ ନାୟକ ବକ୍ତବ୍ୟ ରଖିଥିଲେ। ମଣି ଭୂଷଣ ତ୍ରିପାଠୀ, ଡା. ବୈରାଗୀ ଚରଣ ଆଚାର୍ଯ୍ୟ, କୋଡିଆଁ ଗ୍ରାମବାସୀ ତଥା ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କଲାପରେ ସଭା ସାଙ୍ଗ ହୋଇଥିଲା।

# ଜନାପାଳ କପ୍ ଉଦ୍‌ଯାପିତ ନୂଆପୋଖରୀ ଚାମ୍ପିଅନ୍



**କୁଜଙ୍ଗ,୪।୫(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତ ଜନାପାଳ ଛକରେ ପଞ୍ଚମ ଦିବାରାତ୍ରି ଜନାପାଳ ପ୍ରିମିୟର ଲିଗ୍ କପ୍ ଉଦଯାପିତ ହୋଇଯାଇଛି। ଏହି ମେଗା ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଶ୍ରୀଗଣେଶ ଏକାଦଶ ନୂଆପୋଖରୀ ୧୨ ରନ୍‌ରେ ଏମ୍‌କେସିସି ମଣିଜଙ୍ଗାକୁ ପରାସ୍ତ କରି ଚାମ୍ପିଅନ ହେଇଥିଲା। ପ୍ରଥମେ ବ୍ୟାଟିଂ କରି ନୂଆ ପୋଖରୀ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ୫୨ ରନ୍ କରିବାକୁ ସମର୍ଥ ହୋଇ ଥିଲା। ଜବାବରେ ମଣିଜଙ୍ଗା ମାତ୍ର ୪୪ ରନ୍ କରିବାକୁ ସମର୍ଥ ହୋଇ ପରାଜୟ ବରଣ ସହ ରନ୍‌ର୍ସଅପ ହୋଇଥିଲା। ଏହି ମେଗା କ୍ରୀଡ଼ାକୁ ସାଇଲୋ ସେବା ସମବାୟ ସମିତିର ସଭାପତି ପ୍ରଦୀପ କୁମାର ବେଉରା ଉଦଘାଟନ କରିଥିବା ବେଳେ ବରିଷ୍ଠ ଆଇନଜୀବୀ ଦେବାଶିଷ୍ କଣ୍ଠ, ପଙ୍କପାଳ ବଣିକ ସଂଘର ସଭାପତି ଫକୀର ଦାସ, ନୀକୁଞ୍ଜ କିଶୋର ଚୌଧୁରୀ, ପ୍ରଦୀପ୍ତ କୁମାର ପ୍ରଧାନ, କ୍ରୀଡ଼ାବିତ୍ ଉତ୍ତମ ସାହାଣୀ, ସମାଜସେବୀ କୃତିବାସ ଷଡ଼ଙ୍ଗୀ, ସଞ୍ଜୟ କୁମାର ସାହୁ, ସାମ୍ବାଦିକ ମାନସ କୁମାର ମହାନ୍ତି, ଗାଁ ମୁରବୀ ସନ୍ତୋଷ କୁମାର ଦାସ ଓ ସଞ୍ଜୟ କୁମାର ସାହୁ ପ୍ରମୁଖ ଅତିଥି ଅତିଥି ରୂପେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ସୂର୍ଯ୍ୟକାନ୍ତ ଦାସ ରୂପେ ପୁରସ୍କୃତ ହୋଇଥିଲେ। ମୋଟ ଆଠଟି ଦଳ ଭାଗ ନେଇଥିଲେ। ରମାକାନ୍ତ ମଲିକ୍ ଓ ଏସକେ ଅଲି କ୍ରୀଡ଼ା ଧାରା ବିବରଣୀ ପ୍ରଦାନ କରିଥିଲେ। ଜନାପାଳର ବାବା ତ୍ରିନାଥ ଯୁଥ୍ କ୍ଲବ ସମସ୍ତ ସଦସ୍ୟ ଏହି ମେଗା ଦିବା ରାତ୍ରୀ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ କୁ ପରି ଚାଳନା କରିଥିଲେ।

### ■ ବଟଶ୍ରୀକ୍ଷେତ୍ରର ବର୍ଷିକ ଉତ୍ସବ ଉଦଯାପିତ

# 'ବଟଶ୍ରୀକ୍ଷେତ୍ର ଜିଲ୍ଲାର ଏକ ପ୍ରମୁଖ ଆଧ୍ୟାମିକ ଅନୁଷ୍ଠାନ'



**ଜଗତସିଂହପୁର,୪।୫(ସମିସ):** ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପାଟେଣୀଗାଁ ସ୍ଥିତ ବଟଶ୍ରୀକ୍ଷେତ୍ରର ଊନବିଂଶ ବାର୍ଷିକ ଉତ୍ସବ ଭାବ ଭକ୍ତିମୟ ପରିବେଶ ମଧ୍ୟରେ ରାଜ୍ୟରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ସଭାରେ ସଭାପତିତ୍ୱ କରିଥିଲେ ନିର୍ମାଲ୍ୟ ପତ୍ରିକାର ମୁଖ୍ୟ ସଂପାଦକ ରବୀନ୍ଦ୍ର ନାଥ ନାୟକ। ଏଥିରେ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ କହିଲେ ଯେ ବଟଶ୍ରୀକ୍ଷେତ୍ର ଜଗତସିଂହପୁର ଜିଲ୍ଲାର ଏକ ପ୍ରମୁଖ ଆଧ୍ୟାମିକ ପୀଠ ଏବଂ ବର୍ଷ ବ୍ୟାପି ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ଭିତରେ ଭକ୍ତି ଭାବନା ସୃଷ୍ଟି କରି ଆସୁଛି। ମହାପ୍ରଭୁଙ୍କ ପ୍ରତି ସମର୍ପିତ ହେଲେ ମାନବ ଜୀବନ ଧନ୍ୟହେବ ଏବଂ ମଣିଷ ଦିବ୍ୟଜୀବନର ଅଧିକାରୀ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ମନ୍ଦିର ପରିସରରେ ବିଧାୟକ ପାଣ୍ଠିରୁ ସ୍ଥାପିତ ହୋଇଥିବା ଥଣ୍ଡା ପାନୀୟ ଜଳ ବ୍ୟବସ୍ଥାକୁ ସେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିରୂପେ ଯୋଗ ଦେଇଥିଲେ ବିଶିଷ୍ଟ ଔପନାସିକ ଭାଗୀରଥି ଦାସ ଏବଂ ପ୍ରାଧାପିକା ମଧୁସ୍ମିତା ସ୍ୱାଇଁ। ସଭାରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ବଟଶ୍ରୀକ୍ଷେତ୍ରର ସଭାପତି ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର। ଶେଷରେ ଧନ୍ୟବାଦ ଦେଇଥିଲେ ସମୀର ସ୍ୱାଇଁ। ଯଜ୍ଞ କାର୍ଯ୍ୟକ୍ରମରେ ପଣ୍ଡିତ ସଂଜୟ ରଥଙ୍କ ଦ୍ୱାରା ପରିଚାଳିତ ଗୀତାହୁତି ଏବଂ ପୂର୍ଣ୍ଣାହୁତି ଅଗଣିତ ଜନତାଙ୍କ ଭିତରେ ଏକ ଭାବ ଓ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ସନ୍ଧ୍ୟାରେ କୁନି ପ୍ରବଚକ ରୁଦ୍ରପ୍ରତାପ ଥାଟୋଇ ମହାପ୍ରଭୁଙ୍କ ତତ୍ତ୍ୱ ଓ ଦର୍ଶନ ଉପରେ ପ୍ରବଚନ ଦେଇଥିଲେ। ୭ ଦିନ ବ୍ୟାପୀ ଏହି ଭବ୍ୟ ସମାରୋହରେ ଯେଉଁମାନେ ସହଯୋଗର ହାତ ବଢ଼ାଇଥିଲେ ସେମାନେ ହେଲେ ଉମେଶ ନାୟକ, ନରେନ୍ଦ୍ର ନାୟକ, ସମୀର ସ୍ୱାଇଁ, ଦିବ୍ୟଜିତ ସ୍ୱାଇଁ, ଅକ୍ଷୟ ନାୟକ, ପରମାନନ୍ଦ ନାୟକ, ସୁଶାନ୍ତ ସ୍ୱାଇଁ, ମହେଶ୍ୱର ନାୟକ ଏବଂ ଉମାକାନ୍ତ ଗୋଛାୟତ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶୀ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।

### ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭା

# ସାଙ୍ଗଠନିକ ବୈଠକ ଓ ପରିଚାଳନା କମିଟି ଗଠିତ

ବାଲିକୁଦା,୪।୫(ସମିସ)




ଉତ୍କଳ ଯାଦବ ମହାସଭା ଓଡ଼ିଶା ଦ୍ୱାରା ସହବନ୍ଧିତ ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭାର ସାଙ୍ଗଠନିକ ବୈଠକ ଓ ପରିଚାଳନା କମିଟିର କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭାର ଏକ ସାଂଗଠନିକ ବୈଠକ ଗରାମ ପଞ୍ଚାୟତର ଚଉଁରପୁର ନିକଟ ବାବା ମାଧୁରୀ ଆଶ୍ରମ ଚମ୍ପାବାଲି ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ଯାଦବ ମହାସଭାର ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ ଯାଦବ ମହାସଭାର ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂଗଠନିକ ବୈଠକରେ ବାଲିକୁଦା ବ୍ଲକର ବିଭିନ୍ନ ପଞ୍ଚାୟତର ଯୁବ ସଂଗଠକ ମାନେ ଯୋଗଦେଇ ଯାଦବ ମାନଙ୍କର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ରାଜନୈତିକ ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବାଲିକୁଦା ବ୍ଲକରେ ବିଭିନ୍ନ ପଞ୍ଚାୟତରେ ଯାଦବ ସଂଗଠନକୁ ସୁଦୃଢ଼ କରିବା ପାଇଁ ବ୍ଲକ୍‌ସ୍ତରୀୟ ସମସ୍ତ ପଞ୍ଚାୟତର ଯୁବକ ମାନଙ୍କୁ ନେଇ ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭାର ପରିଚାଳନା କମିଟିର କର୍ମକର୍ତ୍ତା ଚୟନ କରାଯାଇଥିଲା। ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭାର ସଭାପତି ହେମନ୍ତ କୁମାର ଦାସ, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର କୁମାର ଦାସ, ସାଧାରଣ ସମ୍ପାଦକ ସୌମେନ୍ଦ୍ର କୁମାର ଦାସ, ସମ୍ପାଦକ ବିଶ୍ୱନାଥ ପରିଡ଼ା, କୋଷାଧ୍ୟକ୍ଷ ଦୋଳ ଗୋବିନ୍ଦ ପରିଡ଼ା, ଉପସଭାପତି ବିକାଶ କୁମାର ପରିଡ଼ା, ଗୋପାଳ ଦାସ, ଯୁଗ୍ମ ସମ୍ପାଦକ ନିରଞ୍ଜନ ଦାସ, ଗାନ୍ଧୀ ଜେନା, ସୋମନାଥ ମାହାର, ସାଂଗଠନିକ ଜୋନ୍ ର ସମ୍ପାଦକ ଭାବେ ଜିତେନ୍ଦ୍ର କୁମାର ଦାସ, ବବୁଲ କୁମାର ଦାସ, ବିକାଶ ଦାସ, ଆଦିକନ୍ଦ ଦାସ ରହିଥିବା ବେଳେ, ପରାମର୍ଶ ଦାତା କମିଟିରେ ନିରଞ୍ଜନ ଦାସ, ମନୋଜ କୁମାର ଦାସ, ନରୋତ୍ତମ ଦାସ, ଶଙ୍କର ବହିରା, ଶ୍ରୀକାନ୍ତ ଦାସ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭା ସଭାପତି ଇଁ ପ୍ରଦୀପ କୁମାର ବେହେରା ଓ ଉତ୍କଳ ଯାଦବ ମହାସଭାର ଜଗତସିଂହପୁର ଜିଲ୍ଲା ପର୍ଯ୍ୟବେକ୍ଷକ ତିର୍ଥବାସୀ ବେହେରାଙ୍କ ତତ୍ତ୍ୱାବଧାନରେ ବାଲିକୁଦା ବ୍ଲକସ୍ତରରେ ଯୁବ ଯାଦବ ମାନଙ୍କୁ ନେଇ ସଂଗଠନକୁ ସୁଦୃଢ଼ କରିବା ପାଇଁ ଏକ କର୍ମଶାଳା ଆଗାମୀ ଦିନରେ କରିବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ଆଗାମୀ ଦିନରେ ୩୦ଟି ପଞ୍ଚାୟତରେ ଯାଦବ ଭାଇ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ଯାଦବ ମହାସଭା ତରଫରୁ ପ୍ରତି ମାସର ଶେଷ ରବିବାର ଦିନ ତିନୋଟି ଲେଖାଏଁ ପଞ୍ଚାୟତ କୁ ନେଇ ପ୍ରତି ମାସର ମାସିକ ସାଂଗଠନିକ ବୈଠକ କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଗଲା।

## ସଲାର ମଠ ଛକରୁ ପ୍ରାଥମିକ ବିଦ୍ୟାଳୟ ରାସ୍ତାରେ ଢଳେଇ କାମ

# ଗାର୍ଡୱାଲରେ ପଡ଼ିନି ମାଟି, ଘଟୁଛି ଦୁର୍ଘଟଣା

ଡେରାବିଶ, ୪।୫(ସମିସ)

ଡେରାବିଶ ବ୍ଲକ୍ ଖମୋଳ ପଞ୍ଚାୟତ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର ସଲାର ମଠ ଛକଠାରୁ ସଲାର ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଢଳେଇ ରାସ୍ତାର ଉଭୟ ପାଶ୍ୱର୍ରେ ଗାର୍ଡୱାଲ ମଧ୍ୟରେ ମାଟି ଭର୍ତ୍ତି କରାଯାଇନି। ଫଳରେ ଦୈନିକ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହି ଅଧାପନ୍ତରିଆ କାମ ଶେଷ କରାଯିବାକୁ ଦାବି ହେଉଛି। ଉକ୍ତ ରାସ୍ତା ସଲାର ମଠ ଛକଠାରୁ ବାହାରି ସଲାର ଗ୍ରାମ, ଚାନ୍ଦୋଳ ମେଳଣ ପଡ଼ିଆ ଦେଇ ଚାନ୍ଦୋଳ-ଗୋଲରାହାଟ ରାସ୍ତାକୁ କନ୍ତେଇଠାରେ ସଂଯୋଗ କରିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ଏହି ରାସ୍ତାଟି ସଲାର ମଠଠାରୁ କନ୍ତେଇ ଠାକୁରାଣୀଙ୍କ ମନ୍ଦିର ଯାଏ ସ୍ଥଳ ବିଶେଷରେ ଢଳେଇ ଓ ପିଚୁ ହେବାର ବ୍ୟୟବରାଦ ହୋଇଥିଲେ ହେଁ ଏହାର ନିର୍ମାଣ କାର୍ଯ୍ୟ ଠିକ୍ ସମୟରେ ହୋଇପାରି ନ ଥିଲା।



ଏବେବି ଚାନ୍ଦୋଳ ମେଳଣ ପଡ଼ିଆଠାରୁ ବାଙ୍କିମୁଣ୍ଡେଇ ଗ୍ରାମଯାଏ ରାସ୍ତା କାମ ଆଦୌ କରାଯାଇନାହିଁ। ମାସକ ତଳେ ସଲାର ମଠଠାରୁ ସଲାର ସ୍କୁଲ ଯାଏ ପାଖାପାଖି ୩୦୦ ମିଟର ରାସ୍ତାକୁ ଢଳେଇ କରାଯାଇଛି। ଏଥିସହିତ ଏହି ସ୍ଥାନରେ ରାସ୍ତାର ଦୁଇ ପାଶ୍ୱର୍ରେ ଢଳେଇ ରାସ୍ତାକୁ ସୁରକ୍ଷା ଦେବା ପାଇଁ ରାସ୍ତା ଦୁଇପଟରେ ଗାଡର୍‌ୱାଲ ନିର୍ମାଣ କରାଯାଇଛି। କିନ୍ତୁ ରାସ୍ତା ଓ ଗାର୍ଡୱାଲ ମଧ୍ୟରେ ଥିବା ଖାଲକୁ ପୋତାଯିବା ପାଇଁ ଆବଶ୍ୟକ ମାଟି କାମ କରାଯାଇନାହିଁ। ଫଳରେ ଏହି ରାସ୍ତାଦେଇ ଯାଉଥିବା ଯାନବାହନ ପରସ୍ପରକୁ ଅତିକ୍ରମ କରିବା ସମୟରେ ଖାଲକୁ ଖସିପଡ଼ିବା ଓ ଛୋଟ ଗାଡ଼ିରେ ଯିବା ସମୟରେ ସାମାନ୍ୟ ଅସାବଧାନ ହେଲେ ଖାଲରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଖାଲ ପୋତିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମହାକାଳପଡ଼ା ବ୍ଲକ୍ ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ମହାକାଳପଡ଼ା, ୪।୫(ସମିସ): ମହାକାଳପଡ଼ା ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଆରସିସି ଅକ୍ଷୟ ମହାପାତ୍ରଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଡଃ ଗନ୍ଧର୍ବ ନାୟକ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଆଲଫା ବେଷ୍ଟର ଅଧ୍ୟକ୍ଷ କ୍ଷୀରୋଦ ସାହୁ, ସମ୍ମାନିତ ଅତିଥି ଭାବେ ମଙ୍ଗଳପୁର ସରପଞ୍ଚ ମଧୁଲତା ସାମନ୍ତରାୟ, ସମିତି ସଭ୍ୟ ରଞ୍ଜନ ଚୌଧୁରୀ, ଏବିଇଓ ବିଚିତ୍ରାନନ୍ଦ ସାମଲ, ନୋଡାଲ ପ୍ରଧାନଶିକ୍ଷକ ରଘୁନାଥ ଦାସ, ଏବିଇଓ ମିନତୀ ସେଠୀ, ବ୍ଲକ୍ ସମନ୍ୱୟ ସମିତି ସଭାପତି ଅଶୋକ ମହାପାତ୍ର ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଅତିଥି ପରିଚୟ ଦେଇଥିଲେ ଆଲୋକ ଏସଡି ରାୟ। ଅନ୍ୟମାନଙ୍କ ରମେଶ ସାହାଣୀ, ବିଶ୍ୱଭୂଷଣ ମଲ୍ଲିକ, ମନୋଜ ନନ୍ଦ, ନିର୍ମଳ ଆଚାର୍ଯ୍ୟ, କ୍ଷିତୀଶ ପରିଡା, ମହେନ୍ଦ୍ର ସ୍ୱାଇଁ, ଚିତ୍ତରଞ୍ଜନ ରାଉତରାୟ, ପ୍ରଶାନ୍ତ ଦାସ, ନିଳେନ୍ଦ୍ରି ପାଇଟାଳ, ଅମୀୟ ଚୌଧୁରୀ, ଦିଲ୍ଲୀପ ସାହୁ, ଗୋପବନ୍ଧୁ ସାହୁଙ୍କ ସମେତ



ସମସ୍ତ ସିଆରସିସି ଓ ସମସ୍ତର ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏ-୧ ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀ ଦେବଦର୍ଶୀ ମଣ୍ଡଳ, ତୁଳସୀ ସ୍ୱାଇଁ, କୃତିକ୍ରାନ୍ତ ପ୍ରିୟଦର୍ଶିନୀ, ଶୁଭଲକ୍ଷ୍ମୀ ବାଇ, ଶୁଭଜିତ ମଣ୍ଡଳ, ଓ ଶାଇଶ୍ରୀ ଲେଙ୍କାଙ୍କୁ ଉତ୍ତରୀୟ, ମାନପତ୍ର ସହ ଫଳକ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଡଃ ନାୟକ କହିଥିଲେ, ଶିକ୍ଷକ ହେଉଛନ୍ତି ସମାଜ ଗଠନର ମୁଖ୍ୟ ବିନ୍ଧାଣି। ଶିକ୍ଷକତା ବୃତ୍ତି ନୁହେଁ ପ୍ରବୃତ୍ତି, ଛାତଛାତ୍ରୀ ସମାଜରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ।

## ଗୀତିକବି ସୁଶାନ୍ତ ପାଣିଙ୍କୁ ଶ୍ରୁତି ସମ୍ମାନ

ପଟ୍ଟାମୁଣ୍ଡାଇ, ୪।୫(ସମିସ): ଉତ୍କଳୀୟ ଗୀତ-ବାଦ୍ୟ-ନୃତ୍ୟ-ନାଟ୍ୟ-ଚିତ୍ରାଦି ପଞ୍ଚକଳାର ମହାର୍ଘ୍ୟ ଶିକ୍ଷାଦାନ, ପ୍ରାୟ ପାଞ୍ଚହଜାର ଉନ୍ନତ କଳାଶିଳ୍ପୀ ନିର୍ମାଣ ଓ ସାଂସ୍କୃତିକ ପ୍ରଚାର-ପ୍ରସାର କ୍ଷେତ୍ରରେ ଜୀବନବ୍ୟାପୀ ଉଲ୍ଲେଖନୀୟ ଅବଦାନ ପାଇଁ ଗଡମେକର୍ ପ୍ରତିଷ୍ଠାତା, ନିର୍ଦ୍ଦେଶକ ଗୀତିକବି ଗୁରୁଶ୍ରୀ ସୁଶାନ୍ତ କୁମାର ପାଣି ମର୍ଯ୍ୟାଦାଜନକ "ଶ୍ରୁତି ସମ୍ମାନ' ଲାଭ କରିଛନ୍ତି। ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ୨୧ତମ ଶ୍ରୁତି ସମାରୋହରେ



ବିଶ୍ୱବିଦିତ ଓଡ଼ିଶୀ ନୃତ୍ୟ ପଟ୍ଟୟସୀ ପଦ୍ମଶ୍ରୀ ଅରୁଣା ମହାନ୍ତି ଓ ଡଃ ସୁଜାତା ମହାପାତ୍ର, ତାଳବାଦ୍ୟ ଗୁରୁ ପଣ୍ଡିତ ଧନେଶ୍ୱର ସ୍ୱାଇଁ, ଆକାଶବାଣୀ ଗୀତିକାର ପୀତାମ୍ବର ମିଶ୍ର, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ ଜେନା ଓ ଶ୍ରୁତି ସମ୍ପାଦିକା କଣ୍ଠଶିଳ୍ପୀ ହରପ୍ରିୟା ସ୍ୱାଇଁ ପ୍ରମୁଖଙ୍କ ଯୋଗଦେଇ ଗୁରୁଶ୍ରୀ ପାଣିଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରିଛନ୍ତି। ଗୁରୁଶ୍ରୀ ପାଣିଙ୍କ ନେତୃତ୍ୱରେ ୩୯ ବର୍ଷ ପୂର୍ବେ ସ୍ଥାପିତ ଗୋପାଳ ଦାଶ ସ୍ମାରକୀ ସାଂସ୍କୃତିକ ସଂଗଠନ (ଗଡମେକର୍) ରେକର୍ଡ ସଂଖ୍ୟକ କଳାକାର ସୃଷ୍ଟି କରିଛନ୍ତି। ଆଜି ଗୀତ-ବାଦ୍ୟ-ନୃତ୍ୟ-ନାଟ୍ୟ-ଚିତ୍ରାଦି ସମ୍ବଳିତ ଓଡ଼ିଶାର ସର୍ବବୃହତ୍ ପଞ୍ଚକଳା ପ୍ରତିଷ୍ଠାନ ରୂପେ ପରିଗଣିତ। ଏଥିସହିତ କଳା-ସାହିତ୍ୟ କ୍ଷେତ୍ରରେ ଆକାଶବାଣୀ କଟକ କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ, ପ୍ରାୟ ତିନିହଜାର ଗୀତର ସଫଳ ଗୀତିକବି, ଗଣକବି ଗୋପାଳ ଦାଶଙ୍କ ସ୍ମୃତି ଓ କୃତିର ସଂରକ୍ଷକ, ତାଙ୍କ ରଚିତ ଗୀତିନାଟ୍ୟ ପରିବେଷକ, ଧୂରୀଣ ମଞ୍ଚ ଉପସ୍ଥାପକ ଭାବେ ତାଙ୍କର ତ୍ୟାଗ-ତପସ୍ୟା ବାସ୍ତବିକ ଉଲ୍ଲେଖନୀୟ ଓ ପ୍ରଶଂସନୀୟ। ଓଡ଼ିଶୀ କଳା-ସାହିତ୍ୟ-ସଂସ୍କୃତି କ୍ଷେତ୍ରରେ ଜୀବନବ୍ୟାପୀ ନିରବଚ୍ଛିନ୍ନ ସାଧନା ଓ ସଂଗ୍ରାମଶୀଳ ଅବଦାନ ପାଇଁ ଗୀତିକବି ଶ୍ରୀ ପାଣି ଉଭୟ ହରିୟାଣା ଓ ଓଡ଼ିଶା ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ଏଥିସହିତ ଶ୍ରୀ ପାଣି ରାଜ୍ୟସ୍ତରୀୟ ଶ୍ରୁତି କଳା-ସଂସ୍କୃତି ସମ୍ମାନ, ଭାରତୀ ଯୁବ ସମ୍ମାନ, ବଳଦେବଶ୍ରୀ ସମ୍ମାନ, ପୃଥ୍ୱୀଦେବୀ ସମ୍ମାନ, ସୁଲେଖା ସଂସ୍କୃତି ସମ୍ମାନ, ଗ୍ରନ୍ଥସାରଥି ସମ୍ମାନ, ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ ଭଳି ଶତାଧିକ ସମ୍ମାନ ଲାଭ କରିଛନ୍ତି। ଶ୍ରୀ ପାଣିଙ୍କୁ ଶ୍ରୁତି ସମ୍ମାନ ପ୍ରଦାନ କରାଯାଇଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବାପାଙ୍କ ପରିଶ୍ରମର ମୂଲ୍ୟ ଦେଲେ ଝିଅ

# ଗରଦପୁର ବ୍ଲକ୍‌ରେ ସ୍ମିତମ ସମୋଲିକା ପ୍ରଥମ

କେନ୍ଦ୍ରାପଡ଼ା, ୪।୫(ସମିସ): ଆର୍ଥିକ ସଂକଟ ମଧ୍ୟରେ ଅଦମ୍ୟ ପରିଶ୍ରମ ଓ ଦୃଢ଼ ସଙ୍କଳ୍ପ କେମିତି ସଫଳତାର ଦ୍ୱାର ଖୋଲିଦେଇପାରେ, ତାହା ପୁଣିଥରେ ପ୍ରମାଣ କରିଛନ୍ତି ଗରଦପୁର ବ୍ଲକର ମେଧାବୀ ଛାତ୍ରୀ ସ୍ମିତମ ସମୋଲିକା ପାଣି। ବାପା ଚୁଡ଼ି ଦୋକାନ ଓ ଡ୍ରାମା କରି ପରିବାର ଚଳାଇବାର କଷ୍ଟ ଦେଖି ଝିଅ ମନରେ ଗଢ଼ିଥିବା ସ୍ୱପ୍ନ ଆଜି ସାକାର ହୋଇଛି। ସେ ଏବେ ମାଟ୍ରିକ ପରୀକ୍ଷାରେ ୫୬୧ ନମ୍ବର ରଖି ଗରଦପୁର ବ୍ଲକରେ ପ୍ରଥମ ହେବା ସହିତ ଜିଲ୍ଲାରେ ଷଷ୍ଠ ସ୍ଥାନ ଅଧିକାର କରି ଅଞ୍ଚଳର ଗୌରବ ବଢ଼ାଇଛନ୍ତି। ଛୋଟବେଳୁ ବାପାଙ୍କ ପରିଶ୍ରମ ଓ ସଂଘର୍ଷ ଦେଖି ସେ ଭାବୁକ ହୋଇଯାଇଥିଲେ। ଦିନେ ସେ କାନ୍ଦି କାନ୍ଦି ବାପାଙ୍କୁ କହିଥିଲେ, ଆପଣଙ୍କ ଦୁଃଖ ମୁଁ ଦୂର କରିବି, ଭଲ ଚାକିରି କରି



ଆପଣଙ୍କୁ ଗର୍ବିତ କରିବି। ସେହି ପ୍ରତିଶ୍ରୁତି ଆଜି ପ୍ରଥମ ପାହାଚରେ ସାର୍ଥକ ହୋଇଛି। ସଫଳତା ପଛରେ ଥିଲା ଦୈନିକ ୮ରୁ ୧୦ ଘଣ୍ଟା ଅଧ୍ୟୟନ। କଠିନ ବିଷୟକୁ ବୁଝିପାରୁ ନ ଥିଲେ, ସେ ବାରମ୍ବାର ଗରଦପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ପଚାରୁଥିଲେ। ତଥାପି ସନ୍ତୋଷ ନ ମିଳିଲେ, ପୁଣିଥରେ ଅଭ୍ୟାସ କରି ସ୍ପଷ୍ଟ ବୁଝିବା ପର୍ଯ୍ୟନ୍ତ ଛାଡୁ ନ ଥିଲେ। ଏହି ନିଷ୍ଠା ଓ ଅଦମ୍ୟ ଚେଷ୍ଟା ତାଙ୍କୁ ଆଜି ସଫଳତାର ଶିଖରକୁ ନେଇଯାଇଛି। ପରିବାରରେ ବାପାଙ୍କ ସଂଘର୍ଷ ଓ ଶିକ୍ଷକଙ୍କ ମାର୍ଗଦର୍ଶନକୁ ସେ ନିଜ ସଫଳତାର ମୂଳ ମନେ କରନ୍ତି। ଭବିଷ୍ୟତରେ ଉଚ୍ଚଶିକ୍ଷା ଗ୍ରହଣ କରି ଏକ ଭଲ ଚାକିରି ପାଇବା ସହିତ ପରିବାରର ଅବସ୍ଥା ସୁଧାରିବା ତାଙ୍କ ଲକ୍ଷ୍ୟ ରହିଛି। ଏହି ସଫଳତା ପାଇଁ ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି ହୋଇଥିବାବେଳେ ସ୍ଥାନୀୟ ଲୋକ ଓ ଶିକ୍ଷକମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସଂସ୍କୃତ ମଧ୍ୟମାରେ ପ୍ରିୟଙ୍କା ଜିଲ୍ଲା ଟପ୍ପର

ରାଜନଗର, ୪।୫(ସମିସ): ରାଜନଗର ବ୍ଲକ ଜରିମୂଳସ୍ଥ ଲକ୍ଷ୍ମୀନାରାୟଣ ସଂସ୍କୃତ ବିଦ୍ୟାଳୟ ଛାତ୍ରୀ ପ୍ରିୟଙ୍କା ପ୍ରଧାନ ଚଳିତ ବର୍ଷ ମଧ୍ୟମା ପରୀକ୍ଷାରେ ୬୦୦ରୁ ୫୬୩ ନମ୍ବର ରଖି କେନ୍ଦ୍ରାପଡ଼ା ଜିଲ୍ଲା ଟପ୍ପର ହୋଇଛନ୍ତି। ପ୍ରିୟଙ୍କା ଜିଲ୍ଲା ଟପ୍ପର ହେବା ସହ



ରାଜନଗର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକଙ୍କୁ ସେବା ଦେବା ପାଇଁ ସଂକଳ୍ପ ରଖିଛନ୍ତି ବୋଲି ପ୍ରିୟଙ୍କା କହିଛନ୍ତି। ସେ ରାଜନଗର ପଞ୍ଚାୟତ ମଲିଆବୁଦା ଗ୍ରାମର ରତ୍ନାକର ନାୟକ, ପୁଷ୍ପଲତା ନାୟକଙ୍କ କନ୍ୟା। ପ୍ରିୟଙ୍କା ମାମୁଁଘର ଭଦିଆରେ ରହି ପଢୁଥିଲେ। ଏହି ସଫଳତା ପାଇଁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବରଦାକାନ୍ତ ଜେନା ପ୍ରିୟଙ୍କାଙ୍କ ଘରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## ଆଇଓସିଏଲ୍ ପକ୍ଷରୁ ଆବର୍ଜନା କୁଣ୍ଡ ପ୍ରଦାନ

ମହାକାଳପଡ଼ା, ୪।୫(ସମିସ): ପାରାଦୀପସ୍ଥ ଆଓସିଏଲର କର୍ପୋରେଟ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ମାଧ୍ୟମରେ ମହାକାଳପଡା ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ଆବର୍ଜନା କୁଣ୍ଡ ପ୍ରଦାନ କରାଯାଇଛି। ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମାରୁତି ୟୁଥ ସେବା ଟ୍ରଷ୍ଟ ମାଧ୍ୟମରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ବଟମହା ପୁରୁଷ ଉଚ୍ଚବିଦ୍ୟାଳୟ ବଡ଼ଗାଁ, ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ କରମକୂଳ, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଆଇତିପୁର, ବଜ୍ରମହାକାଳୀ ଉଚ୍ଚ ବିଦ୍ୟାଳୟ ବଡକୂଳ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଡ଼କୂଳ ଓ



ବଡକୂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଚକଲଗା ବଡ଼ ବଡ଼ ପ୍ଲାଷ୍ଟିକ ଆବର୍ଜନା କୁଣ୍ଡ ହସ୍ତାନ୍ତର କରିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ପକ୍ଷରୁ ସମ୍ପାଦକ ସୁଧୀର ସ୍ୱାଇଁ, ବାବାଜୀ ସାହୁ, ସଂଗ୍ରାମ ଲେଙ୍କା, ଅରକ୍ଷିତ ରାଉତ, ଆଓସିଏଲ ସଂଯୋଜକ ଅକ୍ଷୟ ବେହେରାଙ୍କ ସହିତ ଡା ପ୍ରମୋଦ ବିହାରୀ ପତି, କଳ୍ପତରୁ ସାହୁ, ମିତାରାଣୀ ସ୍ୱାଇଁ, ସଂଘମିତ୍ରା ସିଂହ, ବିମଳେନ୍ଦୁ ଆଚାର୍ଯ୍ୟ ଓ ପ୍ରଭାତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପେଟଛେଲା ଗ୍ରାମବାସୀଙ୍କ ଅଭିଯୋଗ

# ବ୍ୟକ୍ତିଗତ ଜମିରେ ସରକାରୀ ଅର୍ଥରେ ରାସ୍ତା ନିର୍ମାଣ

ମହାକାଳପଡ଼ା, ୪।୫(ସମିସ): ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ପେଟଛେଲା ପଞ୍ଚାୟତର ପେଟଛଲା ଗ୍ରାମରେ ଜଣକ ବ୍ୟକ୍ତିଗତ ଜମିରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୫ ଲକ୍ଷ ସରକାରୀ ଅର୍ଥରେ ରାସ୍ତା ନିର୍ମାଣ ହୋଇଥିବା ଅଭିଯୋଗ ଉଠିଛି। ଏ ଘଟଣାକୁ ନେଇ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଭୂମିକା ଉପରେ ସନ୍ଦେହ ପ୍ରକାଶ ପାଉଛି। ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଘରକୁ ସୁବିଧା ଦେବାକୁ ଏହି ରାସ୍ତା ନିର୍ମାଣ ପାଇଁ ଅନୁମତି ଦିଆଯିବା ସହ ଏହାର ମୂଲ୍ୟାନୁମାନ ମଧ୍ୟ ପ୍ରସ୍ତୁତ ହୋଇଥିବା କୁହାଯାଉଛି। ଏଠାରେ ସରକାରୀ ନିୟମ ଉଲ୍ଲଙ୍ଘନ ହୋଇଥିବା ଅଭିଯୋଗ ହେଉଛି। ଘଟଣାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଛି। କିଛି ଲୋକଙ୍କ



ମତାନୁସାରେ, ସେହି ବ୍ୟକ୍ତିଙ୍କ ପାଖରୁ ଅର୍ଥ ଗ୍ରହଣ କରି ରାସ୍ତା ନିର୍ମାଣ ପାଇଁ ମୂଲ୍ୟାନୁମାନ କରାଯାଇଥିବା ସନ୍ଦେହ ରହିଛି। ଯଦି କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଥିଲା ଯେ ଏହା ବ୍ୟକ୍ତିଗତ ଜମି, ତେବେ କାହିଁକି ସେ ଏହାକୁ ଅନୁମୋଦନ କଲେ ବୋଲି ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ଯଦି କନିଷ୍ଠ ଯନ୍ତ୍ରୀଙ୍କ ମନା କରିବା ସତ୍ତ୍ୱେ ଜବରଦସ୍ତ ରାସ୍ତା ନିର୍ମାଣ ହୋଇଥାଏ, ତେବେ ସେଠାରେ ସରକାରୀ ଫଳକ କିପରି ଲଗାଗଲା ଓ ଏଥିପାଇଁ ଅନୁମତି କିଏ ଦେଲା ବୋଲି ପ୍ରଶ୍ନ ଉଠୁଛି। ଏହି ଘଟଣାକୁ କିଛି ଲୋକ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ଭାବେ ଦେଖୁଛନ୍ତି। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏ ପର୍ଯ୍ୟନ୍ତ ପଞ୍ଚାୟତ ଅଧିକାରୀ କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପକ୍ଷରୁ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଘଟଣାର ସଠିକ୍ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରୁଛନ୍ତି।

## ମାଟ୍ରିକ ବ୍ଲକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ, ୪।୫(ସମିସ): ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୫୫୫ ନମ୍ବର ରଖି ପଟ୍ଟାମୁଣ୍ଡାଇ ବ୍ଲକ ଟପ୍ପର ହୋଇଥିବା ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଦେବୀପ୍ରଜ୍ଞା ଦେଙ୍କୁ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା



ଦିଆଯାଇଛି। ଅରୁଆ ହରିହରା ବାଳାଶ୍ରମରେ ଅବସ୍ଥାନ କରୁଥିବା ବ୍ଲକ୍ ଟପ୍ପର ଦେବୀପ୍ରଜ୍ଞା ଦେଙ୍କୁ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ବରିଷ୍ଠ ନେତା ମିଟୁ ମନୋଜ ନାୟକ, ପରେଶ ସାହୁ, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ଉପେନ୍ଦ୍ର ନାୟକ, ସୁଧାଂଶୁ ତ୍ରିପାଠୀ, ସଞ୍ଜୟ ପଣ୍ଡା, ଲିପନ ସୂତାର ପ୍ରମୁଖ ଉତ୍ତରୀୟ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିବା ସହ ମିଠା ଖୁଆଇଥିଲେ। ଅରୁଆ ହରିହରାନନ୍ଦ ବାଳାଶ୍ରମର ସନ୍ଥ ସ୍ୱାମୀ ଆଦିତ୍ୟାନନ୍ଦ ମହାରାଜ, ବିଜୟ ସାହୁ ସମ୍ବର୍ଦ୍ଧନା ପର୍ବରେ ଯୋଗ ଦେଇଥିଲେ। ବ୍ଲକ୍ ଟପ୍ପର ଛାତ୍ରୀ ଦେବୀପ୍ରଜ୍ଞା ଭବିଷ୍ୟତରେ ପ୍ରଶାସନିକ ଅଧିକାରୀ ହେବାକୁ ଇଚ୍ଛା ରଖିଥିବା କହିଥିଲେ। ଦେବୀପ୍ରଜ୍ଞାଙ୍କ ପଢା ଖର୍ଚ୍ଚ ଓ ସମସ୍ତ ଦାୟିତ୍ୱ ହରିହରାନନ୍ଦ ବାଳାଶ୍ରମ ପକ୍ଷରୁ ବହନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସ୍ୱାମୀ ଆଦିତ୍ୟାନନ୍ଦ ମହାରାଜ ସୂଚନା ଦେଇଛନ୍ତି।

## ମାଣିପୁରରେ ଅଷ୍ଟପ୍ରହର ନାମଯଜ୍ଞ

ପଞ୍ଚୁପାଣ୍ଡବ, ୪।୫(ସମିସ): ଡେରାବିଶ ବ୍ଲକର ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ମାଣିପୁର ଗ୍ରାମରେ ୪୩ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞରେ ପୂଜକ କରୁଣାକର ଷଡ଼ଙ୍ଗୀ ଓ ଶିବ ଚରଣ ସାହୁ କର୍ତ୍ତା ଥିଲେ। ଏଥିରେ ସମାଜସେବୀ ତଥା ଶିକ୍ଷାବିତ୍ ଅଜୟ ରାଉତ, ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନଗୋ, ଡେରାବିଶ ବ୍ଲକ୍ କଂଗ୍ରେସ ସଭାପତି ରାଜୀବଲୋଚନ ମିଶ୍ର, ନହଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପଣ୍ଡା, ଉମାକାନ୍ତ ନାୟକ, ସମବାୟବିତ ଭାଗୀରଥି ସାହୁ, ଯୁବ ସମାଜସେବୀ ସୁବାସ ଜେନା, ନାରାୟଣ ବେହେରା ପ୍ରମୁଖ ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ଗ୍ରାମର ମୁରବୀ ପ୍ରଫୁଲ୍ଲ ସାହୁ, ଶରତ ସାହୁ, ଧନେଶ୍ୱର ନାୟକ, ନିଗମାନନ୍ଦ ସାହୁଙ୍କ ପରାମର୍ଶକ୍ରମେ ସଭାପତି ଉମାକାନ୍ତ ମହାନ୍ତି, ସମ୍ପାଦକ ସଞ୍ଜୟ ସାହୁ, ବୀଣାପାଣି ଯୁବକ ସଂଘ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚକ୍ରୋଡ଼ା ଗ୍ରାମ ଦେବୀ ମନ୍ଦିରରୁ ଚୋରି

କେନ୍ଦ୍ରାପଡ଼ା, ୪।୫(ସମିସ): ସଦର ଥାନାରେ ଲଗାତର ଚୋରି ହେଉଛି। ଚକ୍ରୋଡ଼ା ଗ୍ରାମଦେବୀ ମା' ଚାଚଖାଇ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଅଳଙ୍କାର ଚୋରି ହୋଇଛି। ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତ ମନ୍ଦିରର କବାଟ ତାଡି ମା' ପିନ୍ଧିଥିବା ରୂପା ହାର, ମଙ୍ଗଳସୂତ୍ର, କାନ ଫୁଲ ସହ ବିଭିନ୍ନ ଅଳଙ୍କାର ଚୋରି କରିନେଇଛନ୍ତି। ଅଧିକ ଟଙ୍କା ଆଶାରେ ମନ୍ଦିରର ଷ୍ଟୋର ରୁମ ତାଡ଼ି ସାମଗ୍ରୀଗୁଡ଼ିକୁ ଅସ୍ତବ୍ୟସ୍ତ କରିଛନ୍ତି। ସପ୍ତାହେ ପୂର୍ବେ ଜଜାଙ୍ଗ ଏସ୍‌ପି କାର୍ଯ୍ୟାଳୟ ନିକଟରେ ଏକ ବାଇକ୍ ଆରୋହୀଙ୍କୁ ଆକ୍ରମଣ କରି ଦୁଇଟି ଦାମୀ ମୋବାଇଲ ଛଡ଼ାଇ ନେବା ଘଟଣା ଘଟିଥିଲା। ସେହିପରି ଗତ ଏକମାସ ମଧ୍ୟରେ ଦାନପୁର ଲକ୍ ନିକଟରେ ଶଶୁର-ବୋହୂଙ୍କୁ ଭୁଜାଲିରେ ଆକ୍ରମଣ କରି ସୁନା ଚେନ ଛିନତାଇ କରିବା, ସଦର ଥାନା ନିକଟରୁ ଆଉଏକ ସୁନା ଚେନ ଛିନତାଇ, ଭରତପୁର ଅଞ୍ଚଳର ଏକ କାଳୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ଭଳି ଘଟଣା ମାନେ ଲଗାତାର ଘଟୁଥିବାରୁ ଆଇନଶୃଙ୍ଖଳା ପ୍ରତି ପ୍ରଶ୍ନ ଉଠିଛି। ଏଥିପ୍ରତି ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ପୋଖରୀରେ ବୁଡ଼ି ଜଣେ ମୃତ

ରାଜକନିକା, ୪।୫(ସମିସ): ଆଜି ପୂର୍ବାହ୍ନ ୧୦ଟା ବେଳେ ଜଣେ ବ୍ୟକ୍ତି ଶୌଚ ହେବାକୁ ପୋଖରୀକୁ ଯାଇ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ରାଜକନିକା ଥାନା ଅନ୍ତର୍ଗତ କୋଇଲିପୁର ପଞ୍ଚାୟତର ଚାରିପୋଖରିଆ ଗାଁ ରାମଚନ୍ଦ୍ର ରାଉତ (୫୧) ପୁଅ ମହାଦେବଙ୍କୁ ସାଙ୍ଗରେ ନେଇ ଚଢେଇଗଳା ଗାଁ ନିକଟରେ ଥିବା ପୋଖରୀକୁ ଯାଇଥିଲେ। ପୁଅ ପୋଖରୀ ନିକଟରେ ଥିବା ଏକ ପଲାରେ ବସି ଖେଳୁଥିବାବେଳେ ରାମଚନ୍ଦ୍ର ନା ଫେରିବାରୁ ପୁଅ ବିଚଳିତ ହୋଇ ଘରକୁ ଜଣାଇଥିଲା। ଖବର ପାଇ ଗାଁ ଲୋକେ ଆସି ଆଖପାଖ ପୋଖରୀ ଓ ନଦୀରେ ବହୁ ଖୋଜିବା ପରେ ପାଇ ନ ଥିଲେ। ସନ୍ଦେହ କରି ରାସ୍ତା ପାଖରେ ଥିବା ଏକ ପୋଖରୀରେ ଖୋଜିବା ବେଳେ ଏକ ତଉଲିଆ ପିନ୍ଧି ପାଣି ଭିତରେ ବୁଡି ରହିଥିବା ରାମଙ୍କୁ ଉଦ୍ଧାର କରିବା ପରେ ରାଜକନିକା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ରାମଚନ୍ଦ୍ରଙ୍କ ପରିବାରକୁ ସହାୟତା ପ୍ରଦାନ କରାଯିବାକୁ ଦାବି ହେଉଛି।

## ତରଡ଼ିପାଳ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ପଟ୍ଟାମୁଣ୍ଡାଇ, ୪।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ତରଡ଼ିପାଳ ଉଚ୍ଚବିଦ୍ୟାଳୟ ୧୯୯୫ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ ଓ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜକୁମାର ବିଶ୍ୱାଳଙ୍କ ସଭାପତିତ୍ୱ ଓ ପୁରାତନ ଛାତ୍ର କବିନ୍ଦ୍ର ଦାଶ ଓ ଅମୀର ସେଠୀଙ୍କ



ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିକାଶ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପରଲୋକଗତ ଗୁରୁ ଓ ବନ୍ଧୁଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରାକ୍ତନ ଶିକ୍ଷକ କାଙ୍ଗାଳୀ ଦାସ, ପର୍ଶୁରାମ ବିଶ୍ୱାଳ, ଦିବାକର ମହାରଣା, ଆହ୍ଲାଦିନ ଭଦ୍ର, ଖେଳ ଶିକ୍ଷକ ସୁଶୀଲ ବିଶ୍ୱାଳ, ବିଚିତ୍ର ସାମଲ, ପଦ୍ମିନୀ ରାଉତ, ସୁବାସ ମଜୁମଦାର, ଭଞ୍ଜକିଶୋର ଜେନା ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀ ଗୁରୁଙ୍କ ପାଦ ଧୋଇ ଦେଇ ସିନ୍ଦୁର ଚନ୍ଦନ ଲଗାଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ଛାତ୍ରଛାତ୍ରୀ ଶପଥ ନେଇଥିଲେ। ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟବତୀ ସାହୁ ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବିଷ୍ଣୁଚରଣ ଦାଶ, ଜଗନ୍ନାଥ ବିଶ୍ୱାଳ, ତାରାକାନ୍ତ ସୂତାର, ସୁବାସ ମଲ୍ଲିକ, ଭ୍ରମରବର ମଲ୍ଲିକ, ଅମରେନ୍ଦ୍ର ବିଶ୍ୱାଳ, ଜିତେନ୍ଦ୍ର ମହାପାତ୍ର, କଳ୍ପନା ବିଶ୍ୱାଳ, ରେଣୁକା ବିଶ୍ୱାଳ, ସାବିତ୍ରୀ ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷା ବିଭାଗ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ରାଜନଗର, ୪।୫(ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଶିକ୍ଷା ବିଭାଗ ଅଧ୍ୟାପକ ବିଚିତ୍ରାନନ୍ଦ ପାଣିଙ୍କ ସଭାପତିତ୍ୱରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅମୀୟ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନର ଆଦର୍ଶ ମୂଲ୍ୟବୋଧ ସହ ଭବିଷ୍ୟତରେ କିପରି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ପହଞ୍ଚି ହେବ, ସେ ବିଷୟରେ ମତ ରଖିଥିଲେ। ଓଡିଆ ବିଭାଗ ମୁଖ୍ୟ ଅଧ୍ୟାପକ ରତ୍ନାକର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ର ଜୀବନର ମୂଲ୍ୟବାନ ସମୟକୁ କିପରି ସଦୁପଯୋଗ କରି ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ନିଜକୁ ଗଢି ହେବ, ସେ ବିଷୟରେ ମତ ରଖିଥିଲେ। ବିଭାଗୀୟ ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ଶୁଭଦର୍ଶିନୀ ନାୟକ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଭୂତି ରାଉତ, ଶ୍ରାବଣୀ ସାହୁ, ସୁସ୍ମିତା ସେଠୀ, ସସ୍ମିତା ସାମଲ, ଅନ୍ନପୂର୍ଣ୍ଣା ବାରିକ ସହଯୋଗ କରିଥିଲେ। ଛାତ୍ରୀ ଶୁଭଶ୍ରୀ ବଳ ଧନ୍ୟବାଦ ଅର୍ପଣ କରିଥିଲେ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୯ ଟି ଅଭିଯୋଗର ତ୍ୱରିତ ସମାଧାନ

ମାର୍ଶାଘାଇ, ୪।୫(ସମିସ)

ମାର୍ଶାଘାଇ ବ୍ଲକ୍ ସଭାଗୃହରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ମିଳିତ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଏସ୍‌ପି ସୁଧାକର ସାହୁ, ଏସଡିପିଓ ଜ୍ୟୋତିରଞ୍ଜନ ଗୌଡା, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସରୋଜ କୁମାର ବେହେରା, ପଞ୍ଚାୟତ ସମିତି ଚେୟାରମ୍ୟାନ ମଧୁସ୍ମିତା ସାମଲ, ଭାରପ୍ରାପ୍ତ ବିଡିଓ ଇତିଶ୍ରୀ ପଣ୍ଡା, ତହସିଲଦାର ଶ୍ରୀକାନ୍ତ ପରିଜା, ସହକାରୀ ଉପଜିଲ୍ଲାପାଳ ସରୋଜ ବେହେରା ପ୍ରମୁଖ ଯୋଗଦେଇ ୭୨ଟି ଅଭିଯୋଗର ଶୁଣାଣି କରି ୯ଟିର ତ୍ୱରିତ ସମାଧାନ କରିଛନ୍ତି।

ଆଜି ଆୟୋଜିତ ଶିବିରରେ ୭୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରେ ୧୪ଟି ସାମୂହିକ ଓ ୫୮ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଅନୁଦାନ ମଞ୍ଜୁର ସତ୍ତ୍ୱେ ଦୁମୁକା ସୋସାଇଟି ଗୋଦାମ ଗୃହ ନିର୍ମାଣରେ ବିଳମ୍ବ ହେଉଥିବା, ମାର୍ଶାଘାଇ ସରକାରୀ ଉଚ୍ଚବିଦ୍ୟାଳୟ ଜମି ଜବରଦଖଲ ହଟାଇବା, ସେହି ବିଦ୍ୟାଳୟର ମୁଖ୍ୟ ରାସ୍ତାରେ ଡ୍ରେନ ପାଣି ଚାଲୁଥିବାରୁ ରାସ୍ତାକୁ ଉଚ୍ଚ ଓ ପ୍ରଶସ୍ତ କରିବା ପାଇଁ ଦାବି କରାଯାଇଥିଲା। ହାଇସ୍କୁଲ ନିକଟ ଜଳାଶ୍ରୟକୁ ପୋତି ବନ୍ଧ କରାଯାଇଥିବାରୁ ଜଳ ନିଷ୍କାସନ ସମସ୍ୟା ଓ ଜମିରେ ଜଳ ବୁଡ଼ି ସମସ୍ୟା ଉପୁଜିବ ବୋଲି ଦୁଇଟି ଅଭିଯୋଗ ହୋଇଛି। ଉଆଁରମୁଣ୍ଡ ଗ୍ରାମକୁ ସଂଗ୍ରାମପୁର ପାନୀୟଜଳ ପ୍ରକଳ୍ପରୁ



ପାଣି ସଠିକ ମାତ୍ରାରେ ଯାଉନାହିଁ, ଶିଳିପୁର ସ୍କୁଲରେ ସମଗ୍ର ଶିକ୍ଷା ଅଭିଯାନ ଯୋଜନାର ଗୃହ ନିର୍ମାଣ ପୁନଃ ଟେଣ୍ଡର କରିବା ଆଦି ଅଭିଯୋଗ ହୋଇଛି। ଗରଜଙ୍ଗା ଉଚ୍ଚବିଦ୍ୟାଳୟରେ ଅନିୟମିତତା ଅଭିଯୋଗ, ବେରୁହାଁ ପଞ୍ଚାୟତ ଅଫିସ ଜାଗାର ପଟ୍ଟା ପ୍ରଦାନ, ବନ୍ଧକଟାରେ ଜବରଦଖଲ ଉଚ୍ଛେଦ, ପୋତାରୀ କେତୁକାଚାନ୍ଦ ସ୍କୁଲ ପୋଖରୀ ପୋତିବା, କୁଆଁରପାଳ ଗୋଚର ଜମିରେ ପ୍ରକଳ୍ପ ନିର୍ମାଣକୁ ବିରୋଧ, ମାର୍ଶାଘାଇ ୧୮ ବି ଶାଖା କେନାଲକୁ ପରିଷ୍କାର କରିବା ପାଇଁ ଜଳସମ୍ପଦ ବିଭାଗ ପଦକ୍ଷେପ ନେବା ଆଦି ସାମୂହିକ ସମସ୍ୟା ଅଭିଯୋଗ ହୋଇଛି। ଆବାସ ଯୋଜନା, ଜମିଜମା ସମସ୍ୟା ଆଦି ବ୍ୟକ୍ତିଗତ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ହୋଇଥିଲା।

ସକାଳ THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୪.୯୨ ● ପାଉଣ୍ଡ ୧୨୯.୧୯
- ୟୁରୋ ୧୧୦.୮୭ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୩୮,୩୫୦ (ଭୁବନେଶ୍ୱର)
- ରୁପା : ୨,୭୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୬,୯୧୩.୦୦
- ନିଫ୍ଟି ୨୩,୯୯୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଖୁବ୍‌ଶୀଘ୍ର ବଢ଼ିବ ତେଲ ଓ ଗ୍ୟାସ୍ ଦର

**ଏଲ୍‌ପିଜି ସିଲିଣ୍ଡରରେ ୫୦ ଟଙ୍କା ବୃଦ୍ଧି ସମ୍ଭାବନା**

**୪ ଟଙ୍କା ମହଙ୍ଗା ହୋଇପାରେ ପେଟ୍ରୋଲ, ଡିଜେଲ**



**ନୂଆଦିଲ୍ଲୀ,୪।୫(ଏଜେନ୍ସି):** ଦେଶରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଖୁବ୍ ଶୀଘ୍ର ବୃଦ୍ଧି ପାଇପାରେ। କାରଣ ରାଷ୍ଟ୍ରାୟତ୍ତ ତୈଳ ବିପଣନକାରୀ କମ୍ପାନୀଗୁଡ଼ିକ ଏ ନେଇ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ପଶ୍ଚିମ ଏସିଆରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଛି। ଏଭଳି ସ୍ଥିତି ତେଲ କମ୍ପାନୀଙ୍କ ରାଜସ୍ୱ ଆୟକୁ ପ୍ରଭାବିତ କରୁଛି। ତେଣୁ କମ୍ପାନୀଗୁଡ଼ିକ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ବିକ୍ରିରେ କ୍ଷତି ବଢ଼ିବାରେ ଲାଗିଛି। ତେଲ କମ୍ପାନୀଗୁଡ଼ିକ ଦର ବୃଦ୍ଧି କରିବାକୁ ପେଟ୍ରୋଲିୟମ ଏବଂ ଅର୍ଥ ମନ୍ତ୍ରଣାଳୟ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି। ଯାହା ଆଶଙ୍କା କରାଯାଉଛି, ଖୁବ୍ ଶୀଘ୍ର ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ହେବ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଲିଟର ପିଛା ୪ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହୋଇପାରେ। ଏହାଛଡା ରନ୍ଧନ ଗ୍ୟାସ୍ ବା ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୫୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ସମ୍ଭାବନା ରହିଛି।

ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଆଗାମୀ ଦିନରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି କରିପାରନ୍ତି। ଆଗକୁ ରନ୍ଧନ ଗ୍ୟାସ୍ ମୂଲ୍ୟରେ ସିଲିଣ୍ଡର ପିଛା ୪୦-୫୦ ଟଙ୍କା ବୃଦ୍ଧିକୁ ଏଡାଇ ଦିଆଯାଇ ନ ପାରେ ବୋଲି ତୈଳ କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ୫ ରାଜ୍ୟର ବିଧାନସଭା ନିର୍ବାଚନ ଶେଷ ହେଉ ହେଉ ତୈଳ ମାର୍କେଟିଂ କମ୍ପାନୀଗୁଡିକ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ପିଛା ପାଖାପାଖି ୧୦୦୦ ଟଙ୍କା ବୃଦ୍ଧି କରିଥଲେ। ନିର୍ଦ୍ଧାରିତ ମୂଲ୍ୟଠାରୁ କମ୍ ବିକ୍ରୟ କରିବାରୁ ହେଉଥିବା କ୍ଷତିକୁ କ୍ଷତିପୂରଣ ଦେବା ଲକ୍ଷ୍ୟ ରଖାଯାଇଛି, ସରକାରୀ ଅଧିକାରୀମାନେ ଘୋଷଣା କରିଛନ୍ତି। ଏହା ସଙ୍କେତ ଦିଏ ଯେ ଦୀର୍ଘ ଦିନ ଧରି ରହିଥିବା ମୂଲ୍ୟ ସ୍ଥିରତା ଶେଷ ହେବାକୁ ଯାଉଛି। ସମ୍ପ୍ରତି ପଶ୍ଚିମ ଏସିଆରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଥିଲେ ମଧ୍ୟ କ୍ଷତି ଗଣନା କରିବାର ପଦ୍ଧତି ସହିତ ସରକାର ଏକମତ ନୁହଁନ୍ତି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଆଗାମୀ ଦିନରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି କରିପାରନ୍ତି। ମୂଲ୍ୟଠାରୁ ଦରରେ ବିକ୍ରି କରିବାରୁ ହେଉଥିବା କ୍ଷତିକୁ ଭରଣା କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଖାଯାଇଛି, ସରକାରୀ ଅଧିକାରୀମାନେ ଘୋଷଣା କରିଛନ୍ତି। ଏହା ସଙ୍କେତ ଦିଏ ଯେ ଦୀର୍ଘ ଦିନ ଧରି ରହିଥିବା ମୂଲ୍ୟ ସ୍ଥିରତା ଶେଷ ହେବାକୁ ଯାଉଛି। ଏହି ସମ୍ଭାବ୍ୟ ମୂଲ୍ୟ ବୃଦ୍ଧି ଏପରି ସମୟରେ ହୋଇପାରେ ଯେତେବେଳେ ବିଶ୍ୱବ୍ୟାପୀ ଅଶୋଧିତ ତେଲ ମୂଲ୍ୟ ଉଚ୍ଚ ରହିଛି।

**ତାମିଲନାଡୁରେ ବିଜୟଙ୍କ ବିପୁଳ ବିଜୟ**

## ଦିନକରେ ସନ୍ ଟିଭି ସେୟାରରେ ୨୩୦୦ କୋଟି ହ୍ରାସ



**ନୂଆଦିଲ୍ଲୀ,୪।୫(ଏଜେନ୍ସି):** ତାମିଲନାଡୁରେ ଥାଲାପତି ବିଜୟଙ୍କ ଟିଭିକେ ଦଳର ବିପୁଳ ବିଜୟ ସନ୍ ଟିଭିର ସ୍ଥିତିକୁ ଦୋହଲାଇ ଦେଇଛି। ଆଜି ନିର୍ବାଚନ ଫଳାଫଳ ଆସିବା ପରେ ଗୋଟିଏ ଝଟ୍‌କାରେ ସନ୍ ଟିଭି ସେୟାର ମୂଲ୍ୟରେ ୨,୩୦୦ କୋଟି ଟଙ୍କା ବୁଡ଼ିଯାଇଛି। ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ କମ୍ପାନୀର ସେୟାର ମୂଲ୍ୟରେ ପ୍ରାୟ ୧୦ ପ୍ରତିଶତ ହ୍ରାସ ପାଇଥିଲା, ଯାହା ୫୪୭.୫୫ ଟଙ୍କାର ଇଣ୍ଟ୍ରା ଡେ ନିମ୍ନ ସ୍ତରକୁ ଖସିଆସିଥିଲା। ସନ୍ ଟିଭି ସନ୍ ଗ୍ରୁପର ଏକ ଅଂଶ ଯାହା ମିଡିଆ ବାଦ୍‌ଶାହା କଳାନିଧି ମାରାନଙ୍କ ଦ୍ୱାରା ନିୟନ୍ତ୍ରିତ। ଶ୍ରୀ ମାରାନ ହେଉଛନ୍ତି ପୂର୍ବତନ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧିଙ୍କ ନାତି ଏବଂ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କ ଭଣଜା। ଷ୍ଟାଲିନ ମଧ୍ୟ ଡିଏମକେର ବର୍ତ୍ତମାନର ମୁଖ୍ୟ। ଅନ୍ୟପକ୍ଷରେ, କମ୍ପାନୀର ବଜାର ମୂଲ୍ୟ କଥା ଆସିଲେ ସନ୍ ଟିଭିର ମୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷତି ହୋଇଛି। ଗତ ସପ୍ତାହର ଶେଷ ବାଣିଜ୍ୟ ଦିବସରେ କମ୍ପାନୀର ମୂବଜାର ମୂଲ୍ୟ ୨୩,୮୨୫.୨୧ କୋଟି ଟଙ୍କା ରହିଥିଲା।

## ମେ' ୮ ରୁ ଆମାଜନ ଇଣ୍ଡିଆର ଗ୍ରେଟ୍ ସମ୍ମର ସେଲ୍ ୨୦୨୬

**ମୁମ୍ବଇ,୪।୫:** ଆମାଜନ ଇଣ୍ଡିଆର ବହୁପ୍ରତିକ୍ଷୀତ ଗ୍ରେଟ୍ ସମର ସେଲ ୨୦୨୬ ଆସନ୍ତା ମେ' ୮ ଦିନ ୧୨ଟାରୁ ଆରମ୍ଭ ହେବ। ଏହି ସେଲ୍ ସମୟରେ ଗ୍ରାହକମାନେ ସ୍ମାର୍ଟଫୋନ, ଫ୍ୟାଶନ,ବିୟୁଟି, ଘର, ରୋଷେଇ ଘର, ବଡ ଆପ୍ଲାଏନ୍ସ, କିରାନା, ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ ଓ ଅନ୍ୟାନ୍ୟ ବର୍ଗରେ ସ୍ୱତନ୍ତ୍ର ଏଆଇ ଉତ୍ପାଦଗୁଡିକର ଏକ ବିସ୍ତୃତ ରେଞ୍ଜ ଉପଲବ୍ଧ ହେବ। ଗ୍ରାହକମାନେ ସାମ୍ସଙ୍ଗ, ଆପଲ, ୱାନପ୍ଲସ, ଡେଲ୍, ହାୟର, ନାଇକି, ମୋକୋବାରା, ଟୋକିଓ ଟକିଜ, କସ୍ରକ୍ସ, ଲିଗୋ, ସ୍ଲିପୱେଲ ଓ ପାମ୍ପର୍ସ ଭଳି ଲୋକପ୍ରିୟ ବ୍ରାଣ୍ଡର ନୂତନ ଉତ୍ପାଦଗୁଡିକ ସହ ଆକର୍ଷଣୀୟ ଡିଲ୍ ପାଇପାରିବେ। ଏଥିସହିତ ପ୍ରାଇମ ଅଫର୍ରେ ୨୫୦୦ ଟଙ୍କା ବ୍ୟୟ ଉପରେ ୨୫୦ ଟଙ୍କାର କ୍ୟାଶବ୍ୟାକ ଓ ୨ ଲକ୍ଷରୁ ଅଧିକ ଜିନିଷ ଉପରେ ଅତିରିକ୍ତ ୩% ରିଆତି ପାଇପାରିବେ। ବିଭିନ୍ନ ବର୍ଗରେ ଆକର୍ଷଣୀୟ ଡିଲ ବ୍ୟତୀତ ଗ୍ରାହକମାନେ ଗ୍ରେଟ ସମର ସେଲ ୨୦୨୬ ସମୟରେ ବିଭିନ୍ନ ସୁଲଭତା ବିକଳ୍ପ ପାଇପାରିବେ ଯେଉଁଥିରେ ନିର୍ଦ୍ଦିଷ୍ଟ କ୍ରେଡିଟ ଓ ଡେବିଟ୍ କାର୍ଡରେ ନୋ-କଷ୍ଟ ଇଏମଆଇ, ତତ୍କାଳ ବ୍ୟାଙ୍କ ରିହାତି, ଏକ୍ସଚେଞ୍ଜ ଅଫର ଓ ଆମାଜନ ପେ ସୁବିଧା ସାମିଲ ରହିଛି।

## ସାବିତ୍ରୀ ଉପଲକ୍ଷେ ଚାନ୍ଦି ଭଣ୍ଡାରରର 'ସଙ୍ଗମ୍' କଲେକ୍ସନ

**ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦% ରିଆତି**



**ଭୁବନେଶ୍ୱର, ୪।୫(ସମିସ):** ପ୍ରେମ, ଭକ୍ତ ଏବଂ ବୈବାହିକ ସମ୍ପର୍କ ସହ ଗଭୀର ଭାବେ ଜଡ଼ିତ ପର୍ବ ହେଉଛି 'ସାବିତ୍ରୀ। ସାବିତ୍ରୀର ଗଭୀର ସଂସ୍କୃତିକ ମହତ୍ୱକୁ ହୃଦୟଙ୍ଗମ କରି ରୁପା ଗହଣାର ଏକ୍ସକ୍ଲୁସିଭ ସୋ'ରୁମ୍ ଚାନ୍ଦି ଭଣ୍ଡାର ଆଣିଛି 'ସଙ୍ଗମ' କଲେକ୍ସନ। ହଲମାର୍କ ଷ୍ଟର୍ଲିଂ ସିଲଭରରେ ଅତି ଯତ୍ନର ସହ ପ୍ରସ୍ତୁତ ପ୍ରତ୍ୟକ ମଙ୍ଗଳସୂତ୍ର ପ୍ରେମ,ପ୍ରତିଶ୍ରୁତି ଏବଂ ଆତ୍ମୀୟତାର ଏକ କଳଜୟୀ ଭାବକୁ ପରିପ୍ରକାଶ କରେ। ଏହାସହିତ ଏ ସମ୍ଭାର ଚମତ୍କାର ଜିରକିନ୍ ପଥର, ସୂକ୍ଷ୍ମ ମୁକ୍ତା ଏବଂ ଜଟିଳ ଅକ୍ସିଡାଇଜ୍ଡ ଡିଟେଲିଂରେ ସୁସଜ୍ଜିତ ବ୍ୟାପକ ରେଞ୍ଜ ପ୍ରଦାନ କରୁଛି। ଜୀବନକାଳ ପାଇଁ ରହିଥିବା ସମ୍ପର୍କକୁ ଏହି ସମ୍ଭାର ପାଳନ କରୁଥିବା ଷ୍ଟୋର ପକ୍ଷରୁ ପ୍ରକାଶ। ବ୍ୟକ୍ତିଗତତା ଏବଂ ନାରୀତ୍ୱର ସୁନ୍ଦରତାକୁ ପାଳନ କରୁଛି ଏହି ସମ୍ଭାର। ମହିଳାମାନଙ୍କ ପାଇଁ ଜିର୍କନ୍ ଖଚିତ ନେକ୍ଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍ଲେଟ୍ ଏବଂ ପାଉଁଜିର ଭଳିକି ଭଳି ସମ୍ଭାର ଏଠାରେ ରହିଛି, ଯାହାକି ଫେଷ୍ଟିଭ୍ ସେଲିବ୍ରେଶନ୍ ଏବଂ ଜିତିଦିନିଆ ବ୍ୟବହାର ପାଇଁ ସର୍ବୋତ୍କୃଷ୍ଟ। ପୁରୁଷଙ୍କ ରୁପା ଗହଣା ଚାହିଦାକୁ ଦୃଷ୍ଟିରେ ରଖି ଆମୋଘ କଲେକ୍ସନ ଷ୍ଟୋରରେ ଉପଲବ୍ଧ, ଯେଉଁଥିରେ ବ୍ରେସ୍ଲେଟ୍, ମୁଦି, କଫ୍ଲିଙ୍କ୍ ଏବଂ ଚେନ୍ ଆଦି ରହିଛି। ପିଲାମାନଙ୍କ ପାଇଁ କୌତୁକିଆ ଏବଂ ପ୍ରିମିୟମ କିଡ୍ସ କଲେକ୍ସନ ଉପଲବ୍ଧ। ଏହି ଅବସରରେ ଚାନ୍ଦି ଭଣ୍ଡାର ଏକ ସ୍ୱତନ୍ତ୍ର ଅଫର ଆଣିଛି। ଏହା ଅନ୍ତର୍ଗତ ଗ୍ରାହକ ମେ' ପହିଲାରୁ ମେ' ୧୬ ଯାଏ ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦% ରିଆତି ପାଇବେ। ଏହି ସୀମିତ ସମୟ ଅଫର ସାବିତ୍ରୀର ଯୋଶକୁ ପାଳନ କରୁଛି। ଏ ଅବସରରେ ଚାହିଁ ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କୁହନ୍ତି, ଚାନ୍ଦି ଭଣ୍ଡାରରେ ମହିଳାଙ୍କ ସୌନ୍ଦର୍ଯ୍ୟ, ସ୍ଥିରତା ଏବଂ ସ୍ୱତନ୍ତ୍ର ପରିଚୟକୁ ପାଳନ କରିବା ପାଇଁ ପ୍ରତ୍ୟେକ ଡିଜାଇନ୍‌କୁ ପ୍ରସ୍ତୁତ କରାଯାଇଥାଏ।

**ଇଣ୍ଡିଗୋରେ ଇସ୍ତଫା ପର୍ବ ଜାରି**

## ଚାକିରି ଛାଡିଲେ ଗ୍ଲୋବାଲ ସେଲ୍ସ ହେଡ୍ ବିନୟ ମାଲହୋତ୍ରା



**ମୁମ୍ବଇ,୪।୫(ଏଜେନ୍ସି) :** ଘରୋଇ ବିମାନ ସେବା କମ୍ପାନୀ ଇଣ୍ଡିଗୋର ଗ୍ଲୋବାଲ ସେଲସ୍ ହେଡ୍ ବିନୟ ମଲହୋତ୍ରା ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଏ ନେଇ ଏୟାରଲାଇନ୍ସ ସୋମବାର ସେୟାର ବଜାର ଫାଇଲିଂରେ ଜଣାଇଛି। ଏଥିରେ ମାଲହୋତ୍ରା ୩ ଜୁଲାଇ ଅପରାହ୍ନରେ ତାଙ୍କ ଦାୟିତ୍ୱରୁ ମୁକ୍ତ ହୋଇଯିବେ ବୋଲି କୁହାଯାଇଛି। କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ରାହୁଲ ଭାଟିଆଙ୍କୁ ଲେଖିଥିବା ଇସ୍ତଫା ପତ୍ରରେ ମାଲହୋତ୍ରା ଏଭିଏସନ ଇଣ୍ଡଷ୍ଟ୍ରି ବାହାରେ ପରାମର୍ଶଦାତା ଭୂମିକାର ସନ୍ଧାନରେ ଥିବା ଉଲ୍ଲେଖ କରିଛନ୍ତି। ଗତବର୍ଷ ଡିସେମ୍ବର ପ୍ରଥମ ସପ୍ତାହରେ ଇଣ୍ଡିଗୋ ପରିଚାଳନାରେ ବଡ଼ଧରଣର ବ୍ୟବଧାନ ପରେ କମ୍ପାନୀର ଶୀର୍ଷ ପରିଚାଳନାରେ ଏହା ଦ୍ୱିତୀୟ ବଡ଼ ଇସ୍ତଫା। ଏହା ପୂର୍ବରୁ ଇଣ୍ଡିଗୋର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ (ସିଇଓ) ପିଟର ଏଲବର୍ସ ଗତ ମାର୍ଚ୍ଚ ମାସରେ ବ୍ୟକ୍ତିଗତ କାରଣରୁ ତାଙ୍କ ପଦବୀରୁ ତତ୍କାଳ ପ୍ରଭାବ ଇସ୍ତଫା ଦେଇଥିଲେ। ଏଲବର୍ସ ସେପ୍ଟେମ୍ବର ୨୦୨୨ରୁ କମ୍ପାନୀରେ ସିଇଓ ଥିଲେ। ୨୦୨୫ ଡିସେମ୍ବର ପ୍ରଥମ ସପ୍ତାହରେ ହଜାର ହଜାର ସଂଖ୍ୟାରେ କମ୍ପାନୀର ଉଡାଣ ରଦ୍ଦ ହୋଇଥିଲା। ଏଣୁ ସାରା ଦେଶରେ ଲକ୍ଷଲକ୍ଷ ଯାତ୍ରୀ ପ୍ରଭାବିତ ହୋଇଥିଲେ। ଦେଶର ବିଭିନ୍ନ ବିମାନ ବନ୍ଦରରେ ହଜାର ହଜାର ଯାତ୍ରୀ ଚେକ୍-ଇନ କରିବା ପରେ ଯାତ୍ରା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିଲେ। ଘରୋଇ ଯାତ୍ରୀ ସଂଖ୍ୟା ଦୃଷ୍ଟିରୁ ଇଣ୍ଡିଗୋର ବଜାର ଅଂଶିଦାରୀ ୬୦%ରୁ ଅଧିକ ଓ ବର୍ତ୍ତମାନ ସମୟରେ ଦେଶର ସର୍ବ ବୃହତ୍ତ ବିମାନ ସେବା କମ୍ପାନୀରେ ପରିଣତ ହୋଇଛି।

**ଦେଶ-ବିଦେଶ**

## 'ଲୁଟେରୀ ଦୁଲ୍‌ହନ' ଗ୍ୟାଙ୍ଗର ପର୍ଦ୍ଦାଫାସ: ୪ ମହିଳା ଗିରଫ



**ଉତ୍ତର ପ୍ରଦେଶ,,୪।୫(ଏଜେନ୍ସି):** ଉତ୍ତର ପ୍ରଦେଶର ମହାରାଜଗଞ୍ଜ ଜିଲ୍ଲା ପୋଲିସ ଏକ ବଡ଼ ଧରଣର ବିବାହ ଠକେଇ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ଏହି 'ଲୁଟେରୀ ଦୁଲହନ' ଗ୍ୟାଙ୍ଗର ଚାରିଜଣ ମହିଳାଙ୍କୁ ପୋଲିସ ଗିରଫ କରିଥିବା ବେଳେ ଜଣେ ପୁରୁଷ ଅଭିଯୁକ୍ତ ଏବେ ମଧ୍ୟ ଫେରାର ଅଛି। ଗିରଫ ମହିଳାମାନଙ୍କ ନିକଟରୁ ୩୯,୫୦୦ ଟଙ୍କା ନଗଦ, ରୁପା ମଲ୍ଲ ଏବଂ ଏକ ମଙ୍ଗଳସୂତ୍ର ଜବତ କରାଯାଇଛି। ଏଟା ଅଞ୍ଚଳର ବାସିନ୍ଦା ରଞ୍ଜିତ ଚୌହାନଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗ ଅନୁସାରେ, ଜିତେନ୍ଦ୍ର ନାମକ ଜଣେ ବ୍ୟକ୍ତି ଏବଂ ଚାରିଜଣ ମହିଳା ମିଶି ଅଞ୍ଜଳିକା ନାମକ ଜଣେ ମହିଳାଙ୍କ ସହ ରଞ୍ଜିତଙ୍କ ବିବାହ କରାଇଥିଲେ। ଅଭିଯୁକ୍ତମାନେ ଦାବି କରିଥିଲେ ଯେ କନ୍ୟା ଅବିବାହିତ, କିନ୍ତୁ ପ୍ରକୃତରେ ସେ ପୂର୍ବରୁ ବିବାହିତ ଥିଲେ ଏବଂ ତାଙ୍କର ଏକ ସନ୍ତାନ ମଧ୍ୟ ଥିଲା। ସିନ୍ଧୁରିଆ ଅଞ୍ଚଳର ଏକ ସ୍ଥାନୀୟ ମନ୍ଦିରରେ ବିବାହ ରୀତିନୀତି ସମ୍ପନ୍ନ ହେଉଥିବା ବେଳେ ଅଭିଯୁକ୍ତମାନେ ବିବାହ ଖର୍ଚ୍ଚ ନାଁରେ ପ୍ରାୟ ୧ ଲକ୍ଷ ଟଙ୍କା ଏବଂ ଗହଣା ହଡ଼ପ କରିଥିଲେ। ବିବାହ ମଝିରେ ସେମାନେ ହଠାତ୍ ଆକ୍ରମଣାତ୍ମକ ହୋଇ ପୀଡ଼ିତଙ୍କୁ ମାଡ଼ ମାରିଥିଲେ ଏବଂ ଲୁଟ୍ କରି ସେଠାରୁ ଫେରାର ହୋଇଯାଇଥିଲେ। ମହାରାଜଗଞ୍ଜ ପୋଲିସ ଅଧୀକ୍ଷକ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି ଯେ, ଏହି ଗ୍ୟାଙ୍ଗ ଅତ୍ୟନ୍ତ ଯୋଜନାବଦ୍ଧ ଭାବେ ନିରୀହ ଲୋକଙ୍କୁ ଟାର୍ଗେଟ୍ କରୁଥିଲା। ଗିରଫ ହୋଇଥିବା ଚାରି ମହିଳା ହେଲେ ସୁମିତ୍ରା, ଲାଲ୍‌ତି, କାଜଲ ଏବଂ ଅଞ୍ଜଳିକା। ଏମାନଙ୍କ ମଧ୍ୟରୁ ଲାଲ୍‌ତି ଏହି ଗ୍ୟାଙ୍ଗର ମୁଖ୍ୟ ବୋଲି ଜଣାପଡ଼ିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗ୍ୟାଙ୍ଗର ସୁମିତ୍ରା ନାମକ ମହିଳା କନ୍ୟାର ମାଆ ସାଜି ନିଜକୁ ମୂକ ଏବଂ ବଧିର ଭାବେ ଉପସ୍ଥାପନ କରୁଥିଲେ। ଯାହା ଫଳରେ କାହାରି ସନ୍ଦେହ ହେଉନଥିଲା। ବର୍ତ୍ତମାନ ପୋଲିସ ସମସ୍ତ ଚାରି ଅଭିଯୁକ୍ତଙ୍କୁ ଜେଲ୍ ପଠାଇଥିବା ବେଳେ ଫେରାର ଥିବା ଜିତେନ୍ଦ୍ରଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଛି।

## ଖଲିସ୍ତାନୀଙ୍କୁ ସୁରକ୍ଷା ପାଇଁ ବିପଦ ଘୋଷଣା କଲା କାନାଡା

**ଓଟାୱା,୪।୫(ଏଜେନ୍ସି):** କାନାଡାର ଗୁପ୍ତଚର ସଂସ୍ଥା କାନାଡିୟାନ ସିକ୍ୟୁରିଟି ଇଣ୍ଟେଲିଜେନ୍ସ ସର୍ଭିସ ପକ୍ଷରୁ ଖଲିସ୍ତାନୀ ଚରମପନ୍ଥୀମାନଙ୍କୁ ଦେଶ ପାଇଁ ଏକ ଜାତୀୟ ସୁରକ୍ଷା ବିପଦ ଭାବେ ଘୋଷଣା କରାଯାଇଛି। ସଂସ୍ଥାର ୨୦୨୫ ବାର୍ଷିକ ରିପୋର୍ଟ ଅନୁଯାୟୀ, କାନାଡାରେ ସକ୍ରିୟ ଥିବା ଏହି ଚରମପନ୍ଥୀ ଗୋଷ୍ଠୀଗୁଡ଼ିକ କାନାଡାର ସ୍ୱାର୍ଥ ଏବଂ ସୁରକ୍ଷା ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରୁଛନ୍ତି। ରିପୋର୍ଟରେ ଦର୍ଶାଯାଇଛି ଯେ, କାନାଡାରେ ଅବସ୍ଥିତ କିଛି ଖଲିସ୍ତାନୀ ଚରମପନ୍ଥୀମାନେ ପାଣ୍ଠି ସଂଗ୍ରହ କରି ତାହାକୁ ହିଂସାତ୍ମକ କାର୍ଯ୍ୟରେ ବିନିଯୋଗ କରୁଛନ୍ତି। ଭାରତ ସରକାର ପୂର୍ବରୁ ଏହି ଗୋଷ୍ଠୀଗୁଡ଼ିକୁ ସେମାନଙ୍କର ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ ପାଇଁ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଛନ୍ତି। ରିପୋର୍ଟରେ ଏହା ମଧ୍ୟ ସ୍ପଷ୍ଟ କରାହୋଇଛି ଯେ, କେବଳ ହିଂସା, ପାଣ୍ଠି ସଂଗ୍ରହ କିମ୍ବା ଷଡ଼ଯନ୍ତ୍ରରେ ଜଡ଼ିତ ବ୍ୟକ୍ତିମାନଙ୍କୁ ହିଁ ଚରମପନ୍ଥୀ ଭାବେ ବିବେଚନା କରାଯାଉଛି। ଶାନ୍ତିପୂର୍ଣ୍ଣ ଭାବେ ଖଲିସ୍ତାନ ଗଠନ ପାଇଁ ପ୍ରଚାର ବା ସମର୍ଥନ କରୁଥିବା କାନାଡିୟମାନଙ୍କୁ ଏହି ଶ୍ରେଣୀଭୁକ୍ତ କରାଯାଇ ନାହିଁ।

**ଲିପୁଲେଖ୍‌କୁ ନେଇ ଭାରତ ଓ ନେପାଳ ମଧ୍ୟରେ ବିବାଦ**

## କୈଳାସ ମାନସରୋବର ଯାତ୍ରା ଉପରେ ଆପତ୍ତି

**ନୂଆଦିଲ୍ଲୀ,୪।୫(ଏଜେନ୍ସି):** ଲିପୁଲେଖ୍ ପାସ୍ ଦେଇ କୈଳାସ ମାନସରୋବର ଯାତ୍ରା ପରିଚାଳନା କରିବା ପାଇଁ ଭାରତ ଓ ଚୀନ୍‌ର ଯୋଜନାକୁ ନେପାଳ ପୁଣି ଥରେ ବିରୋଧ କରିଛି। ନେପାଳ ଏହି ଅଞ୍ଚଳକୁ ନିଜର ବୋଲି ଦାବି କରିଥିବା ବେଳେ ଭାରତ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି। ନେପାଳ ବୈଦେଶିକ ମନ୍ତ୍ରାଳୟ ଅନୁଯାୟୀ, ୧୮୧୬ର 'ସୁଗୌଲି ଚୁକ୍ତି' ଆଧାରରେ ଲିମ୍ପିୟାଧୁରା, ଲିପୁଲେଖ୍ ଏବଂ କାଲାପାନି ସେମାନଙ୍କର ଅବିଚ୍ଛେଦ୍ୟ ଅଙ୍ଗ। ଯାତ୍ରା ପୂର୍ବରୁ ସେମାନଙ୍କ ସହ ଆଲୋଚନା କରାଯାଇ ନଥିବାରୁ ସେମାନେ ଆପତ୍ତି ଜଣାଇଛନ୍ତି।ଭାରତୀୟ ବୈଦେଶିକ ମନ୍ତ୍ରାଳୟ କହିଛି ଯେ ୧୯୫୪ ମସିହାରୁ ଲିପୁଲେଖ୍ ପାସ୍ ଦେଇ ଯାତ୍ରା ଚାଲିଆସୁଛି, ଏହା କୌଣସି ନୂଆ ଘଟଣା ନୁହେଁ। ନେପାଳର ଏହି ଦାବି ଐତିହାସିକ ତଥ୍ୟ ଉପରେ ଆଧାରିତ ନୁହେଁ। ଭାରତ ନେପାଳର ଏହି ଦାବିକୁ 'ଅଯୌକ୍ତିକ' ଏବଂ 'କୃତ୍ରିମ' ବୋଲି ଦର୍ଶାଇ କହିଛି ଯେ ଏଭଳି ଦାବି ଗ୍ରହଣଯୋଗ୍ୟ ନୁହେଁ। ୨୦୨୬ ଜୁନ୍‌ରୁ ଅଗଷ୍ଟ ମଧ୍ୟରେ କୈଳାସ ମାନସରୋବର ଯାତ୍ରା ଅନୁଷ୍ଠିତ ହେବ। ଚୀନ୍ ସହ ସୀମା ବିବାଦ ସୁଧୁରିବା ପରେ ଗତବର୍ଷଠାରୁ ଏହି ଯାତ୍ରା ପୁଣି ଆରମ୍ଭ ହୋଇଛି। ବିବାଦ ସତ୍ତ୍ୱେ ଭାରତ କହିଛି ଯେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରକ୍ଷା କରିବା ପାଇଁ କୂଟନୈତିକ ସ୍ତରରେ ଆଲୋଚନା କରିବାକୁ ଭାରତ ପ୍ରସ୍ତୁତ ଅଛି। ସୀମା ବିବାଦ କାରଣରୁ ଭାରତ ଓ ନେପାଳ ମଧ୍ୟରେ ତିକ୍ତତା ଦେଖାଦେଇଥିଲେ ମଧ୍ୟ ଭାରତ ନିଜର ସ୍ଥିତି ସ୍ପଷ୍ଟ କରିଛି।

**ଆମ୍ବେଦକର ନଗରରେ ଭୟଙ୍କର ସଡ଼କ ଦୁର୍ଘଟଣା**

## କାର୍ ମାଡ଼ିଯିବାରୁ ୮ ମୃତ

**ଲକ୍ଷ୍ନୌ,୪।୫(ଏଜେନ୍ସି):** ଉତ୍ତର ପ୍ରଦେଶର ଆମ୍ବେଦକର ନଗର ଜିଲ୍ଲାରେ ରବିବାର ଅଧରାତିରେ ଏକ ହୃଦୟବିଦାରକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ କାର୍ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଲୋକଙ୍କ ଉପରକୁ ମାଡ଼ିଯିବାରୁ ୮ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଦୁଇ ଭାଇ ମଧ୍ୟ ସାମିଲ ଅଛନ୍ତି। ପ୍ରଥମେ ଦୁଇଟି ମୋଟରସାଇକେଲ ମଧ୍ୟରେ ଧକ୍କା ହୋଇଥିଲା। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସ୍ଥାନୀୟ ଲୋକେ ସେଠାରେ ରୁଣ୍ଡ ହୋଇଥିଲେ। ସେହି ସମୟରେ ଏକ ନିୟନ୍ତ୍ରଣ ହରାଇଥିବା 'ସୁଇଫ୍ଟ ଡିଜାୟର' କାର୍ ଆସି ଉପସ୍ଥିତ ଲୋକଙ୍କୁ ଚାପି ଦେଇଥିଲା। ଜିଲ୍ଲା ମୁଖ୍ୟାଳୟଠାରୁ ୩୦ କିଲୋମିଟର ଦୂର ଜଲାଲପୁର ଅଞ୍ଚଳରେ ଏହି ଦୁଃଖଦ ଘଟଣା ଘଟିଛି। କସ୍ଥାନୀୟ ଡାକ୍ତରଖାନାରେ ୬ ଜଣଙ୍କୁ ମୃତ ଘୋଷଣା କରାଯାଇଥିବା ବେଳେ ପରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ କୈଫି, ଉତ୍ତମ କୁମାର, ଆଦିତ୍ୟ କୁମାର, ଲାଲଚାନ୍ଦ, ରାଜୁ ଗୁପ୍ତା ଏବଂ ଛୋଟୁ। ଅନ୍ୟ ଦୁଇଜଣଙ୍କ ପରିଚୟ ଏବେ ସୁଦ୍ଧା ମିଳିପାରିନାହିଁ।

## ମସ୍କୋର ବିଳାସପୂର୍ଣ୍ଣ ଆଟ୍ଟାଳିକାରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣ

**କ୍ରେମଲିନ୍‌ଠାରୁ ମାତ୍ର ୭ କିମି ଦୂରରେ ବିସ୍ଫୋରଣ**



**ମସ୍କୋ,୪।୫(ଏଜେନ୍ସି):** ରୁଷିଆର ରାଜଧାନୀ ମସ୍କୋର ମଧ୍ୟଭାଗରେ ଥିବା ଏକ ଅତି ବିଳାସପୂର୍ଣ୍ଣ ଆଟାଳିକା 'ମୋସଫିଲ୍ମ ଟାୱାର' ଉପରେ ୟୁକ୍ରେନ୍ ପକ୍ଷରୁ ଡ୍ରୋନ୍ ଆକ୍ରମଣ କରାଯାଇଛି। ଆସନ୍ତା ମେ ୯ ତାରିଖରେ ରୁଷିଆ ନିଜର ବିଜୟ ଦିବସ ପାଳନ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ, ଏହି ଆକ୍ରମଣ ରୁଷିଆର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଆକ୍ରମଣ ରୁଷିଆର ଶକ୍ତି କେନ୍ଦ୍ର କ୍ରେମଲିନ୍ ଠାରୁ ମାତ୍ର ୭ କିଲୋମିଟର ଏବଂ ରୁଷିଆ ପ୍ରତିରକ୍ଷା ମନ୍ତ୍ରାଳୟଠାରୁ ମାତ୍ର ୩ କିଲୋମିଟର ଦୂରରେ ଘଟିଛି। ରାତି ଅଧରେ ହୋଇଥିବା ଏହି ଡ୍ରୋନ୍ ମାଡ଼ରେ ବହୁତଳ ପ୍ରାସାଦର ଅନେକ ମହଲା କ୍ଷତିଗ୍ରସ୍ତ ହୋଇଛି। ରାସ୍ତା ଉପରେ ଡ୍ରୋନ୍‌ର ଭଗ୍ନାଂଶ ପଡ଼ିଥିବାର ଦେଖାଯାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷର ସ୍ମୃତିରେ ଆୟୋଜିତ ହେବାକୁ ଥିବା ସାମରିକ ପ୍ୟାରେଡ୍‌ର ମାତ୍ର କିଛି ଦିନ ପୂର୍ବରୁ ଏହି ଆକ୍ରମଣ ହୋଇଛି। ଏହି ଘଟଣା ସମୟରେ ବ୍ରିଟେନ ପ୍ରଧାନମନ୍ତ୍ରୀ ସାର୍ କେଇର ଷ୍ଟାରମର୍ ଏବଂ ୟୁରୋପୀୟ ନେତାମାନେ ଆର୍ମେନିଆରେ ଏକ ଶିଖର ସମ୍ମିଳନୀରେ ଯୋଗ ଦେଇଛନ୍ତି। ବ୍ରିଟେନ ପକ୍ଷରୁ ୟୁକ୍ରେନକୁ ବଡ଼ ଧରଣର ଆର୍ଥିକ ସହାୟତା ଏବଂ ରୁଷିଆର କମ୍ପାନୀଗୁଡ଼ିକ ଉପରେ ନୂତନ କଠୋର କଟକଣା ଲଗାଇବାକୁ ପ୍ରସ୍ତୁତି ଚାଲିଛି। ସାଧାରଣତଃ ମସ୍କୋର ସୁରକ୍ଷା ବ୍ୟବସ୍ଥା ଅତି କଡ଼ାକଡ଼ି ଥାଏ, କିନ୍ତୁ ୟକ୍ରେନର ଏହି ଡ୍ରୋନ୍ ଆକ୍ରମଣ ପ୍ରମାଣ କରିଛି ଯେ ଯୁଦ୍ଧ ଏବେ ରୁଷିଆର ହୃଦୟ ପର୍ଯ୍ୟନ୍ତ ପହଞ୍ଚିଗଲାଣି। ଉଦ୍ଧାରକାରୀ ଦଳ ବର୍ତ୍ତମାନ ଘଟଣାସ୍ଥଳରେ କାର୍ଯ୍ୟ ଜାରି ରଖିଛନ୍ତି।

**ଆଟଲାଣ୍ଟିକ୍ ମହାସାଗରରେ 'ହନ୍ତାଭାଇରସ୍' ଆତଙ୍କ**

## କ୍ରୁଜ୍ ସିପ୍‌ରେ ୩ ମୃତ



**ନୂଆଦିଲ୍ଲୀ,୪।୫(ଏଜେନ୍ସି):** ଆଟଲାଣ୍ଟିକ୍ ମହାସାଗରରେ ଯାତ୍ରା କରୁଥିବା ଏକ ପର୍ଯ୍ୟଟନ ଜାହାଜ 'ଏମଭି ହଣ୍ଡିଅସ୍'ରେ ମାରାତ୍ମକ 'ହନ୍ତାଭାଇରସ୍' ବ୍ୟାପିଥିବା ସନ୍ଦେହ କରାଯାଉଛି। ଏହି ସଂକ୍ରମଣ ଯୋଗୁଁ ଏବେ ସୁଦ୍ଧା ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଯାତ୍ରୀ ଅସୁସ୍ଥ ଅଛନ୍ତି। ସଂକ୍ରମଣ ବ୍ୟାପିବା ଭୟରେ ଜାହାଜଟିକୁ ଆଫ୍ରିକା ଉପକୂଳରେ ଅଟକାଇ ରଖାଯାଇଛି। ଜାହାଜଟି ବର୍ତ୍ତମାନ କେପ୍ ଭର୍ଡେ ଠାରେ ରହିଛି। ସଂକ୍ରମଣ ରୋକିବା ପାଇଁ ଯାତ୍ରୀମାନଙ୍କୁ ଓହ୍ଲାଇବାକୁ ଅନୁମତି ଦିଆଯାଉନାହିଁ। ଜାହାଜରେ ପ୍ରାୟ ୧୭୦ ଜଣ ପର୍ଯ୍ୟଟକ ଏବଂ ୭୧ ଜଣ କର୍ମଚାରୀ ଅଛନ୍ତି। ୬ ଜଣଙ୍କ ପାଖରେ ସଂକ୍ରମଣର ଲକ୍ଷଣ ଦେଖାଦେଇଛି ଏବଂ ଜଣଙ୍କ କ୍ଷେତ୍ରରେ ଏହା ପରୀକ୍ଷାଗାରରେ ପ୍ରମାଣିତ ହୋଇଛି। ଏହି ଭାଇରସ୍ ମୁଖ୍ୟତଃ ମୂଷାଙ୍କ ମୂତ୍ର, ଲାଳ କିମ୍ବା ମଳ ସଂସ୍ପର୍ଶରେ ଆସିଲେ ମଣିଷକୁ ବ୍ୟାପିଥାଏ। ବୈଜ୍ଞାନିକଙ୍କ ଅନୁଯାୟୀ, କରୋନା ତୁଳନାରେ ଏହା ଅଧିକ ବିପଜ୍ଜନକ। ଏହାର କିଛି ପ୍ରଜାତିରେ ମୃତ୍ୟୁ ହାର ପ୍ରାୟ ୫୪ ପ୍ରତିଶତ ପର୍ଯ୍ୟନ୍ତ ରହିଥାଏ।ଏ ପର୍ଯ୍ୟନ୍ତ ଏହି ଭାଇରସ୍ ପାଇଁ କୌଣସି ଟିକା କିମ୍ବା ନିର୍ଦ୍ଦିଷ୍ଟ ଔଷଧ ବାହାରି ନାହିଁ। ମାର୍ଚ୍ଚ ମାସରେ ଆର୍ଜେଣ୍ଟିନାରୁ ବାହାରିଥିବା ଏହି ଜାହାଜରେ କିଭଳି ସଂକ୍ରମଣ ବ୍ୟାପିଲା, ସେନେଇ ଏବେ ବିଶେଷଜ୍ଞମାନେ ତଦନ୍ତ ଜାରି ରଖିଛନ୍ତି। ଯାତ୍ରୀଙ୍କୁ କେବଳ ଅକ୍ସିଜେନ୍ ଥେରାପି ଓ ବିଶେଷ ଯତ୍ନ ମାଧ୍ୟମରେ ଚିକିତ୍ସା କରାଯାଉଛି।

# ନବୀନଙ୍କୁ ଭେଟିଲେ ରଘୁନାଥପୁର ବିଜେଡି ଜନ ପ୍ରତିନିଧି



ଭୁବନେଶ୍ୱର,୪।୫(ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଘୁନାଥପୁର ଅଞ୍ଚଳର ବିଜେଡି ସଂଗଠକ, ଜନ ପ୍ରତିନିଧି ତଥା କର୍ମୀମାନେ ସୋମବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ନବୀନ ନିବାସରେ ଏହି ସାକ୍ଷାତ ଅବସରରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି (ମୁଖ୍ୟାଳୟ) ପ୍ରତାପ ଜେନା, ଜଗତସିଂହପୁର ଜିଲ୍ଲା ବିଜେଡି ସଭାପତି ପ୍ରଶାନ୍ତ ମୁଦୁଲିଙ୍କ ନେତୃତ୍ୱରେ କର୍ମୀମାନେ ନବୀନଙ୍କୁ ସାକ୍ଷାତ କରିଥିବା ଜଣାପଡ଼ିଛି।

# ଲାଞ୍ଚ ନେଇ ରାଜକନିକା ଥାନା ଏଏସ୍ଆଇ ଗିରଫ

ରାଜକନିକା, ୪।୫ (ସମିସ): କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଇବାକୁ ଜଣେ ମହିଳାଙ୍କଠାରୁ ୨ ହଜାର ଟଙ୍କା ଲାଞ୍ଚ ନେବା ବେଳେ ରାଜକନିକା ଥାନା ଏଏସ୍ଆଇ ପ୍ରଶାନ୍ତ କୁମାର ପ୍ରଧାନ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭିଜିଲାନ୍ସ ତାଙ୍କୁ ଗିରଫ କରି ସାଙ୍ଗରେ କଟକ ନେଇଯାଇଛି।



ସୂଚନାନୁଯାୟୀ, ଭାରିଗଦା ପଞ୍ଚାୟତ ମଙ୍ଗଳପୁର ଗ୍ରାମର ଲିଲିମା ବାରିକଙ୍କ ପ୍ଲଟ୍‌ରେ ତାଙ୍କର କିଛି ବିରୋଧୀ ଜୋରଜବରଦସ୍ତ ଘର ତିଆରି କରୁଥିଲେ। ଗତ ଏପ୍ରିଲ ୨୩ ଓ ୨୫ରେ ଏ ସଂପର୍କରେ ଲିଲିମା ରାଜକନିକା ଥାନାରେ ଏତଲା ଦେଇ ନିର୍ମାଣ କାମ ଅଟକାଇବାକୁ ପୁଲିସକୁ ଅନୁରୋଧ କରିଥିଲେ। କିନ୍ତୁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ଲିଲିମାଙ୍କୁ କୋର୍ଟ-ଅର୍ଡର୍ ଆଣିବାକୁ କହିଥିଲା। ଗତ ୨୮ ତାରିଖରେ କେନ୍ଦ୍ରାପଡ଼ା ସବ୍-କଲେକ୍ଟରଙ୍କ କୋର୍ଟରୁ ଅର୍ଡର୍ ଆଣିବା ପରେ ଲିଲିମା ଏଏସ୍ଆଇ ପ୍ରଶାନ୍ତ କୁମାର ପ୍ରଧାନଙ୍କୁ ତାହା ଦେଇ କାମ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ମାତ୍ର, ଏଥିପାଇଁ ଲିଲିମାଙ୍କୁ ପାଞ୍ଚ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ପ୍ରଶାନ୍ତ। ସେଦିନ ସନ୍ଧ୍ୟାରେ ଲିଲିମା ଏକ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ବାକି ଟଙ୍କା ନେବାକୁ ଲିଲିମାଙ୍କୁ ଅସ୍ତବ୍ୟସ୍ତ କରିବାରୁ ବାଧ ହୋଇ ସେ ଏ ବାବଦରେ କଟକ ଭିଜିଲାନ୍ସରେ ଏଏସ୍ଆଇ ପ୍ରଶାନ୍ତଙ୍କ ବିରୋଧରେ ଅଭିଯୋଗ କରିଥିଲେ।

ପୂର୍ବ ଯୋଜନା ମୁତାବକ, ଆଜି କଟକ ଭିଜିଲାନ୍ସ ଡିଏସ୍‌ପିଙ୍କ ନେତୃତ୍ୱରେ ୮ଜଣିଆ ଏକ ଭିଜିଲାନ୍ସ ଟିମ୍ ଅପରାହ୍ଣ ପ୍ରାୟ ୪ଟା ବେଳେ ଥାନା ସମ୍ମୁଖ ଆକାଶୀ ଗଛ ମୂଳେ ଲିଲିମାଙ୍କଠାରୁ ଦୁଇହଜାର ଟଙ୍କା ନେଉଥିବା ବେଳେ ସେଠାରେ ଲୁଚି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ଥାନା ଭିତରେ ପ୍ରଶାନ୍ତଙ୍କ ହାତରେ ଥିବା ରସାୟନବୋଳା ଦୁଇହଜାର ଟଙ୍କାକୁ ପାଣିରେ ଧୋଇବା ପରେ ତାଙ୍କୁ ଗିରଫ କରାଯାଇଥିଲା। ପରେ ଭିଜିଲାନ୍ସ ଅଧିକାରୀମାନେ ପ୍ରଶାନ୍ତଙ୍କ ସରକାରୀ ବାସଭବନରେ ଚଢ଼ଉ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେପିର ବଙ୍ଗ...

ବିଜେପି ପ୍ରଥମଥର ଲାଗି ସରକାର ଗଠନ କରିବ। ଗତ ନିର୍ବାଚନରେ ମାତ୍ର ୭୭ଟି ଆସନ ପାଇଥିବା ବିଜେପି ପାଇଁ ହାଠାରୁ ବଡ଼ ବରଦାନ କିଛି ହୋଇ ନପାରେ। ଏହି ନିର୍ବାଚନରେ ମମତା ୧୩୩ଟି ଆସନ ହରାଇଥିବା ବେଳେ ବିଜେପି ଅଧିକ ୧୨୯ଟି ଆସନ ଜିତି କମ୍ପନ ସୃଷ୍ଟି କରିଛି।

ଆଜିର ଆଉ ଏକ ଫଳାଫଳ ଯାହା ରାଜନୈତିକ ପଣ୍ଡିତମାନଙ୍କୁ ଝଟକା ଦେଇଛି, ତାହା ହେଉଛି ତାମିଲନାଡୁରେ ନବଗଠିତ ଟିଭିକେର ଅଭ୍ୟୁଦୟ। ଅଭିନେତା ବିଜୟଙ୍କ ଦ୍ୱାରା ଗଠିତ ଏହି ଦଳ ଏମିତି ସଫଳତା ହାସଲ କରିବ ବୋଲି କେହି ପୂର୍ବାନୁମାନ କରିନଥିଲେ। ଯୁବ ବର୍ଗଙ୍କ ବିପୁଳ ସମର୍ଥନକୁ ଆୟୁଧ କରି ଟିଭିକେ ରାଜ୍ୟରେ ଦୀର୍ଘ ଦଶନ୍ଧି ଧରି ରାଜ କରୁଥିବା ଦ୍ରାବିଡ଼ ଦଳ (ଡିଏମ୍‌କେ ଏବଂ ଆନ୍ନାଡିଏମ୍‌କେ)ଙ୍କୁ ଧୂଳି ଚଟାଇଦେଇଛି। ଦକ୍ଷିଣ ରାଜ୍ୟରେ ଚଳଚ୍ଚିତ୍ର ଅଭିନେତାଙ୍କ ଜଲ୍‌ୱା ଏବେ ବି ଜାରି ରହିଥିବା ତାମିଲ ଫିଲ୍ମ ଷ୍ଟାର ବିଜୟଙ୍କ ବିଜୟରୁ ସ୍ପଷ୍ଟ ହୋଇଯାଇଛି। ରାଜ୍ୟ ବିଧାନସଭାର ୨୩୪ ଆସନ ମଧ୍ୟରୁ ଟିଭିକେକୁ ୧୦୭ ଆସନ ମିଳିଥିବା ବେଳେ କ୍ଷମତାସୀନ ଡିଏମ୍‌କେକୁ ୭୪ ଏବଂ ଅନ୍ୟତମ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଆନ୍ନାଡିଏମ୍‌କେକୁ ମିଳିଛି ମାତ୍ର ୫୨ଟି ଆସନ। ସରକାର ଗଠନ ପାଇଁ ଟିଭିକେକୁ ଆଉ ୧୧ ବିଧାୟକଙ୍କ ସମର୍ଥନ ଦରକାର ଥିବା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଜି ବିଜୟଙ୍କୁ ଫୋନ କରି ସମର୍ଥନ ଜଣାଇଛନ୍ତି। ରାଜ୍ୟରେ କଂଗ୍ରେସ ୫ଟି ଆସନରେ ଆଗୁଆ ରହିଛି।

### 'ଗଙ୍ଗୋତ୍ରୀରୁ ଗଙ୍ଗାସାଗର...

ଓ ସାଂସ୍କୃତିକ ଭୂମି ବଙ୍ଗରୁ ଭାରତର ଆତ୍ମାର ସ୍ୱର ଉଠିଥିଲା। ଏହି ଅଞ୍ଚଳରେ ଏବେ ପଦ୍ମ ଖେଳୁଛି ବୋଲି ସେ କହିଛନ୍ତି।

୪୭ ମିନିଟର ଭାଷଣରେ ସେ କହିଛନ୍ତି ଯେ ଗତ ବର୍ଷ ନଭେମ୍ବର ୧୪ ତାରିଖରେ ମୁଁ କହିଥିଲି ଯେ ଗଙ୍ଗା ବିହାର ଅତିକ୍ରମ କରି ଗଙ୍ଗାସାଗରରେ ପହଞ୍ଚିଛି। ଆଜି ବଙ୍ଗଳାର ବିଜୟ ସହିତ ଗଙ୍ଗୋତ୍ରୀରୁ ଗଙ୍ଗାସାଗର ପର୍ଯ୍ୟନ୍ତ କମଳ ଫୁଟିଛି। ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର ଓ ଏବେ ପଶ୍ଚିମବଙ୍ଗ। ଗଙ୍ଗାକୂଳରେ ଥିବା ରାଜ୍ୟଗୁଡ଼ିକରେ ବିଜେପି-ଏନଡିଏ ସରକାର ଅଛି। ଆଜି ବଙ୍ଗଳାର ଭାଗ୍ୟରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ବଙ୍ଗ ଏବେ ଭୟମୁକ୍ତ; ସେଠାରେ ଭୟ ନୁହେଁ, ଗଣତନ୍ତ୍ର ଜିତିଛି। ଆମେ ପ୍ରତିଶୋଧ ନୁହେଁ, ପରିବର୍ତ୍ତନ ବିଷୟରେ କଥା ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବଙ୍ଗଳାର ପ୍ରଥମ କ୍ୟାବିନେଟ ବୈଠକରେ ଆୟୁଷ୍ମାନ ଭାରତକୁ ମଞ୍ଜୁରୀ ମିଳିବ। ଅନୁପ୍ରବେଶକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ, ମହିଳାମାନଙ୍କୁ ସୁରକ୍ଷିତ ପରିବେଶ ମିଳିବ, ଯୁବକମାନଙ୍କୁ ନିଯୁକ୍ତି ମିଳିବ ଓ ପ୍ରବାସ ବନ୍ଦ ହେବ।

ସେ ପୁଣି କହିଛନ୍ତି ଯେ ମାତା ଗଙ୍ଗାଙ୍କ ଆଶୀର୍ବାଦ ଆମ ସମସ୍ତଙ୍କ ଉପରେ ରହିଛି। ମାତା ବ୍ରହ୍ମପୁତ୍ର ଓ ମାତା କାମାକ୍ଷା ମଧ୍ୟ ଆମ ସମସ୍ତଙ୍କୁ ଆଶୀର୍ବାଦ କରିଛନ୍ତି। ଆସାମର ଲୋକମାନେ ତୃତୀୟ ଥର ପାଇଁ ବିଜେପି ଉପରେ ସେମାନଙ୍କର ଭରସା ରଖିଛନ୍ତି। ଏହା ଆସାମ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ୨୦୨୧ ମସିହାରେ ଆମେ ପୁଡୁଚେରୀର ଲୋକମାନଙ୍କୁ ଏକ ଉନ୍ନତ ପୁଡୁଚେରୀର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲୁ। ବିଜେପି ପୁଡୁଚେରୀ ପାଇଁ ନିଜର କାର୍ଯ୍ୟ ଜାରି ରଖିବ ବୋଲି ମୁଁ ପୁଡୁଚେରୀବାସୀଙ୍କୁ ପ୍ରତିଶ୍ରୁତି ଦେଉଛି।

### ୫ ବରଯାତ୍ରୀ...

ଆହତ ହୋଇଥିଲେ। ମୃତ ୫ ଜଣଙ୍କ ମଧ୍ୟରେ ଗୋଟିଏ ପରିବାରର ପ୍ରାୟ ୩ ଜଣ ରହିଛନ୍ତି। ମୃତକମାନେ ହେଲେ, କାହ୍ନ ପୂର୍ତ୍ତି, ନମିତା ନାୟକ, ଗୀତା ପୂର୍ତ୍ତି, ବଲ୍ଲା ମୁଣ୍ଡା ଓ ମାଳତି ମୁଣ୍ଡା। ଧର୍ମଶାଳା ମେଡ଼ିକାଲରେ ୩ ଜଣଙ୍କ ମରଶରୀର ରହିଥିବା ବେଳେ ବଡ଼ଚଣା ମେଡ଼ିକାଲରେ ୨ଜଣଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ସୌଭାଗ୍ୟବଶତଃ ଉକ୍ତ ଗାଡ଼ିରେ ଥିବା ୨ଜଣ ଶିଶୁ ସାମାନ୍ୟ ଆହତ ହୋଇଛନ୍ତି।

ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହ ମୃତକଙ୍କ ନିକଟତମ ସଂପର୍କୀୟଙ୍କୁ ୪ ଲକ୍ଷ ଟଙ୍କାର ସରକାରୀ ସହାୟତା ଘୋଷଣା କରିଛନ୍ତି।

ଘଟଣାସ୍ଥଳରେ ଦୁର୍ଘଟଣାଗ୍ରସ୍ତ ବୋଲେରୋ ଗାଡ଼ିରେ ଥିବା ଯାତ୍ରୀମାନେ ଚାପି ହୋଇ ରହିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା। ଗୁରୁତରମାନଙ୍କୁ ଧର୍ମଶାଳା ଏବଂ ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଯାଜପୁର ରୋଡ୍ ଏସ୍‌ଡିପିଓ, ବଡ଼ଚଣା ପୁଲିସ, ଜେନାପୁର ପୁଲିସ ପହଞ୍ଚି ତଦନ୍ତ ଚଳାଇଛନ୍ତି।

ବର ଏବଂ ତାଙ୍କ ପରିବାର ଲୋକେ ସୁରକ୍ଷିତ ଭାବେ ଘରେ ପହଞ୍ଚିଛନ୍ତି। ସେମାନଙ୍କ ସୂଚନା ଅନୁଯାୟୀ, ରବିବାର ରାତିରେ ବଡ଼ଚଣାରୁ ୩୦ରୁ ଊର୍ଦ୍ଧ୍ୱ ବରଯାତ୍ରୀ କେନ୍ଦୁଝର ଯାଇଥିଲେ। ସୋମବାର ଭୋରରୁ ଏକ ବୋଲେରୋ ୧୪ ବରଯାତ୍ରୀଙ୍କୁ ନେଇ ବଡ଼ଚଣା ଅଭିମୁଖେ ଫେରୁଥିଲା। ଗତକାଲି ବିଳମ୍ବିତ ରାତିରେ ନ ଫେରିବା ପାଇଁ ବରଯାତ୍ରୀଙ୍କୁ କୁହାଯାଇଥିଲା। ହେଲେ ସେମାନେ କଥା ମାନିନଥିଲେ। ବିଳମ୍ବିତ ରାତିରେ ବୋଲେରୋରେ ସେଠାରୁ ବାହାରି ଆସିଥିଲେ।

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 465, dated 30.04.2026 I, BHAJAN NAYAK, S/o - Late. Jitendra Nayak, Permanent Resident of - Dhabasahi, Nabarangpur, Po- Nabarangpur, Ps- Nabarangpur, Dist- Nabarangpur, Odisha, Pin - 764059, declare that I have changed the name of my Daughter from AKHYANSRI NAYAK to ARASHI NAYAK. Henceforth, She shall be known as **ARASHI NAYAK** for all purposes.

Sd/- Bhajan Nayak

**AFFIDAVIT**

By virtue of an affidavit sworn before the Executive Magistrate, Chandahandi, Dist- Nabarangpur, Vide no- 368/2026, dated. 30.04.2026 I, JUBRAJSING SUNA , S/o.- Pabansing Suna, Resident of Village- Koradangari, Po.- Jamadarpada, Ps.- Chandahandi, Dist- Nabarangpur, Odisha,Pin - 764077, declare that I have changed my name from JUBARAJ SUNA to JUBRAJSING SUNA. Henceforth, I shall be known as **JUBRAJSING SUNA** for all purposes.

Sd/- Jubrajsing Suna

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 712, dated 20.04.2026 I, URDHAB NAYAK, S/o - Laba Nayak, Permanent Resident of Village - Narasingguda, Po- Dhandra, Ps- Tentulikhunti, Dist- Nabarangpur, Odisha, Pin - 764049, declare that I have changed the name of my Son from GUPTA PRASAD NAYAK to CHANDAN NAYAK. Henceforth, he shall be known as **CHANDAN NAYAK** for all purposes.

Sd/- Urdhab Nayak

**LOST**

I, Malay Kumar Maity, S/o Ashok Kumar Maity, resident of Jamunadeipur, Ward No. 18, Baripada, Dist. Mayurbhanj, Odisha, hereby inform that my bag containing original educational certificates (HSC, +2, Diploma, B.Tech, Autocad, Tally, Web Design, etc.) was lost on 25/04/2026 near Bhanjpur Market.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide No.: 759, dated: 28.04.2026, I, Biswajeeta Padhy, wife of Mukteswar Padhy, resident of Village: Janiguda, P.O.: Koraput, P.S.: Koraput Town, District.: Koraput, Odisha, PIN-764002, hereby declare that my former name was Biswajeeta Bagh. I have changed my name to **Biswajeeta Padhy** with effect from 29 April 2026, and henceforth I shall be known and identified by the name **Biswajeeta Padhy** for all purposes.

Sd/- Biswajeeta Padhy

**ଘୋଷଣା ନାମା**

ମୁଁ ବାଲୁକେଶ୍ୱର ପ୍ରଧାନ, ପିତା- ଜଟାଧାରି ପ୍ରଧାନ, ବାସସ୍ଥାନ/ପୋ- ଦାଣ୍ଡମକୁନ୍ଦପୁର, ଥାନା- ପିପିଲି, ଜିଲ୍ଲା- ପୁରୀ, ଓଡ଼ିଶା ଏହିଠାରେ ଘୋଷଣା କରୁଛି କି ମୋର ଅରିସଲ ମଉଜା, ତହସିଲ ଡେଲାଙ୍ଗରେ ଖାତା ନଂ ୮୭୯/୫୯୪, ପ୍ଲଟ୍ ନଂ - ୧୧୮, କ୍ଷେତ୍ର ଏକର ୦.୦୪ ଡିସିମିଲ / ଖାତାନଂ ୮୭୯/୫୯୩, ପ୍ଲଟ୍ ନଂ ୧୧୯୨, କ୍ଷେତ୍ର ଏକର ୦.୧୯ ଡିସିମିଲ / ଖାତାନଂ ୮୭୯/୫୯୫, ପ୍ଲଟ୍ ନଂ ୧୧୮୯, କ୍ଷେତ୍ର ଏକର ୦.୧୩ ଡିସିମିଲ ଏବଂ ମୁକୁନ୍ଦପୁର ମଉଜା ତହସିଲ ପିପିଲି ରେ ଖାତାନଂ ୪୯୨/୫୩, ପ୍ଲଟ୍ ନଂ ୫୪, କ୍ଷେତ୍ର ଏକର ୧.୨୮ ଡିସିମିଲ।

ଉପରୋକ୍ତ ଜାଗା ଗୁଡିକର ବିକ୍ରୟ କବଲା ନଂ ୧୧୬୭ ତା ୨୧/୦୫/୧୯୯୯, ପିପିଲି ସବ୍ ରେଷ୍ଟର ଅଫିସ୍, କବଲା ନଂ ୪୯୫ ତା ୨୫/୦୮/୨୦୦୦, ଡେଲାଙ୍ଗ ସବ୍ ରେଷ୍ଟର ଅଫିସ୍, କବଲା ନଂ ୪୯୬ ତା ୨୫/୦୮/୨୦୦୦, ଡେଲାଙ୍ଗ ସବ୍ ରେଷ୍ଟର ଅଫିସ, କବଲା ନଂ ୧୧୫୫୨୧୧୦୦୩୭୬ ତା ୧୧/୦୬/୨୦୨୧, ଡେଲାଙ୍ଗ ସବ୍ ରେଷ୍ଟର ଅଫିସ୍ ଏବଂ କବଲା ନଂ ୮୨୭ ତା ୧୬/୦୫/୧୯୯୪, ପିପିଲି ସବ୍ ରେଷ୍ଟର ଅଫିସ୍ ଅଧିନରେ ରେଜିଷ୍ଟ୍ରୀ କରଣ କରିଥିଲି କିନ୍ତୁ ଦୁର୍ଭାଗ୍ୟଜନକ ଉକ୍ତ ଓରିଜିନାଲ ପାଟ୍ଟା ଓ କବଲା ଗୁଡିକ କେଣାର୍କରୁ ରାମଚଣ୍ଡୀ ଜିବା ସମୟରେ କେଉଁଠାରେ ହଜିଜାଇ ଅଛି।

ଯଦି କୌଣସି ସହୃଦୟବ୍ୟକ୍ତି ଉପରୋକ୍ତ କାଗଜ ଗୁଡିକୁ ପାଇଥାନ୍ତି ତେବେ ମୋର ଉପରୋକ୍ତ ଠିକଣାରେ ପଠାଇବାକୁ ଅନୁରୋଧ।

**AFFIDAVIT**

I, Nilandri Nanda, aged about 50 years, wife of Nandalal Nanda, resident village of Kumelsingha, PS- Attabira, Dist- Bargarh, PIN -768111 as mentioned in my govt document (Residence Certificate- E/RES/2026/690062) of this affidavit date 02/05/2026 in front of notary public, Sambalpur that now onwards I shall be known as **Nilendri Nanda** for all future purpose.

**AFFIDAVIT**

By virtue of an Affidavit sworn before Executive Magistrate, Bargarh, C.F No- 899/26, dated 4th May 2026, I Mugdha Dash, D/o- Harekrishna Dash, Permanent Resident At Ward no 19, Brahma Bihar colony, At/Po/Dist.- Bargarh, State- Odisha, Pin- 768028, declared that I have changed my son's name from **Debajyoti Mahapatra** to **Atharv Dash**. Henceforth, he shall be known as **Atharv Dash** for all purposes.

**Mugdha Dash**- Deponent

**AFFIDAVIT**

By virtue of an affidavit no. 528, before the **Executive Magistrate, Nabarangpur, dtd. 27.08.2024,** I, Jagesh Nayak, S/o Khama Nayak, resident of Maidalpur, Nabarangpur, Odisha, hereby declare that my name was wrongly recorded as Yageshwar Nayak in my Aadhaar Card. That both names refer to the same person i.e. myself. Henceforth, I shall be known as **Jagesh Nayak** for all purposes.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 04/05/2026. I, **Bikram Bariha** (applicant name), S/o- Dharmu Bariha, permanent & current resident of AT: Sialjhudungi, PO: Manigaon, PS: Titilagarh, Dist: Balangir, State: Odisha, PIN: 767033 declare that I have changed my minor son's name from **Dekock Bariha** (old name) to **Hemsagar Bariha** (new name). Henceforth, he shall be known as **Hemsagar Bariha** (new name) for all future purposes.

**(Bikram Bariha)**

**AFFIDAVIT**

I, Sanjay Kumar Mohini, aged about 47 years, S/o- Saheb Mohini, resident of At-Sarbahal, Jharsuguda, Dist-Jharsuguda, Pin- 768201, Odisha do hereby declare by this affidavit No. 916, dtd- 04/05/2026, that now onwards I shall be known as **SANJAYA KUMAR MOHINI** for all future purposes.

**AFFIDAVIT**

By virtue of an affidavit (No.03, date: 20/11/2025) sworn before the Executive Magistrate, Nuapada. I, **Naresh Kumar Neora,** S/o Gangeswar Neora, permanent & current resident of Jamseth, PO: Jamseth,PS : Paikmal ,Dist: Bargarh, State: Odisha, PIN: 768050 declare that I have change my minor son's name from **Youhesh Neora** to **Yogesh Neora.** Henceforth, he shall be known as **Yogesh Neora** (new name) for all purposes.

**(Naresh Kumar Neora)**

**NOTICE**

By virtue of an affidavit sworn before Notary Public, Bhubaneswar, dated- 4th May 2026, I, **Soumya Sudatta Nanda**, permanent resident of Flat No. 7, 4th Floor, Plot No. N3/450, Suryamani Apartment, IRC Village, Nayapalli, IRC Village, PO: IRC Village, Bhubaneswar, DIST: Khorda, Odisha, Pin-751015 declare that I have changed my name from **Sudatta Nanda** to **Soumya Sudatta Nanda**. Henceforth, I shall be known as **Soumya Sudatta Nanda** for all purposes.

**Soumya Sudatta Nanda**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 751, dated. 27.04.2026 I, DAIMATI AMANATYA , W/o.- Gopi Amanatya, Permanent Resident of Village- Maliguda, Po.- B. Maliguda, Ps.- Nabarangpur, Dist- Nabarangpur, Odisha,Pin - 764078, presently residing at- P W D Colony, Jeypore, Po/Ps- Jeypore, Dist - Koraput, Odisha, Pin- 764001 declare that I have changed my name from DOMANI AMANATYA to DAIMATI AMANATYA. Henceforth, I shall be known as **DAIMATI AMANATYA** for all purposes.

Sd/- Daimati Amanatya

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**

Grand Road, Medical Square, Puri, Pin No-752002
Phone No-06752-222124(O) & 232294©, E Mail: cdspuri@gmail.com

10001/105/2627

**TENDER CALL NOTICE**

No. 2028Sub Store Puri, Dated: 28.04.26

**Supply of Drugs, Medical Consumables & EIF for Puri District**

Sealed Tenders are invited from the intending manufacturers/authorized distributors for supply of drugs & Medical Consumable.
For detail regarding this tender call notice please visit the web site www.puri.nic.in or contact office of the undersigned during the office hour in all working days.
Last Date & Time of receipt of Tender: 14.05.2026 upto 11 A.M.
Pre Bid Discussion: 07.05.2026 at 11.30 A.M.
Date & Time of opening of Tender: 14.05.2026 at 12 NOON
Venue: Office Chamber of CDM & PHO, Puri
The authority reserves full rights to accept or reject any or all tenders without assigning any reason thereof.

Sd/-Chief District Medical & Public Health Officer, Puri

OIPR-10001/10021/1/26-27/0006

13001/360/2627

**CUTTACK MUNICIPAL CORPORATION**

"e" PROCUREMENT NOTICE
Tender ID: 2026_ORULB_127815
Bid Reference No. MC(CMC)CTC_Div-II_No.03/2026-27
Tender Call Notice No. 4423 (PW), Date: 28.04.2026

Name of Works: Civil Works
No of Works: 10 Nos
Bid Value: Rs. 4.02 Lakh to Rs. 29.79
Date of Completion: One Calendar Month to Three Calendar Months
Date and Time schedule:

| Start | End | Opening |
|---|---|---|
| 3.00 PM on dt. 30.04.2026 | 5.00 PM on dt. 11.05.2026 | 11.00 A.M. on dt. 14.05.2026 |

Tender Details: can be seen from the procurement portal: www.tendersorissa.gov.in

Executive Engineer, City Div-II

OIPR-13001/13031/1/26-27/0017

24001/47/2627

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
**ଅଧିସୂଚନା**

No. RDM-LAA-MBJ-0017-2025-49122/R&DM, Dated 30.12.2025

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଡାହିସାହି ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- **ଗଡିଗାଁ**, ଥାନା- ମୋରଡା, ନଂ. ୮୫, ତହସିଲ- ମୋରଡା, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୧.୭୫** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଡାହିସାହି ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ।
**୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ବେତନଟୀ କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପ ଜିଲ୍ଲାପାଳ, ବାରିପଦା।
**୬- ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ମୋରଡା | ଗଡିଗାଁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୯୫ | ଏ. ୧.୭୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା- ୨୭/୨୦୨୪
ଏ.୧.୭୫ ଡେ.ମି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଡାହିସାହି ଡିଷ୍ଟ୍ରିବ୍ୟୁଟାରୀ
ମୌଜା- ଗଡିଗାଁ, ଥାନା- ମୋରଡା ନଂ-୮୫, ତହସିଲ- ମୋରଡା, ଜିଲ୍ଲା- ମୟୂରଭଞ୍ଜ

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 108 ରୟତ | 781/1574 | 0.80 | 0.48 | ଡାହି ଏକ | ଦିବାକର ମହାକୁଡ, ଭାସ୍କର ମହାକୁଡ, ପ୍ରଭାକର ମହାକୁଡ, ଜକୁ ମହାକୁଡ ପି: ଚନ୍ଦ୍ରଶଖର ମହାକୁଡ ଜା: ଗୋପାଳ ବା: ନିଜଗାଁ |
| 178 ରୟତ | 781/1576 | 0.65 | 0.33 | ଡାହି ଏକ | ବୈକୁଣ୍ଠ ମହାକୁଡ ପି: ଗୋରା ମହାକୁଡ, ମହେଶ୍ୱର ମହାକୁଡ, ଗଣେଶ୍ୱର ମହାକୁଡ ପି: ଗୌର ମହାକୁଡ, ସୂର୍ଯ୍ୟ ମହାକୁଡ ସ୍ୱା: ଗୌର ମହାକୁଡ, ଶତ୍ରୁଘନ ମହାକୁଡ, ଏକାଦଶି ମହାକୁଡ ପି: କାଳିଆ ମହାକୁଡ ଜା: ମଗଧା ଗଉଡ ବା: ନିଜଗାଁ |
| 230 ରୟତ | 1096 | 0.16 | 0.16 | ଡାହି ଏକ | ରାଧୁ ଦାସ ପି:କାଳି ଚରଣ ଦାସ ଜା: ବୈଷ୍ଣବ ବା: ନିଜଗାଁ |
| 256 ରୟତ | 781/1575 | 0.37 | 0.21 | ଡାହି ଏକ | ଲାଲ ମହାନ୍ତ, ମୋହନ ମହାନ୍ତ, ସହନ ମହାନ୍ତ ପି: ବଡ଼ ପ୍ରହରାଜ ମହାନ୍ତ, ଧନିରାମ ମହାନ୍ତ, କୁଶ ମହାନ୍ତ, ଲବଘନ ମହାନ୍ତ ପି: କାଳିଆ ମହାନ୍ତ, ସୁକୁ ମହାନ୍ତ, ପବନ ମହାନ୍ତ ପି: ନକୁଳ ମହାନ୍ତ ଜା: କୁଡୁମି ବା: ଫୁଲବାଡ଼ିଆ |
| 318/351 ରୟତ | 1097 | 0.75 | 0.41 | ଡାହି ଏକ | ଚୈତନ୍ୟ ମହାନ୍ତ ପି: ନିଳକଣ୍ଠ ମହାନ୍ତ ଜା: କୁଡୁମି ବା: ଛାଣ୍ଡ, ବାରିପଦା, ବାସନ୍ତି ମହାନ୍ତ ସ୍ୱା: ପୁରୁଷୋତ୍ତମ ମହାନ୍ତ, ପରେଶ ମହାନ୍ତ, ଛତିଶ ମହାନ୍ତ ପି: ଗଣେଶ ମହାନ୍ତ, ଝୁନୁପୁକି ମହାନ୍ତ ସ୍ୱା: ଭକ୍ତୁ ମହାନ୍ତ, ସାରଥି ମହାନ୍ତ, ହୀରାମଣି ମହାନ୍ତ ପି: ଭକ୍ତୁ ମହାନ୍ତ, ଗଗନ ମହାନ୍ତ ପି: ପୁରୁଷୋତ୍ତମ ମହାନ୍ତ ଜା: କୁଡୁମି ବା: ରାଘବପୁର,ଥାନା-ରାସଗୋବିନ୍ଦପୁର |
| 318/350 ରୟତ | 1097/2472 | 0.11 | 0.11 | ଡାହି ଏକ | ନବୀନ ଚନ୍ଦ୍ର ମହାନ୍ତ ପି:ଉମାକାନ୍ତ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 318/349 ରୟତ | 1097/2473 | 0.11 | 0.05 | ଡାହି ଏକ | ପର୍ଶୁରାମ ମହାନ୍ତ ପି:ଉମାକାନ୍ତ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| ମୋଟ | ୦୭ ପ୍ଲଟ | ଏ.୨.୯୫ ଡେ.ମି. | ଏ.୧.୭୫ ଡେ.ମି. | | |

L.A., S.I.P Laxmiposi | Revenue Inspector L.A. Zone, S.I.P Laxmiposi | Zone Office-cum-L.A. Collector S.I.P., Laxmiposi Zone | Spl. Land Acquisition Officer S.I.P., Baripada

OIPR-24001/24001/3/26-27/0002

● ଆଇପିଏଲ୍ ଇଞ୍ଜୁରି ଅପ୍‌ଡେଟ୍

# ଚିକିତ୍ସା ପାଇଁ ଲଣ୍ଡନ ଫେରିଲେ ଫିଲ୍ ସଲ୍ଟ



ନୂଆଦିଲ୍ଲୀ,୪।୫(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ରନ୍, ଚୌକା ଓ ଛକାର ବର୍ଷା ଯେପରି ହୋଇଛି, ଠିକ୍ ସେହିପରିମାଣରେ ଖେଳାଳିଙ୍କ ଆହତ ସମସ୍ୟା ବୃଦ୍ଧି ପାଇଛି। ଏହା ମଧ୍ୟରେ ଆଙ୍ଗୁଠିରେ ଆଘାତ ଲାଗିଥିବାରୁ ତାହାର ଚିକିତ୍ସା କରିବା ଲାଗି ବେଙ୍ଗାଲୁରୁର ଓପନ ଫିଲ ସଲ୍ଟ ସ୍ୱଦେଶ ବା ଲଣ୍ଡନ ଫେରିଯାଇଛନ୍ତି। ସେଠାରେ ସେ ଆଘାତ ସ୍ଥାନରେ ସ୍କାନ୍ କରିବା ପରେ ଚିକିତ୍ସିତ ହେବେ। ତାଙ୍କ ସ୍ଥାନରେ ଜ୍ୟାକବ ବେଥେଲ ଏବେ ଖେଳିବେ। କିନ୍ତୁ ସଲଟ ଖୁବ୍ ଶୀଘ୍ର ଦଳ ସହ ଯୋଗଦେବେ ବୋଲି ବେଙ୍ଗାଲୁରୁ ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଛି।

**ଆଉଟ୍, ଆଉଟ୍**: ଏହା ମଧ୍ୟରେ ଚେନ୍ନଇ ସୁପର କିଙ୍ଗ୍‌ସ ପକ୍ଷରୁ ଡେବ୍ୟୁ କରିଥିବା ପେସ୍ ବୋଲିଂ ଅଲରାଉଣ୍ଡର ରାମକ୍ରିଷ୍ଣା ଘୋଷ ଚଳିତ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି। ଶନିବାର ମୁମ୍ବଇ ଇଣ୍ଡିଆନ୍ସ ବିପକ୍ଷରେ ମ୍ୟାଚ୍ ଖେଳିଲାବେଳେ ତାଙ୍କ ଗୋଡ ମୋଡି ହୋଇଯିବାରୁ ଭାଙ୍ଗିଯାଇଛି ଓ ସେ ଚଳିତବର୍ଷ ଆଉ ଖେଳିବା ନେଇ ସମ୍ଭାବନା ନାହିଁ। ଚେନ୍ନଇ ଟିମ୍‌ରୁ ଚଳିତ ସିଜନରେ ବାଦ୍ ପଡ଼ିବାରେ ସେ ହେଉଛନ୍ତି ଚତୁର୍ଥ ଖେଳାଳି ଏବଂ ତୃତୀୟ ପେସ୍ ବୋଲର। ପୂର୍ବରୁ ନାଥାନ ଏଲିସ୍, ଖଲୀଲ ଅହମ୍ମଦ୍ ଓ ବ୍ୟାଟର ଆୟୁଷ ମାହତ୍ରେ ବାଦ୍ ପଡ଼ିଥିଲେ।



**ଇଂଲିଶ ଇନ୍**: ୮.୬୦ କୋଟି ଟଙ୍କାରେ କିଣାଯାଇଥିବା ଅଷ୍ଟ୍ରେଲିଆର ୱିକେଟକିପର ବ୍ୟାଟର ଜୋଶ ଇଂଲିଶ ଆଜି ଲକ୍ଷ୍ନୌ ସୁପରଜାଏଣ୍ଟସ (ଏଲଏସ୍‌ଜି) ପକ୍ଷରୁ ଡେବ୍ୟୁ କରିଛନ୍ତି। ବିବାହଯୋଗୁଁ ସେ ଆଇପିଏଲ୍‌ର ପ୍ରଥମାର୍ଦ୍ଧରେ ଉପଲବ୍ଧ ହୋଇପାରି ନ ଥିଲେ। ଆଜି ଖେଳାଯାଇଥିବା ମୁମ୍ବଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ସେ ମିଚେଲ ମାର୍ଶଙ୍କ ସହ ଇନିଂସ ଓପନ କରିଥିଲେ। କିନ୍ତୁ ଦଳରେ ସାମିଲ ଥିବା ଦକ୍ଷିଣ ଆଫ୍ରିକୀୟ ବ୍ୟାଟର ମାଥ୍ୟୁ ବ୍ରିଜ୍‌କେ ବ୍ୟକ୍ତିଗତ କାରଣ ଯୋଗୁଁ ସ୍ୱଦେଶ ଫେରିଯାଇଛନ୍ତି। ସେହିପରି ଆଜିର ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବ ମୁମ୍ବଇ ଇଣ୍ଡିଆନ୍ସର ନେତୃତ୍ୱ ନେଇଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଅସୁସ୍ଥ ଥିବାରୁ ତାଙ୍କୁ ଦଳରେ ସାମିଲ କରା ନ ଯାଇ ବିଶ୍ରାମ ଦିଆଯାଇଛି।

## ରିୟାନ ରିକେଲଟନ-ରୋହିତ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ

# ଲକ୍ଷ୍ନୌକୁ ୬ ୱିକେଟରେ ହରାଇଲା ମୁମ୍ବଇ

ମୁମ୍ବଇ,୪।୫(ଏଜେନ୍ସି)

ଦୁଇ ଓପନର ରିୟାନ ରିକେଲଟନ ଓ ରୋହିତ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ଏମାନଙ୍କ ପ୍ରଥମ ୱିକେଟ ଭାଗୀଦାରିରୁ ୬୫ବଲ୍‌ରୁ ୧୪୩ ରନ୍ ସଂଗୃହୀତ ହେବା ଫଳରେ ଏଠାରେ ସୋମବାର ଖେଳାଯାଇଥିବା ଆଇପିଏଲ୍‌ର ୪୭ତମ ଲିଗ୍ ମ୍ୟାଚ୍‌ରେ ମୁମ୍ବଇ ଇଣ୍ଡିଆନ୍ସ ୬ୱିକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟସକୁ (ଏଲ୍‌ଏସ୍‌ଜି) ପରାସ୍ତ କରିଛି। ଏହା ଫଳରେ ୧୦ମ ମୁକାବିଲାରୁ ତୃତୀୟ ବିଜୟ ସହ ମୁମ୍ବଇ ପଏଣ୍ଟ ତାଲିକାର ୯ମ ଓ ଏଲ୍‌ଏସ୍‌ଜି ୧୦ମ ସ୍ଥାନରେ ପୂର୍ବପରି ରହିଛନ୍ତି। ଏହି ମ୍ୟାଚ୍‌ରେ ବିସ୍ଫୋରକ ଅର୍ଦ୍ଧଶତକ ସହ ଫର୍ମକୁ ଫେରିଥିବା ୱେଷ୍ଟଇଣ୍ଡିଆନ୍ ବ୍ୟାଟର ନିକୋଲସ ପୂରନ ୨୧ଟି ବଲ୍‌ରୁ ଗୋଟିଏ ଚୌକା ଓ ୮ଟି ଛକା ସହ ୬୩ ରନ୍ କରିବା ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଏଲ୍‌ଏସ୍‌ଜି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୨୮ରନ୍ କରିଥିଲା। ଜବାବରେ ରିକେଲଟନ ୩୨ବଲ୍‌ରୁ ୬ଚୌକା ଓ ୮ଛକା ସହ ୮୩ ଏବଂ ରୋହିତ ୪୪ବଲ୍‌ରୁ ୬ଚୌକା ଓ ୭ଛକା ସହ ୮୪ରନ୍ କରିବା ଫଳରେ ମୁମ୍ବଇ ୧୮.୪ ଓଭରରେ ୪ୱିକେଟ ହରାଇ ୨୨୯ରନ୍ କରିବା ସହ ବିଜୟୀ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନମନ ଧୀର ୧୨ବଲ୍‌ରୁ ଅପରାଜିତ ୨୩ ଏବଂ ଛକା ମାରି ଦଳକୁ ଜିତାଇଥିବା ୱିଲ ଜ୍ୟାକ୍ସ ୪ବଲ୍‌ରୁ ୧୦ରନ୍ କରି ଅପରାଜିତ ରହିଥିଲେ। ତିଲକ ବର୍ମା ୧୧, ସୂର୍ଯ୍ୟକୁମାର ଯାଦବ ୧୨ରନ୍ କରି ଫେଲ୍ ମାରିଥିଲେ।


ରୋହିତ ଶର୍ମା


ରିୟାନ ରିକେଲଟନ

ପୂର୍ବରୁ ଏଲ୍‌ଏସ୍‌ଜି ୨୯ରନ୍‌ରେ ଡେବ୍ୟୁଟାଣ୍ଟ ଜୋଶ୍ ଇଂଲିଶ (୧୩)ଙ୍କ ୱିକେଟ ହରାଇବା ପରେ ମିଚେଲ ମାର୍ଶ ଓ ନିକୋଲସ ପୂରନ ଦ୍ୱିତୀୟ ୱିକେଟରେ ୩୪ବଲ୍‌ରୁ ୯୪ ରନ୍ ଉଠାଇ ଦଳକୁ ଏକ ବିଶାଳ ସ୍କୋରର ମୂଳଦୁଆ ପକାଇଥିଲେ। ମିଚେଲ ମାର୍ଶ ୨୫ବଲ୍‌ରେ ୪୪ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିମ୍ମତ ସିଂ ୩୧ବଲ୍‌ରେ ୪୦ ଓ ଆଇଡେନ୍ ମାରକ୍ରମ ୨୫ବଲ୍‌ରେ ୩୧ରନ୍ କରି ଅପରାଜିତ ରହିଥିଲେ। ଏମାନେ ଅବିଭକ୍ତ ୬ଷ୍ଠ ୱିକେଟ ଯୋଡିରେ ୪୭ବଲ୍‌ରୁ ୬୮ରନ୍ ଉଠାଇବା ଫଳରେ ଏଲ୍‌ଏସ୍‌ଜି ୨୦୦ ରନ୍ ମାର୍କ ଅତିକ୍ରମ କରିଥିଲା।

### ଆଜିର ଆଇପିଏଲ୍ ମ୍ୟାଚ୍

ଚେନ୍ନଇ ବନାମ ଦିଲ୍ଲୀ
ଭେନ୍ୟୁ - ଦିଲ୍ଲୀ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ସଂକ୍ଷିପ୍ତ ସ୍କୋର

**ଲକ୍ଷ୍ନୌ ସୁପର ଜାଏଣ୍ଟସ**: ୨୨୮/୫, ୨୦ଓଭର (ନିକୋଲସ ପୂରନ-୬୩, ମିଚେଲ ମାର୍ଶ-୪୪, ହିମ୍ମତ ସିଂ-୪୦*, ଆଇଡେନ ମାରକ୍ରମ-୩୧*, କର୍ବିନ ବୋଶ୍-୨/୨୦)।

**ମୁମ୍ବଇ ଇଣ୍ଡିଆନ୍ସ**: ୨୨୯/୪, ୧୮.୪ଓଭର (ରିୟାନ ରିକେଲଟନ-୮୩, ରୋହିତ ଶର୍ମା-୮୪, ନମନ ଧୀର-୨୩*, ମନିମାରନ ସିଦ୍ଧାର୍ଥ-୨/୪୭)।

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୯ | ୬ | ୨ | ୧ | ୧୩ | +୦.୮୫୫ |
| ବେଙ୍ଗାଲୁରୁ | ୯ | ୬ | ୩ | ୦ | ୧୨ | +୧.୪୨୦ |
| ହାଇଦରାବାଦ | ୧୦ | ୬ | ୪ | ୦ | ୧୨ | +୦.୬୪୪ |
| ରାଜସ୍ଥାନ | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ | ୧୦ | ୬ | ୪ | ୦ | ୧୨ | -୦.୧୪୭ |
| ଚେନ୍ନଇ | ୯ | ୪ | ୫ | ୦ | ୮ | +୦.୦୦୫ |
| ଦିଲ୍ଲୀ | ୯ | ୪ | ୫ | ୦ | ୮ | -୦.୮୯୫ |
| କୋଲକାତା | ୯ | ୩ | ୫ | ୧ | ୭ | -୦.୫୩୯ |
| ମୁମ୍ବଇ | ୧୦ | ୩ | ୭ | ୦ | ୬ | -୦.୬୪୯ |
| ଲକ୍ଷ୍ନୌ | ୯ | ୨ | ୭ | ୦ | ୪ | -୧.୦୭୬ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

# ମାଦ୍ରିଦ ଓପନ୍ ଜିତି ସିନ୍ନରଙ୍କ ରେକର୍ଡ



ମାଦ୍ରିଦ, ୪।୫ (ଏଜେନ୍ସି): ବିଶ୍ୱର ଏକ ନମ୍ବର ଟେନିସ ଖେଳାଳି ଜାନିକ ସିନ୍ନର କ୍ୟାରିୟରର ପ୍ରଥମଥର ଲାଗି ମାଦ୍ରିଦ ଓପନ୍ ଟାଇଟଲ୍ ଜିତିଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସିନ୍ନର ୬-୧, ୬-୨ ସିଧାସଳଖ ସେଟ୍‌ରେ ବିଶ୍ୱର ୩ ନମ୍ବର ଖେଳାଳି ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ଏହି ମ୍ୟାଚ୍ ଜିତିବାକୁ ସିନ୍ନରଙ୍କୁ ମାତ୍ର ୫୮ ମିନିଟ ସମୟ ଲାଗିଥିଲା। ଇଟାଲୀର ସିନରଙ୍କ ଏହା କ୍ରମାଗତ ପଞ୍ଚମ ମାଷ୍ଟର-୧୦୦୦ ଟାଇଟଲ୍। ଏଥିପୂର୍ବରୁ ସେ ଚଳିତ ବର୍ଷ ଇଣ୍ଡିଆନ ୱେଲ୍ସ, ମିଆମି ଓ ମୋଣ୍ଟେ କାର୍ଲୋରେ ବାଜିମାତ୍ କରିଥିଲେ। ସେହିଭଳି ୫ ମାସ ତଳେ ଫ୍ରେଞ୍ଚ ଓପନ୍‌ରେ ଚାମ୍ପିଅନ ହୋଇଥିଲେ। ଫଳରେ ବିଶ୍ୱର ପ୍ରଥମ ପୁରୁଷ ଟେନିସ ଖେଳାଳି ଭାବେ ୨୪ ବର୍ଷୀୟ ସିନର କ୍ରମାଗତ ୫ଟି ମାଷ୍ଟର-୧୦୦୦ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ନୋଭାକ ଜୋକୋଭିଚ ଓ ରାଫେଲ ନାଡାଲ କ୍ରମାଗତ ୪ଟି ମାଷ୍ଟର୍ସ ଜିତି ଏହି ରେକର୍ଡର ଅଧିକାରୀ ରହିଥିଲେ।

# କିମି ଆଣ୍ଟୋନେଲି ଜିତିଲେ ମିଆମି ଗ୍ରାଁ ପ୍ରି



ମିଆମି,୪।୫(ଏଜେନ୍ସି): ବିଶ୍ୱର ପ୍ରଥମ ଡ୍ରାଇଭର ଭାବେ ଇଟାଲୀର କିମି ଆଣ୍ଟୋନେଲି ଏଠାରେ ଅନୁଷ୍ଠିତ ମିଆମି ଓପନ ଗ୍ରାଁ ଚାମ୍ପିଅନ ହୋଇଛନ୍ତି। ଏହା ଫଳରେ ସେ ବିଶ୍ୱର ପ୍ରଥମ ଖେଳାଳି ଭାବେ ପୋଲ ପୋଜିସନ ହାସଲ କରିବା ପରେ ଟାଇଟଲ ଜିତିବାରେ ସମର୍ଥ ହୋଇ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ମର୍ସିଡିଜ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କିମି ଓ ଜର୍ଜ ରସେଲ ଗତ ୪ଟି ଫର୍ମୁଲା ୱାନ୍ ରେସ୍‌ରେ ପୋଲ ପୋଜିସନ ହାସଲ କରିବା ସହ ଚାମ୍ପିଅନ ହୋଇଛନ୍ତି। କିନ୍ତୁ ଏଠରେ ଅନୁଷ୍ଠିତ ସ୍ପ୍ରିଣ୍ଟ ରେସ୍‌ରେ ମ୍ୟାକ୍‌ଲରେନ୍‌ର ଡ୍ରାଇଭର ଲାଣ୍ଡୋ ନୋରିସ୍ ଓ ଓସ୍କାର ପିଆଷ୍ଟ୍ରି ପ୍ରଥମ ଦୁଇଟି ସ୍ଥାନରେ ରହିଥିଲେ। ଚଳିତ ସିଜନରେ ମର୍ସିଡିଜ୍ ଏହି ଇଭେଣ୍ଟରେ କୌଣସି ସଫଳତା ପାଇ ପାରି ନାହିଁ।

# ଦ୍ୱିତୀୟଥର ପିଏସଏଲ୍ ଟାଇଟଲ୍ ଜିତିଲା ପେଶାୱର

ଲାହୋର, ୪।୫ (ଏଜେନ୍ସି): ପାକିସ୍ତାନ ସୁପର୍ ଲିଗ୍ (ପିଏସଏଲ୍)ର ଏକାଦଶ ସଂସ୍କରଣରେ ପେଶାୱାର ଜାଲମି ଚାମ୍ପିଅନ ହୋଇଛି। ରବିବାର ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲରେ ପେଶାୱାର ୫ ୱିକେଟରେ ହାଇଦରାବାଦ କିଙ୍ଗ୍‌ସମେନ ଦଳକୁ ପରାସ୍ତ କରିଥିଲା। ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ଆରୋନ ହାର୍ଡି (୪ ୱିକେଟ୍ ଓ ଅପରାଜିତ ୫୬ ରନ) ଦମଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ପେଶାୱାରଙ୍କୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମାର୍ନସ ଲାବୁଶ୍ୱେନଙ୍କ ନେତୃତ୍ୱାଧୀନ ହାଇଦରାବାଦ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୧୨୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସଇମ ଆୟୁବ ସର୍ବାଧିକ ୫୦ ବଲରେ ୫୪ ରନ କରିଥିଲେ। ଜବାବରେ ପେଶାୱାର ୧୫.୨ ଓଭରରେ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ହାର୍ଡି ୩୯ ବଲରେ ଅପରାଜିତ ୫୬ ରନ କରି ଦଳକୁ ଚାମ୍ପିଅନ କରାଇଥିଲେ। ଅଧିନାୟକ ବାବର ଆଜମ ଖାତା ଖୋଲିବାରେ ବିଫଳ ହୋଇଥିଲେ। ପ୍ରତିପକ୍ଷ ବୋଲର ମହମ୍ମଦ ଅଲିଙ୍କୁ ୩ଟି ୱିକେଟ ମିଳିଥିଲା। ଚାମ୍ପିଅନ ପେଶାୱାର ଦଳକୁ ଟ୍ରଫି ସହ ୫ ଲକ୍ଷ ଡଲାର (ଭାରତୀୟ ମୁଦ୍ରାରେ ୪.୭୪ କୋଟି) ଓ ହାଇଦରାବାଦକୁ ୩ ଲକ୍ଷ ଡଲାର (୨.୮୪ କୋଟି ଟଙ୍କା) ପୁରସ୍କାର ପ୍ରଦାନ କରାଯାଇଥିଲା।

# ଦକ୍ଷିଣ କୋରିଆ ଉବର ଓ ଚୀନ୍ ଥୋମାସ କପ୍ ଚାମ୍ପିଅନ

କୋପେନହେଗେନ୍,୪।୫(ଏଜେନ୍ସି): ହର୍ସେନଠାରେ ଚାଲିଥିବା ଟିମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ମହିଳା ବିଭାଗ ଟିମ୍ ଚାମ୍ପିଅନସିପ୍‌ରେ ଦକ୍ଷିଣ କୋରିଆ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଫାଇନାଲରେ ଦକ୍ଷିଣ କୋରିଆ ୩-୧ ସେଟ୍‌ରେ ଶକ୍ତିଶାଳୀ ଚୀନ୍‌କୁ ପରାସ୍ତ କରିଥିଲା। କିନ୍ତୁ ପୁରୁଷ ବିଭାଗରେ ଚୀନ୍ ଥୋମାସ କପ୍ ବଜାୟ ରଖିବାରେ ସମର୍ଥ ହୋଇଛି। ଫାଇନାଲରେ ଚୀନ୍ ମଧ୍ୟ ୩-୧ ବ୍ୟବଧାନରେ ଚ୍ୟାଲେଞ୍ଜର ଫ୍ରାନ୍ସକୁ ପରାସ୍ତ କରି ଟାଇଟଲ ବଜାୟ ରଖିଥିଲା। ପ୍ରଥମଥର ଲାଗି ଫ୍ରାନ୍ସ ବିଶ୍ୱର ଏହି ଶକ୍ତିଶାଳୀ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲା। ଏଥିରେ ଭାରତ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛି।

## ଓସିଏ ଆନ୍ତଃଜିଲ୍ଲା ମହିଳା ଟି-୨୦

# ଭୁବନେଶ୍ୱରକୁ ହରାଇ ବଲାଙ୍ଗିର ଚାମ୍ପିଅନ




ଭୁବନେଶ୍ୱର, ୪।୫ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ମହିଳା ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଆଇକନିକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ତାରକା ଖଚିତ ଭୁବନେଶ୍ୱରକୁ ୬ ୱିକେଟରେ ପରାସ୍ତ କରି ବଲାଙ୍ଗିର ଚାମ୍ପିଅନ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭୁବନେଶ୍ୱର ମହିଳା ଦଳ ୨୦ ଓଭରରେ ୪ ୱିକେଟ୍ ହରାଇ ୧୦୬ ରନର ଛୋଟିଆ ସ୍କୋର କରିଥିଲା। ଦଳ ପକ୍ଷରୁ ପ୍ରଜ୍ଞାନ ମହାନ୍ତି ୪୬ ବଲରେ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜବାବରେ ବଲାଙ୍ଗିର ୧୫ଟି ବଲ୍ ବାକି ଥାଇ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ୪୫ ବଲରେ ୪୬ ରନର ପାଳି ଖେଳି ମାଧୁରୀ ମେହେଟା ବଲାଙ୍ଗିରକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭୁବନେଶ୍ୱରର ନିବେଦିତା ନାଏକ ୨ଟି ୱିକେଟ ନେଇଥିଲେ। ମାଧୁରୀଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଚାମ୍ପିଅନ ବଲାଙ୍ଗିର ଦଳକୁ ଟ୍ରଫି ସହ ୩ ଲକ୍ଷ ଟଙ୍କା ଏବଂ ଭୁବନେଶ୍ୱରକୁ ୨ ଲକ୍ଷ ଟଙ୍କା ପୁରସ୍କାର ଦିଆଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓସିଏ ସଦସ୍ୟ ଧୀରେନ ପଲାଇ, ସୁଶାନ୍ତ କୁମାର ମହାନ୍ତି ଓ ନିର୍ବାଣ ରୟ ଉପସ୍ଥିତ ରହିଥିଲେ। ଏପ୍ରିଲ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୩୦ଟି ଜିଲ୍ଲା ଦଳ ଅଂଶଗ୍ରହଣ କରିଥିଲେ।

# ଇଣ୍ଟର ମିଲାନକୁ ସେରୀ-ଏ ଟାଇଟଲ

ମିଲାନ୍,୪।୫(ଏଜେନ୍ସି): ଇଣ୍ଟର ମିଲାନ ଇଟାଲୀର ସର୍ବୋଚ୍ଚ କ୍ଲବ୍ ଫୁଟବଲ ଚାମ୍ପିଅନସିପ୍ ସେରୀ-ଏ' ଟାଇଟଲ ବିଜୟୀ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଇଣ୍ଟର ମିଲାନ ୨-୦ ଗୋଲରେ ପାର୍ମାକୁ ହରାଇ ୨୧ଥର ଲାଗି ଏହି ଟାଇଟଲ କବ୍‌ଜା କରିଥିଲେ। ପାର୍ମାକୁ ହରାଇବା ପରେ ଇଣ୍ଟରର ପଏଣ୍ଟ ସଂଖ୍ୟା ୮୨ରେ ପହଞ୍ଚିଛି ଓ ଏହା ଦ୍ୱିତୀୟ ସ୍ଥାନରେ ଥିବା ନାପୋଲିଠାରୁ ୧୨ ପଏଣ୍ଟ ଆଗୁଆ ରହିଛି। ଏହା ଫଳରେ ପରବର୍ତ୍ତୀ ମ୍ୟାଚ୍ ଗୁଡିକର ଫଳାଫଳ ଯାହା ହେଉନା କାହିଁକି, ନାପୋଲି ଆଉ ଇଣ୍ଟରର ପଏଣ୍ଟ ସଂଖ୍ୟା ଅତିକ୍ରମ କରିବା ସମ୍ଭବ ହେବ ନାହିଁ। ବିଜୟୀ ଇଣ୍ଟର ପକ୍ଷରୁ ମାର୍କସ ଥୁରମ ଓ ହେନ୍‌ରିକ୍ ମିଖିତାରାୟନ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

## ପବିତ୍ର ମହାନ୍ତି ସ୍ମାରକୀ ରାଜ୍ୟ ସ୍କୁଲ୍ ଚେସ୍

# ସତ୍ୟମ୍ ଚାମ୍ପିଅନ, ଧ୍ରୀତିମାନ୍ ରନର୍ସଅପ୍



ଭୁବନେଶ୍ୱର,୪।୫(ସମିସ)

ସତ୍ୟମ ସ୍ୱରୂପ ସାହୁ ୬ଷ୍ଠ ପବିତ୍ର ମୋହନ ସ୍ମାରକୀ ରାଜ୍ୟ ଓପନ ସ୍କୁଲ ଚେସ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସର୍ବାଧିକ ୪.୫ ପଏଣ୍ଟ ପାଇ ପ୍ରଥମସ୍ଥାନରେ ରହିଥିଲେ। ତାଙ୍କ ପଛକୁ ଦୁଇଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ଫ୍ୟୁଚର ଭୁବନେଶ୍ୱର ସ୍କୁଲ୍‌ର ଧ୍ରୀତିମାନ ଦେ' ରନର୍ସଅପ୍ ଓ ୟୁନିଟ-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶନନ୍ଦ ଗୋସ୍ୱାମୀ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ଭୁବନେଶ୍ୱର ଏମ୍‌ବିଏସ୍ ପବ୍ଲିକ୍ ସ୍କୁଲ୍‌ର ଶ୍ରେୟାଂଶ ଦେଓ ଚତୁର୍ଥ ଓ ନୂଆପଲ୍ଲୀ ନାରାୟଣ ପବ୍ଲିକ୍ ସ୍କୁଲ୍‌ର ଆୟାବନ୍ତ ମହାନ୍ତି ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତା ଶେଷରେ କେଶୁରା ପବ୍ଲିକ୍ ସ୍କୁଲ୍‌ର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପାରମିତା ସାହୁ ଓ ଓଡ଼ିଶା ରାଜ୍ୟ ଚେସ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ସ୍ୱର୍ଗତ ପବିତ୍ରମୋହନ ମହାନ୍ତି ରାଜ୍ୟର ଜଣେ ଶ୍ରେଷ୍ଠ ଚେସ୍ ଖେଳାଳିଭାବେ ପ୍ରତିଷ୍ଠା ଲାଭ କରିଥିଲେ। ସେ ୧୬ଥର ରାଜ୍ୟ ସିନିଅର ଚେସ ଚାମ୍ପିଅନ ହୋଇଥିଲାବେଳେ ୨ଥର ନ୍ୟାସନାଲ-ବି' ଚେସ୍ ଚାମ୍ପିଅନ ଓ ଥରେ ନ୍ୟାସନାଲ-ଏ' ରନର୍ସଅପ୍ ହୋଇଥିଲେ। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରୁ ଅବସର ନେବା ପରେ ସେହିଠାରେ ଇହଧାମ ପରିତ୍ୟାଗ କରିଥିଲେ।

# ବାରବାଟୀରେ ଦୌଡ଼କୁଦ ପ୍ରଶିକ୍ଷଣ ଶିବିର




ଭୁବନେଶ୍ୱର,୪।୫(ସମିସ): ଓଡ଼ିଶା ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ୩ ସପ୍ତାହବ୍ୟାପୀ ଦୌଡ଼କୁଦ ପ୍ରଶିକ୍ଷଣ ଶିବିର ବାରବାଟୀ ଷ୍ଟାଡିୟମ୍ ପରିସରରେ ଆଜିଠାରୁ ଆରମ୍ଭ ହୋଇଛି। ଏହି ଶିବିରକୁ ଅନ୍ତର୍ଜାତୀୟ ମାରାଥନ ଦୌଡାଳି ବିବେକାନନ୍ଦ ତ୍ରିପାଠୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ଅନ୍ତର୍ଜାତୀୟ ଆଥ୍‌ଲେଟ ଫାରୁକ ଅଲି ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଶିବିରରେ ଖେଳାଳିଙ୍କ ଦକ୍ଷତା ଉନ୍ନତି ସହ ଓଡ଼ିଶା ଆଥ୍‌ଲେଟିକ୍ ଏକାଡେମୀର ଦ୍ୱିତୀୟ ବ୍ୟାଚ୍ ଲାଗି ପ୍ରତିଯୋଗୀ ଚୟନ କରାଯିବ। ଏହି ଶିବିରକୁ ଓଡ଼ିଶାର ବିଶିଷ୍ଟ ଆଥଲେଟିକ୍ କୋଚ୍ ଅରୁଣ ଦାଶ, ନୀଳମାଧବ ଦେଓ, ଚିତ୍ତରଞ୍ଜନ ମହାପାତ୍ର, ଏସ୍‌ପି ବର୍ମା ଏବଂ ବିମଳଚନ୍ଦ୍ର ସେଠୀ ପରିଚାଳନା କରିବେ। ଆଜିର ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ଆଥଲେଟିକ୍ ସଂଘ ସମ୍ପାଦକ ଅଭିଜିତ ପାଲ ପରିଚାଳନା କରିବା ସହ ସ୍ୱାଗତ ଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS